# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨/୨୦୨୬ (୧୨ ପୃଷ୍ଠା) | Bhubaneswar, Monday, March 2/2026 | Page 12 | ₹ 7.00 | SAMBALPUR

୫୨ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 98 | ମୂଲ୍ୟ ₹୭/-




## ଭାରତୀୟ ହକି ଦଳରେ ସୁନେଲିତା

ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର ପାଇଁ ମନୋନୀତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଏକମାତ୍ର ଖେଳାଳି ସୁନେଲିତା ଟୋପ୍ପୋ ।

୧୨

୦୫

## ଆବୁଧାବିରେ ଫସିଛନ୍ତି ଈଶା ଗୁପ୍ତା

ଆମେରିକା-ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ପରିପ୍ରେକ୍ଷୀରେ ଅଭିନେତ୍ରୀ ଈଶା ଗୁପ୍ତା ଆବୁଧାବିରେ ଅଟକି ରହିଛନ୍ତି।



# ହୋର୍ମୁଜ ଷ୍ଟ୍ରେଟ୍‌ରେ ସଙ୍କଟ

- ତୈଳ ଟ୍ୟାଙ୍କରକୁ ଇରାନ୍‌ର ଆକ୍ରମଣ
- ରହିଛନ୍ତି ୧୫ ଭାରତୀୟ କ୍ରିଉ
- ବଢ଼ିପାରେ ତୈଳ ଦର

ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିବା ସ୍ପଷ୍ଟ ହେବା ପରେ ରବିବାର ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ତେହରାନ୍ ଆକ୍ରମଣ କରିଛି। ଉକ୍ତ ଟ୍ୟାଙ୍କରରେ ଥିବା ୨୦ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ହେଉଛନ୍ତି ଭାରତୀୟ। ଏହି ଅତର୍କିତ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ବିଶ୍ୱ ତୈଳ ଯୋଗାଣର ୨୦-୩୦% ହାର୍ମୁଜ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ମଧ୍ୟପ୍ରାଚ୍ୟର ତୈଳ ରପ୍ତାନିକାରୀ ରାଷ୍ଟ୍ର ସାଉଦି ଆରବ, ଇରାକ୍ ଏବଂ ୟୁଏଇର ସର୍ବାଧିକ ତୈଳ ଏହି ପ୍ରଣାଳୀ ଦେଇ ଯାଇଥାଏ। ଯୁଦ୍ଧ ଲାଗିରହିଲେ ଇରାନ୍ ହୋର୍ମୁଜ ପ୍ରଣାଳୀ ବନ୍ଦ କରିଦେବା ଆଶଙ୍କା ରାହିଛି। ତେଣୁ ଯୁଦ୍ଧ ଅବଧି ବୃଦ୍ଧି ତୈଳ ଦରକୁ ୯୦ ଡଲାରରେ ପହଞ୍ଚାଇପାରେ। ପ୍ରାକୃତିକ ବାଷ୍ପ ଦର ମଧ୍ୟ ବଢ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏପରି ହେଲେ ଭାରତରେ କେବଳ ତୈଳ ନୁହେଁ, ଅନ୍ୟ ଆବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ମଧ୍ୟ ବଢ଼ିବା ଆଶଙ୍କା କରାଯାଉଛି।




ଦୁବାଇ/ ୱାଶିଂଟନ୍/ ତେହରାନ୍,୧।୩ (ଏ.ପି./ ଅଲ୍‌ଜଜିରା)

ଆମେରିକା ଓ ଇସ୍ରାଏଲ୍‌ର ଜଏଣ୍ଟ ଅପରେଶନ୍‌ରେ ଶନିବାର ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିବା ସ୍ପଷ୍ଟ ହୋଇଛି। କେବଳ ଖାମେନେଇ ନୁହନ୍ତି, ତାଙ୍କ ସେନା, ଗୋଇନ୍ଦା ଏଜେନ୍ସି ଏବଂ ପରିବାରର କେତେଜଣ ସଦସ୍ୟ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ରବିବାର ଇସ୍ରାଏଲ୍ ସମେତ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରିଛି। କେବଳ ଏତିକି ନୁହେଁ, ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ମଧ୍ୟ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଆକ୍ରମଣ କରାଯାଇଛି। ଓମାନ୍‌ର ମୁସାଦାମ୍‌ଠାରୁ ପ୍ରାୟ ୫ ନଟିକାଲ ମାଇଲ୍ ଦୂରରେ ଥିବା କସାବ ବନ୍ଦରରେ ଏହି ତୈଳ ଭେସେଲ୍‌କୁ ଟାର୍ଗେଟ କରାଯାଇଥିଲା। ଫଳରେ ସେଥିରେ ନିଆଁ ଲାଗିଯାଇଥିଲା। ଭେସେଲ୍‌ରୁ କଳା ଧୂଆଁ ବାହାରି ସମ୍ପୃକ୍ତ ଅଞ୍ଚଳର ଆକାଶକୁ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳିଥିଲା। ଛୋଟ ଜାହାଜଟି ପରେ ବୁଡ଼ିଯାଇଥିବା ଏକ ଇରାନୀୟ ଟିଭି ଚ୍ୟାନେଲ ଦାବି କରିଥିଲା। ଉକ୍ତ ଟ୍ୟାଙ୍କରରେ ୧୫ ଭାରତୀୟ ଓ ୫ ଇରାନୀୟ ଥିଲେ। ଆକ୍ରମଣରେ ୪ ଜଣ ଆହତ ହୋଇଥିବାବେଳେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ଆହତମାନଙ୍କୁ ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

VOLLEYBALL WORLD BEACH PRO TOUR | FIVB | KHELO INDIA | KISS | Government Of India

FIVB

1st TIME in INDIA in a University Campus

WORLD BEACH VOLLEYBALL CHAMPIONSHIP 2026 (MEN & WOMEN)

Proudly Hosted By KIIT UNIVERSITY Bhubaneswar, Odisha

4th-8th March, 2026 | KIIT, BHUBANESWAR, ODISHA



52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND

Participating Countries:

Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in | KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in



ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁରେ ଇରାନୀୟ ମହିଳା ଶୋକ କରୁଛନ୍ତି।




ଅଷ୍ଟ୍ରେଲିଆରେ ଥିବା ଇରାନୀୟ ନାଗରିକ ସିଡ୍‌ନୀଠାରେ ଖୁସି ମନାଉଛନ୍ତି ।

# ଖାମେନେଇଙ୍କ ମୃତ୍ୟୁରେ ଭାରତରେ ବିକ୍ଷୋଭ

**ଶ୍ରୀନଗର/ଲକ୍ଷ୍ନୌ, ୧।୩**

ଇସ୍ରାଏଲ୍-ଆମେରିକାର ମିଳିତ ଆକ୍ରମଣରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ଘଟଣାରେ ଭାରତର କଶ୍ମୀରଠାରୁ କର୍ନାଟକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିଆ ସମ୍ପ୍ରଦାୟର ଲୋକମାନେ ରାସ୍ତାକୁ ଓହ୍ଲାଇବା ସହ ଖାମେନେଇଙ୍କ ମୃତ୍ୟୁରେ ସେମାନଙ୍କ ଦୁଃଖ ଓ କ୍ରୋଧ ପ୍ରକାଶ କରିଛନ୍ତି। ଶନିବାର ସକାଳେ ତେହରାନ୍‌ରେ ଏୟାରଷ୍ଟ୍ରାଇକ୍‌ରେ ଖାମେନେଇ ନିହତ ହୋଇଥିବା ଇରାନୀୟ ଗଣମାଧ୍ୟମ ରବିବାର ସ୍ପଷ୍ଟ କରିବା ପରେ ଭାରତ ସମେତ ବିଶ୍ୱବ୍ୟାପୀ ବିକ୍ଷୋଭ ଓ ଶୋକ ପ୍ରକାଶ ପାଇଛି। କଶ୍ମୀରରେ ଶିଆ ସମ୍ପ୍ରଦାୟର ପ୍ରାୟ ୧୫ ଲକ୍ଷ ଲୋକ ରହୁଥିବାବେଳେ ସେମାନେ ଲାଲ୍‌ଚୌକ, ସାଇଦା କାଡାଲ, ବଡ୍‌ଗାମ୍, ବନ୍ଦିପୋରା, ଅନନ୍ତନାଗ ଏବଂ ପୁଲ୍‌ୱାମାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଛାତି ବାଡ଼େଇ ଆମେରିକା ଏବଂ ଇସ୍ରାଏଲ୍



ଆୟାତୋଲ୍ଲା ଅଲୀ ଖାମେନେଇ

ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଇରାନ ଘଟଣାରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଲୋକମାନଙ୍କୁ ଶାନ୍ତ ରହିବା ପାଇଁ କହିଛନ୍ତି। ଉତ୍ତେଜନା କମ୍ବା ଅଶାନ୍ତି ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନ କରିବାକୁ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ

## କଶ୍ମୀର ବନ୍ଦ ପାଇଁ ଏମ୍‌ଏମ୍‌ୟୁର ଡାକରା

ଅବଦୁଲ୍ଲା ପ୍ରଶାସନକୁ ସମ୍ବେଦନଶୀଳତାର ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଛନ୍ତି। କଶ୍ମୀରର ମୁଖ୍ୟ ମୌଲବୀ ମିର୍‌ୱେଜ୍ ଉମର ଫାରୁକ୍ ଇରାନ ସୁପ୍ରିମ ଲିଡରଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟବାସୀ ମିଳିତ ଭାବେ ଏହି ନିଷ୍ଠୁର ଆକ୍ରମଣକୁ ନିନ୍ଦା କରିବାକୁ ଆହ୍ୱାନ ଦେଇଛନ୍ତି। ତାଙ୍କ ନେତୃତ୍ୱାଧୀନ ଇସ୍‌ଲାମୀୟ ଧର୍ମୀୟ ସଂଗଠନ ମୁତାହିଦା ମଜଲିସ୍-ଇ-ଉଲମା (ଏମ୍‌ଏମ୍‌ୟୁ) ଖାମେନେଇଙ୍କ ହତ୍ୟା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ସୋମବାର କଶ୍ମୀର ବନ୍ଦ ପାଇଁ ଆହ୍ୱାନ ଦେଇଛି।

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ବାରା ଇମାମବାରା ମସ୍‌ଜିଦ ନିକଟରେ ବହୁସଂଖ୍ୟାରେ ଲୋକ ଏକାଠି ହୋଇ ବିକ୍ଷୋଭ କରିବା ସହ ଇରାନ ସୁପ୍ରିମଲିଡରଙ୍କ ଫଟୋ ଧରି ମହିଳାମାନେ କାନ୍ଦୁଥିବା ଦେଖାଯାଇଛି। ସୋମବାର ବିକ୍ଷୋଭ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ଅଲ୍ ଇଣ୍ଡିଆ ଶିଆ ପର୍ସୋନାଲ ଲ' ବୋର୍ଡର ସାଧାରଣ ସମ୍ପାଦକ ମୌଲାନା ୟାସୁବ ଆବ୍ବାସ ଘୋଷଣା କରିଛନ୍ତି। ଶିଆ ସମ୍ପ୍ରଦାୟ ପକ୍ଷରୁ ୩ ଦିନିଆ ଶୋକ ଘୋଷଣା କରାଯାଇଛି। ଏହି ସମୟରେ ଲୋକେ କଳା ପୋଷାକ ପିନ୍ଧିବା ସହ ଘରେ କଳା ପତାକା ଲଗାଇବେ ଏବଂ ସ୍ୱତନ୍ତ୍ର ନମାଜ ପାଠ ଆୟୋଜନ କରିବେ। ସେହିପରି ପଞ୍ଜାବର ଲୁଧିଆନାରେ ମୁସଲମାନମାନେ ବିକ୍ଷୋଭ କରିବା ସହ କୁଶ ପୁତ୍ତଳିକା ଦାହ କରିଛନ୍ତି। କେନ୍ଦ୍ର ସରକାର ସପ୍ତାହେ ଜାତୀୟ ଶୋକ ପାଳନ ପାଇଁ ଘୋଷଣା କରିବାକୁ ଶାହି ଇମାମ ମୌଲାନା ମହମ୍ମଦ ଉସ୍‌ମାନ ରହମାନି ଲୁଧିଆନଭି ଦାବି କରିଛନ୍ତି। ସେ ଖାମେନେଇଙ୍କୁ ଶହୀଦ କହିବା ସହ ତାଙ୍କ ନିଧନକୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି। ଏହି ଚ୍ୟାଲେଞ୍ଜ ବିରୋଧରେ ବିଶ୍ୱବ୍ୟାପୀ ମୁସଲମାନ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ସେହିପରି ନୂଆଦିଲ୍ଲୀ, ବିହାର, ଝାଡ଼ଖଣ୍ଡ ଏବଂ ତେଲଙ୍ଗାନାରେ ବିକ୍ଷୋଭକାରୀମାନେ ଖାମେନେଇଙ୍କ ପୋଷ୍ଟର ଧରି ଆମେରିକା ଓ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏକଦା ଖାମେନେଇ କର୍ନାଟକର ଚିକ୍କବଲ୍ଲପୁର ଜିଲ୍ଲାକୁ ଆସିଥିବାବେଳେ ସେଠାରେ ରବିବାର ଲୋକେ ନୀରବତା ପାଳନ କରିବା ସହ ସ୍ୱେଚ୍ଛାକୃତ ଭାବେ ଦୋକାନବଜାର ବନ୍ଦ କରିଥିଲେ। ଶିଆ ସୁପ୍ରିମ ଲିଡରଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ସେଠାର ଗ୍ରାମବାସୀମାନେ ୩ ଦିନିଆ ଶୋକ ଘୋଷଣା କରିଛନ୍ତି ଏବଂ ଉତ୍ସବ ଓ ସାଧାରଣ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।

# ଉପସାଗରୀୟ ଦେଶକୁ ଇରାନ୍‌ର ଟାର୍ଗେଟ

**ତେହରାନ୍, ୧।୩**

ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଶନିବାର ଇରାନ ଉପରେ ଆକ୍ରମଣ କରିବା ପରେ ଇରାନ ସେନା ପକ୍ଷରୁ ଇସ୍ରାଏଲ ସମେତ ଉପସାଗରୀୟ ଅଞ୍ଚଳର ବହୁ ଇସ୍‌ଲାମିକ୍ ରାଷ୍ଟ୍ର ଉପରେ ଆକ୍ରମଣ କରାଯାଇଥିଲା। ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଆଦି ଦେଶରେ ରହିଥିବା ଆମେରିକୀୟ ସାମରିକ ବେସ୍‌ଗୁଡ଼ିକୁ ଟାର୍ଗେଟ କରି ଇରାନ ସେନା କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିନ୍ତୁ ମଧ୍ୟରାତ୍ରରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ନିହତ ଖବର ସ୍ପଷ୍ଟ ହେବା ପରେ ଇରାନ ଏହିସବୁ ଦେଶ ଉପରେ ଆକ୍ରମଣ ଆହୁରି ଜୋର୍‌ଦାର କରିଛି, ଯାହାକୁ ନେଇ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଦୁବାଇ, ଆବୁଧାବି, ରିଆଦ୍, ଦୋହା ଏବଂ ମାନାମା ଆଦି ପ୍ରମୁଖ ସହରଗୁଡ଼ିକରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବିଭିନ୍ନ ସହର ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରୁଥିବାରୁ ବିସ୍ଫୋରଣର ଶବ୍ଦରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇରାନ ଟାର୍ଗେଟରୁ ବଡ଼ ହୋଟେଲ ଏବଂ ଉଚ୍ଚ ଅଟ୍ଟାଳିକା ମଧ୍ୟ ବାଦ୍ ପଡ଼ିନାହିଁ। ଦୁବାଇ, ଆବୁଧାବି ଏବଂ ଦୋହା ଆଦି ସହରରେ ବିସ୍ଫୋରଣ ଯୋଗୁ ପ୍ରବାସୀ ନାଗରିକମାନଙ୍କ ଭିତରେ କୋକୁଆଭୟ ସୃଷ୍ଟି ହୋଇଛି। ଦୁବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ଅନେକ ବିଳାସପୂର୍ଣ୍ଣ ହୋଟେଲ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ସେପଟେ ଉପସାଗରୀୟ ଦେଶଗୁଡ଼ିକରେ ବିମାନଚଳାଚଳ ବନ୍ଦ କରିଦିଆଯାଇଥିବାରୁ ଲୋକେ ଅନ୍ୟତ୍ର ଯିବା ସମ୍ଭବ ହୋଇପାରି ନାହିଁ। ବିଭିନ୍ନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅନେକ ହଜାର ଯାତ୍ରୀ ପଡ଼ି ରହିଛନ୍ତି। ଇରାନ ସେନାର ଏଭଳି ଆଭିମୁଖ୍ୟକୁ ସାଉଦି ଆରବ, ୟୁଏଇ, କାତାର ଏବଂ ବାହାରିନ୍ ଆଦି ରାଷ୍ଟ୍ର ନିନ୍ଦା କରିଛନ୍ତି। ଇରାନ ଜାଣିଶୁଣି ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ ଚଳାଇଥିବା ସେମାନେ କହିଛନ୍ତି। ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାହେଦ୍ ଅଲ୍ ନାହିୟାନ ଇରାନ ସେନାକୁ ଦୃଢ଼ ନିନ୍ଦା କରିବା ସହ ୟୁଏଇ ଭଳି ଏକ ପଡ଼ୋଶୀ ରାଷ୍ଟ୍ରକୁ ଟାର୍ଗେଟ କରାଯିବା ଆଦୌ ସମୀଚିନ ନୁହେଁ ବୋଲି କହିଛନ୍ତି।

# ୧୨ ଘଣ୍ଟାରେ ଇରାନ୍‌ର ୯୦୦ ଠିକଣାରେ ବୋମାମାଡ଼

**ତେହରାନ୍, ୧।୩**

ଆମେରିକା ଏବଂ ଇସ୍ରାଏଲର ମିଳିତ ସେନା ଗତ ୧୨ ଘଣ୍ଟା ମଧ୍ୟରେ ଇରାନ୍‌ର ପ୍ରମୁଖ ୯୦୦ ଠିକଣାରେ ବୋମାମାଡ଼ କରିଛନ୍ତି। ଏଥିମଧ୍ୟରୁ ସର୍ବାଧିକ ଇରାନ୍‌ର ସାମରିକ ପ୍ରତିଷ୍ଠାନ ଏବଂ ଅସ୍ତ୍ର ଭଣ୍ଡାର ରହିଛି। ଏହାମଧ୍ୟରେ ଇରାନର ଏକ ଯୁଦ୍ଧ ଜାହାଜକୁ ଇସ୍ରାଏଲ ଆକ୍ରମଣ କରି ବୁଡ଼ାଇ ଦେଇଥିବା ଦାବି କରିଛି। ଅନ୍ୟପକ୍ଷରେ ଇରାନ୍ ମଧ୍ୟପ୍ରାଚ୍ୟର ବିଭିନ୍ନ ଆମେରିକୀୟ ସାମରିକ ବେସ୍ ଉପରେ ଆକ୍ରମଣ କରିବା ସହ ରବିବାର ଆରବସାଗରରେ ମୁତୟନ ହୋଇଥିବା ଆମେରିକାର ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ୍ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି। ଏହି ଜାହାଜ ଉପରେ ୪ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ୍ ସେନା ଆଇଆର୍‌ଜିସି ପକ୍ଷରୁ କୁହାଯାଇଛି। କିନ୍ତୁ



ଇରାନୀୟ ଯୁଦ୍ଧ ଜାହାଜ ଉପରେ ଆମେରିକାର ଆକ୍ରମଣ।

ଆମେରିକା ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ଅପରେଶନ ଏପିକ୍ ଫ୍ୟୁରି ବେଳେ କେବଳ ୩ ଜଣଙ୍କ ମୃତ୍ୟୁ ହୋଇଥିବା କହିଛି। ସେପଟେ ଇରାନ୍ ଆକ୍ରମଣରେ ଇସ୍ରାଏଲରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ତେବେ ଆଗକୁ ଇସ୍ରାଏଲ ଇରାନ୍ ଉପରେ ଆହୁରି ଜୋରଦାର୍ ଆକ୍ରମଣ କରିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।

# ଆକ୍ରମଣ, ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱନେତାଙ୍କ ପ୍ରତିକ୍ରିୟା

**ବ୍ରୁସେଲ୍ସ, ୧।୩**

ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଏବଂ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁକୁ ନେଇ ବିଶ୍ୱନେତାମାନେ ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ଆମେରିକାର ଆକ୍ରମଣକୁ ଅଷ୍ଟ୍ରେଲିଆ ଏବଂ କାନାଡା ଖୋଲା ସମର୍ଥନ କରିଥିବାବେଳେ ଚାଇନା ଏବଂ ରୁଷିଆ ଏହାକୁ ସମାଲୋଚନା କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଏବଂ ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମେର୍ଜ ଆମେରିକା ଏବଂ ଇରାନକୁ ପୁନର୍ବାର ଆଲୋଚନାକୁ ଫେରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆପୋସ ସମାଧାନକୁ ସେମାନେ ସମର୍ଥନ କରିଛନ୍ତି। ସେମାନଙ୍କ ଦେଶ ଇରାନ ଆକ୍ରମଣରେ ଭାଗ ନେଇନାହିଁ କିନ୍ତୁ

## ଆଲୋଚନାକୁ ଫେରିବାକୁ ଆହ୍ୱାନ

ଆମେରିକା, ଇସ୍ରାଏଲ୍ ଓ ଉକ୍ତ ଅଞ୍ଚଳର ସହଯୋଗୀମାନଙ୍କ ସହ ଯୋଗାଯୋଗରେ ରହିଛି। ଇରାନର ଆଣବିକ କାର୍ଯ୍ୟକ୍ରମ ଉପରେ ସମାଧାନରେ ପହଞ୍ଚିବାକୁ ଉକ୍ତ ୩ ଦେଶ ଉଦ୍ୟମ କରିଛନ୍ତି। ଇରାନ ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଥିବାରୁ ସେମାନେ ଏହାକୁ ନିନ୍ଦା କରିଛନ୍ତି। ଇରାନ ଅବିଚାରିତ ସାମରିକ କାର୍ଯ୍ୟାନୁଷ୍ଠାନରୁ ବିରତ ରହୁ। ଇରାନୀୟମାନଙ୍କୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଅନୁମତି ମିଳିବା ଜରୁରୀ ବୋଲି ସେମାନେ କହିଛନ୍ତି।

ଇରାରର ଆକ୍ରମଣ ବିଭିନ୍ନ ଦେଶର ସାର୍ବଭୌମତ୍ୱର ଘୋର ଉଲ୍ଲଂଘନ ବୋଲି ଆରବ ଲିଗ୍‌ର ୨୨ଟି ଦେଶ କହିଛନ୍ତି। ସେମାନେ ଶାନ୍ତି ଓ ସ୍ଥିରତା ଫେରିବା ସପକ୍ଷରେ ମତ ଦେଇଛନ୍ତି। ଇସ୍ରାଏଲ୍ ଇ ଆମେରିକାର ଆକ୍ରମଣକୁ ଉକ୍ତ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ସେମାନଙ୍କ ଆକ୍ରଣ ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବ ବୋଲି ଆରବ ରାଷ୍ଟ୍ରଗୁଡ଼ିକ କହିଛନ୍ତି। କୁଏଟ୍, ବାହରିନ୍, କାତାର ଏବଂ ଏମିରେଟ୍ସରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନ ଆକ୍ରମଣକୁ ମରକ୍କୋ, ଜୋର୍ଡାନ, ସିରିଆ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ନିନ୍ଦା କରିଛନ୍ତି। ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କିମ୍ବା ସିଧାସଳଖ ନିନ୍ଦା ନ କରି ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ଆମେରିକା ଏବଂ ଇସ୍ରାଏଲ୍‌ର ଆକ୍ରମଣକୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପୂର୍ବପ୍ରସ୍ତୁତ ଯୋଜନା ଏବଂ ଏକ ସାର୍ବଭୌମ ତଥା ନିରପେକ୍ଷ ଜାତିସଂଘ ସଦସ୍ୟ ରାଷ୍ଟ୍ର ବିରୋଧରେ ଅକାରଣ ସଶସ୍ତ୍ର ଆକ୍ରମଣ। ଇରାନ ଆଣବିକ କାର୍ଯ୍ୟକ୍ରମଜନିତକୁ ନେଇ ୱାଶିଂଟନ ଏବଂ ତେଲ୍ ଆଭିଭ୍‌ର ଲୋକଦେଖାଣିଆ ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ବାସ୍ତବରେ ସେଠାର ଶାସନ ବଦଳାଇବାକୁ ଚାହୁଁଛି ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସେହିପରି ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣକୁ ନେଇ ଚାଇନା ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ତୁରନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ବୁଝାମଣାକୁ ଫେରିବା ପାଇଁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଇରାନର ସାର୍ବଭୌମତ୍ୱ, ସୁରକ୍ଷା ଓ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ବେଜିଂ କହିଛି।

# ଆମେରିକୀୟ ଦୂତାବାସ ବାହାରେ ବିକ୍ଷୋଭ: ଗୁଳିମାଡ଼ରେ ୧୨ ମୃତ

**କରାଚୀ, ୧।୩**

ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ପାକିସ୍ତାନର ଶିଆ ସମ୍ପ୍ରଦାୟ ଆମେରିକା ବିରୋଧରେ ବିକ୍ଷୋଭ କରିଛି। କରାଚୀରେ ଥିବା ଶିଆ ସମ୍ପ୍ରଦାୟର ଅନେକ ହଜାର ଲୋକ ଖାମେନେଇଙ୍କ ସମର୍ଥନରେ ରାଜରାସ୍ତାକୁ ଓହ୍ଲାଇବା ସହିତ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ବିକ୍ଷୋଭ କରିଛନ୍ତି। ଏହି ସମୟରେ କେତେକ ବିକ୍ଷୋଭକାରୀ ଆମେରିକୀୟ ଦୂତାବାସରେ ଧସେଇ ପଶିବା ଉଦ୍ୟମ କରିବାରୁ ଆମେରିକାର ମେରିନ୍ ସୁରକ୍ଷାକର୍ମୀ ଗୁଳି ଚଳାଇଥିଲା। ପାକିସ୍ତାନର ଅର୍ଦ୍ଧସାମରିକ ସୁରକ୍ଷାବଳ ପକ୍ଷରୁ ମଧ୍ୟ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଲାଠି ଚାଳନା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ୧୨ ଜଣଙ୍କ ମୃତ୍ୟୁ ହେବା ସହ ୩୦ରୁ ଅଧିକ ଆହତ ହୋଇଛନ୍ତି।

# ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୧୫ ମୃତ

**ମୁମ୍ବାଇ, ୧।୩**

ମହାରାଷ୍ଟ୍ରର ନାଗପୁର ସହରଠାରୁ ୨୫ କି.ମି. ଦୂର କଲମେଶ୍ୱର ତହସିଲ ଅନ୍ତର୍ଗତ ରାଉଳଗାଁଓରେ ଏକ ଗୋଳାବାରୁଦ କାରଖାନାରେ ରବିବାର ସକାଳେ ବିସ୍ଫୋରଣ ଘଟି ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ସକାଳ ୭ଟାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ନୋନେଲ୍ କ୍ରିମ୍ପିଙ୍ଗ୍ ପ୍ଲାଣ୍ଟ ଅଞ୍ଚଳ ଓ ଆଖପାଖକୁ ନିଆଁ ବ୍ୟାପିଯାଇଥିଲା। ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସମୟରେ କାରଖାନାରେ ପ୍ରାୟ ୩୫ ଜଣ କର୍ମଚାରୀ ଓ ୨ ଜଣ ସୁପରଭାଇଜର ଥିଲେ। ଉକ୍ତ କମ୍ପାନୀରେ ମାଇନିଂ ଏବଂ ଭିତ୍ତିଭୂମି ପ୍ରୋଜେକ୍ଟରେ ବ୍ୟବହୃତ ଡିଟୋନେଟର ଆଦି ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। କାରଖାନା ସୁରକ୍ଷା ନିୟମର ଉଲ୍ଲଂଘନ କରିବା ସହ ନିଯୁକ୍ତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଉ ନ ଥିଲା ବୋଲି ସ୍ଥାନୀୟ ବିଧାୟକ ଚରଣସିଂ ଠାକୁର ଅଭିଯୋଗ କରିଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କଲମେଶ୍ୱର ପୋଲିସ ସମେତ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ।



# ପିଲା ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ

## ଅଭିଯୁକ୍ତ ଗିରଫ

**ବାସୁଦେବପୁର, ୧।୩(କାଳିପଦ ରାୟ)**

ପିଲାଚୋର ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ମାରି ଦିଆଯାଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କଷିଆ ସାମୁଦ୍ରିକ ଥାନା ଅଞ୍ଚଳରେ ଶନିବାର ଏଭଳି ଘଟଣା ଘଟିଛି। ଶନିବାର ବାସୁଦେବପୁର-ଧାମରା ରାସ୍ତାର ଚାନ୍ଦିମାଳ ବଜାର ସଂଲଗ୍ନ ଏକ ଦୋକାନ ପାଖରୁ ଯୁବକଙ୍କ ମୃତଦେହ ମିଳିଥିବା ବେଳେ ରବିବାର ମୃତ୍ୟୁର କାରଣ ସାମ୍ନାକୁ ଆସିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ ଗ୍ରାମର ଶ୍ୟାମସୁନ୍ଦର ଜେନା।

ପ୍ରକାଶ ଯେ, ଶନିବାର କଷିଆ ଅଞ୍ଚଳରେ ବୁଲୁଥିବା ଜଣେ ଅପରିଚିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଚିହ୍ନଟ ପାଇଁ ମୃତଦେହ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଥିଲା। ରବିବାର ମୃତକଙ୍କ ଭଣଜା କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ରବୀନ୍ଦ୍ର ନାଥ ମଣ୍ଡଳ କଷିଆ ସାମୁଦ୍ରିକ ଥାନାରେ ତାଙ୍କ ମାମୁ ସୁକୁଲ ବିନ୍ଧାଣି(୪୧)ଙ୍କୁ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ମଞ୍ଜୁରୀ ଗ୍ରାମର ସୁକୁଲ ମାନସିକ ବିକାରଗ୍ରସ୍ତ ଓ ନିଶାସକ୍ତ ଭାବେ ଶନିବାର କଷିଆ ଅଞ୍ଚଳରେ ବୁଲୁଥିଲେ। ତାଙ୍କୁ ପିଲାଚୋର ଭାବି ଶ୍ୟାମସୁନ୍ଦର ଅପରାହ୍ନରେ ନିଘୁଂକ ମାଡ଼ ମାରିଥିଲେ। ମାଡ଼ ଖାଇ ସୁକୁଲ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତ ସୁକୁଲଙ୍କ ଭଣଜା ରବୀନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଥାନାଧିକାରିଣୀ ଜୁନି ବେସ୍ରା ଘଟଣାର ତଦନ୍ତ କରିଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୪/୨୬) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରିଣୀ ବେସ୍ରା କହିଛନ୍ତି।



ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁକୁ ନେଇ ରବିବାର ଶ୍ରୀନଗରରେ ବଡ଼ଧରଣର ବିକ୍ଷୋଭ କରାଯାଇଛି। ଏଥିରେ ସାମିଲ ହୋଇଥିବା ଖାମେନେଇଙ୍କ ସମର୍ଥକମାନେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି।

**ଆଜିର ସମ୍ପାଦକୀୟ** ଇରାନ୍ ନିଆଁ

# ଇରାନ୍ ମୁରବୀବିହୀନ

**ତେହରାନ୍, ୧।୩(ପି.ଟି.)**

ତେହରାନରେ ଶନିବାର ଇସ୍ରାଏଲ୍‌ର ଟାର୍ଗେଟେଡ୍ ପ୍ରିସାଇଜ୍ ଆକ୍ରମଣରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ନିହତ ହୋଇଥିବା ଇସ୍ରାଏଲ୍ ପ୍ରତିରକ୍ଷା ବଳ (ଆଇଡିଏଫ୍) ଆନୁଷ୍ଠାନିକ ଭାବେ ଘୋଷଣା କରିବା ସହ ଇରାନ ଗଣମାଧ୍ୟମ ସ୍ପଷ୍ଟ କରିଛି। ଫଳରେ ଇରାନ ମୁରବୀବିହୀନ ହୋଇଯାଇଥିବାବେଳେ ବରିଷ୍ଠ ନେତା ୬୭ ବର୍ଷୀୟ ଆୟାତୋଲ୍ଲା ଅଲିରେଜା ଅରାଫିଙ୍କୁ ଦେଶର ଅନ୍ତରୀଣ ସର୍ବୋଚ୍ଚ ନେତା କରାଯାଇଛି। ଅରାଫି ପୂର୍ବରୁ ଇରାନର ଜାତୀୟ ଇସ୍‌ଲାମିକ୍ ସେମିନାରିଗୁଡ଼ିକର ମଖ୍ୟ ଏବଂ ଗାର୍ଡିଆନ କାଉନ୍‌ସିଲ୍‌ର ମୌଲବୀ ଭାବେ କାର୍ଯ୍ୟ କରୁଥିଲେ।

ଶନିବାର ଭୋର ସମୟରେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନର ଅନେକ ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିଥିଲେ। ଇରାନ ଶାସନ ବିରୋଧରେ ଏକ ବ୍ୟାପକ ସମନ୍ୱିତ ଓ ମିଳିତ ଆକ୍ରମଣର ଅଂଶ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା, ଯାହାର ଲକ୍ଷ୍ୟ ଇରାନ୍ ରାଷ୍ଟ୍ର ପ୍ରତି ଲାଗିରହିଥିବା ଅସ୍ତିତ୍ୱଗତ ବିପଦକୁ ସମାପ୍ତ କରିବା । ଆଇଡିଏଫ୍‌ର ସଠିକ୍ ଗୋଇନ୍ଦା ତଥ୍ୟ ଆଧାରରେ ଖାମେନେଇଙ୍କୁ ଟାର୍ଗେଟ କରି ଇସ୍ରାଏଲୀ ବାୟୁସେନା ପ୍ରିସାଇଜ୍ ଏବଂ ବିସ୍ତୃତ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ତେହରାନ୍‌ର କେନ୍ଦ୍ରସ୍ଥଳରେ ଥିବା ଖାମେନେଇଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବରିଷ୍ଠ ଅଧିକାରୀମାନେ ଏକାଠି ହୋଇଥିବା ନେଇ ଆଇଡିଏଫ୍ ଗୋଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦ ମେରୁଦଣ୍ଡର ନେତା ଖାମେନେଇଙ୍କ ମୃତ୍ୟୁରେ ବହୁ ଦଶନ୍ଧିର ଅଧ୍ୟାୟର ଅନ୍ତ ଘଟିଲା ବୋଲି ଆଇଡିଏଫ୍ କହିଛି। ଶନିବାର ସକାଳେ ଖାମେନେଇ ତାଙ୍କ କାର୍ଯ୍ୟାଳୟରେ ନିଜ ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ଆକ୍ରମଣରେ ନିହତ ହୋଇଥିବା ଫାର୍ସ ନିଉଜ୍ ଏଜେନ୍ସି କହିଛି।

୧୯୮୯ରୁ ଖାମେନେଇ ଇରାନ୍ ସାଧାରଣତନ୍ତ୍ରର ସୁପ୍ରିମ ଲିଡର ରହିଆସିଥିଲେ। ବହୁବର୍ଷ ଧରି ଇରାନୀୟଙ୍କ ଉପରେ ହିଂସାତ୍ମକ ଦମନଲୀଳା ପାଇଁ ସେ ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ଇସ୍ରାଏଲୀ ସେନା କହିଛି। ଇସ୍ରାଏଲ୍‌କୁ ଧ୍ୱଂସ କରିବା ଯୋଜନାର ବିନ୍ଧାଣି ହେଉଛନ୍ତି ଖାମେନେଇ ଏବଂ ସେ ଇରାନୀୟ ଅକ୍ଟୋପସ୍‌ର ମୁଖ୍ୟ ଭାବେ ଜଣାଶୁଣା। ସେ ସମଗ୍ର ମଧ୍ୟପ୍ରାଚ୍ୟ ଏବଂ ଇସ୍ରାଏଲ୍ ସୀମା ପର୍ଯ୍ୟନ୍ତ ସଶସ୍ତ୍ର ଆତଙ୍କବାଦ ବିସ୍ତାର କରିଥିଲେ। ସେମାନଙ୍କ ମଧ୍ୟରେ ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀ ସଂଗଠନ ଅନ୍ୟତମ। ଇସ୍ରାଏଲ ବିରୋଧରେ ଆତଙ୍କବାଦୀ ଆକ୍ରମଣ ପାଇଁ ଇରାନ୍ ସୁପ୍ରିମ ଲିଡର ଦାୟୀ ଏବଂ ସାରା ବିଶ୍ୱର ଅନେକ ସାଧାରଣ ନାଗରିକଙ୍କ ରକ୍ତ ତାଙ୍କ ହାତରେ ଲାଗିଥିବା ଆଇଡିଏଫ୍ କହିଛି। ତାଙ୍କ ନିଧନ ଫଳରେ ବହୁ ଦଶନ୍ଧି ଧରି ଚାଲିଆସିଥିବା ଅଧ୍ୟାୟର ଅନ୍ତ ଘଟିଥିବା ଇସ୍ରାଏଲୀ ସେନା କହିଛି।

ଇସ୍ରାଏଲ୍ ଏବଂ ଆମେରିକାର ମିଳିତ ଆକ୍ରମଣରେ ଇରାନ୍ ସୁପ୍ରିମ ଲିଡର ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବାର କିଛି ଘଣ୍ଟା ପରେ ଇରାନ ଗଣମାଧ୍ୟମ ତାହା ସ୍ପଷ୍ଟ କରିଥିଲା। ଆକ୍ରମଣରେ ଖାମେମେନଇଙ୍କ ଝିଅ, ଜ୍ୱାଇଁ ଏବଂ ନାତୁଣୀଙ୍କ ମୃତ୍ୟୁ ଘଟିଥିବା ଇରାନ ଗଣମାଧ୍ୟମ କହିଛି। ଆକ୍ରମଣରେ ଇରାନ୍‌ର ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିହତ ହୋଇଛନ୍ତି। ଦେଶର ପ୍ରତିରକ୍ଷା ପରିଷଦ ବୈଠକ ଚାଲିଥିବାବେଳେ ଏହାକୁ ଟାର୍ଗେଟ କରି ଆକ୍ରମଣ ହୋଇଥିଲା ☞ପୃଷ୍ଠା-୪

## ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

**ନୂଆପଡା/ବରଗଡ଼, ୧।୩ (ମକାରୁ ବେମାଲ/ପ୍ରେମାନନ୍ଦ ଖମାରୀ)**

ଭାରତକୁ ମାଓବାଦୀମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଡେଡ୍ ଲାଇନ୍ ମାର୍ଚ୍ଚ ୩୧ ପାଖେଇ ଆସୁଥିବାବେଳେ ଛତିଶଗଡ଼ ପୋଲିସକୁ ରବିବାର ବଡ଼ ସଫଳତା ମିଳିଛି। ବରଗଡ଼, ବଲାଙ୍ଗୀର ଓ ଛତିଶଗଡ଼ର ମହାସମୁନ୍ଦ ଡିଭିଜନାଲ କମିଟିର ୧୫ ଜଣ ମାଓବାଦୀ ମହାସମୁନ୍ଦ ଜିଲା ବୋଳଦା ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୯ ମହିଳା ଓ ୬ ପୁରୁଷ ମାଓବାଦୀ ରହିଛନ୍ତି। ସେମାନେ ହେଲେ ତେଲଙ୍ଗାନା ରାଜ୍ୟ ତାରଲାପଲ୍ଲୀ ଗାଁର ବିକାଶ ଓରଫ ସୁଦର୍ଶନ ଉର୍ଫଜଙ୍ଗୁ (୫୭), ଛତିଶଗଡ଼ ରାଜ୍ୟ ହିନ୍ଦୁର ଗାଁ ମଙ୍ଗେଶ ଓରଫ ମେଶ ପଦ୍ଦା(୩୫), କୋହକାମଟା ଗାଁର ବାବୁ ଓରଫ ସେତୁ (୩୫), ପୋଞ୍ଜେର ଗାଁ ମନୋଜ ଓରଫ ରିଙ୍କୁ(୩୦), କୋରମା ଗାଁର ପ୍ରମିଳା ଓରଫ ପରନିତା(୩୦), ପଙ୍ଗୋଡ ଗାଁର କରୁଣା ଓରଫ ଅସ୍ମିତା(୩୦), ପୂର୍ତ୍ତୀ ଗାଁର ରୋଜା ଓରଫ ଦେବୀ ଓ ହୋଲିକା(୩୦), ଚିତାଗୁଫା ଗାଁର ରୋସନୀ ଓରଫ ସୋନି ଓ ନୀଲା (୨୮), ବିଝାପୁର ଗାଁର ରାଧିକା ଓରଫ ଅସ୍ମିତା(୧୯), ପିଡିୟା ଗାଁର ମୀନା ଓରଫ ଶାନ୍ତି(୨୨), ☞ପୃଷ୍ଠା-୪

## ଆୟାତୋଲ୍ଲା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା

**ତେହରାନ୍, ୧।୩**

ଇରାନ୍‌ର ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ଅଲୀ ଖାମେନେଇ ଶନିବାର ଇସ୍ରାଏଲ ଆକ୍ରମଣରେ ନିହତ ହୋଇଥିବା ସ୍ପଷ୍ଟ ହେବା ପରେ ଆୟାତୋଲ୍ଲା ଅଲ୍ଲୀରେଜା ଅରାଫିଙ୍କୁ ଅନ୍ତରୀଣ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ କରାଯାଇଛି। ଖାମେନେଇଙ୍କ ପରେ ତାଙ୍କ ବଂଶଧରମାନଙ୍କ ମଧ୍ୟରୁ କାହାକୁ ଉତ୍ତରାଧିକାରୀ କରାଯିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ସେଭଳି କିଛି ଦେଖିବାକୁ ମିଳିନାହିଁ। ୬୭ ବର୍ଷୀୟ ଆରାଫି ଖାମେନେଇଙ୍କ ଜଣେ ଅତ୍ୟନ୍ତ ଘନିଷ୍ଠ ହୋଇଥିବା ବେଳେ ଇରାନ୍‌ର ୩ ଜଣିଆ ଲିଡରଶିପ୍ କାଉନ୍‌ସିଲ୍‌ର ସଦସ୍ୟ ରହିବା ସହିତ ଗାର୍ଡିଆନ୍ କାଉନ୍‌ସିଲ୍‌ର ମଧ୍ୟ



ଜଣେ ଅଭିଜ୍ଞ ଧାର୍ମିକ ନେତା ଭାବେ ପରିଚିତ। ଇରାନ୍‌ର ୟାଜଦ୍ ପ୍ରଦେଶରେ ମେବୋଡ୍‌ରେ ୧୯୫୯ରେ ଜନ୍ମ ଗ୍ରହଣ କରିଥିବା ଆରାଫି ମାତ୍ର ୧୧ ବର୍ଷ ବୟସରୁ ଧାର୍ମିକ ଶିକ୍ଷା ଗ୍ରହଣ କରିବା ସହ ପ୍ରାଥମିକ ସ୍ତରରେ ତାଙ୍କ ବାପାଙ୍କଠାରୁ ତାଲିମ ନେଇଥିଲେ। ☞ପୃଷ୍ଠା-୪

## ୩୫ ଡିଗ୍ରୀ ଉପରେ ୧୧ ସହର

**ଭୁବନେଶ୍ୱର, ୧।୩(ବନ୍ଦନା ସେଠୀ)**

ରାଜ୍ୟରେ ଏବେ ପ୍ରବଳ ଖରା ଅନୁଭୂତ ହେଉଛି। ସକାଳ ୯ଟାରୁ ଖରାତାତି ବାରିହୋଇ ପଡୁଥିବାବେଳେ ମଧ୍ୟାହ୍ନରୁ ପ୍ରବଳ ଗରମ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ ଡିଗ୍ରୀ ଏବଂ ଆଉ କିଛି ସ୍ଥାନରେ ୩ ଡିଗ୍ରୀରୁ ଅଧିକ ବଢ଼ିଛି। ତେବେ କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରାରେ ୪ରୁ ୫ ଡିଗ୍ରୀ ବୃଦ୍ଧି ପାଇଛି। ଫଳରେ ୧୨ଟି ସହରର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୬.୪ ଡିଗ୍ରୀ ରହିଥିଲାବେଳେ ଭୁବନେଶ୍ୱରରେ ୩୬.୨ ଡିଗ୍ରୀ, ସୋନପୁର ୩୬.୨ ଡିଗ୍ରୀ, ଅନୁଗୋଳ ୩୬.୧ ଡିଗ୍ରୀ, ବାରିପଦା ୩୬ଡିଗ୍ରୀ, ଚାନ୍ଦବାଲିରେ ୩୫.୮, ଢେଙ୍କାନାଳ ୩୫.୮ ଡିଗ୍ରୀ, ତାଳଚେର ୩୫.୮ ଡିଗ୍ରୀ, ଟିଟିଲାଗଡ ୩୫.୮ ଡିଗ୍ରୀ, ସମ୍ବଲପୁର ୩୫.୬ ଡିଗ୍ରୀ, ଭବାନୀପାଟଣା ୩୫.୪ ଡିଗ୍ରୀ ଏବଂ ବଲାଙ୍ଗୀରରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା। ଏଥିସହ ଦକ୍ଷିଣ ଉପକୂଳ ଓଡ଼ିଶାର ଖୋର୍ଦ୍ଧା ଜିଲାର କିଛି ସ୍ଥାନରେ ମଧ୍ୟମ କୁହୁଡ଼ି ଦେଖାଦେଇଥିଲା ବୋଲି ସୂଚନା ଦିଆଯାଇଛି।

# ସେମିଫାଇନାଲରେ ଭାରତ

### ଟି୨୦ ବିଶ୍ୱକପ

### ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ

**କୋଲକାତା, ୧।୩**

ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ୱେଷ୍ଟଇଣ୍ଡିଜ୍‌କୁ ୫ ଉଇକେଟରେ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ୧୯୬ ରନ ବିଜୟ ଲକ୍ଷ୍ୟର ପିଛାକରି ଭାରତ ୧୯.୨ ଓଭରରେ ୫ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରି ନେଇଥିଲା। ମ୍ୟାଚର ହିରୋ ସାବ୍ୟସ୍ତ ହୋଇଥିଲେ ସଞ୍ଜୁ ସାମସନ। ସେ ସେ ୫୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୪ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ଏଥିସହ ୨୦୦୭ ଓ ୨୦୨୪ରେ ଚାମ୍ପିୟନ ଭାରତ କ୍ରମାଗତ ଦ୍ୱିତୀୟ ଏବଂ ଓଭରଅଲ୍ ତୃତୀୟ ଥର ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଅନ୍ୟପକ୍ଷରେ ୨୦୧୨ ଓ ୨୦୧୬ରେ ଚାମ୍ପିୟନ ୱେଷ୍ଟଇଣ୍ଡିଜ ଅଭିଯାନ ଶେଷ ହୋଇଛି। ଏହି ମ୍ୟାଚ ଶେଷ ହେବା ସହିତ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଯାଇଛି। ୪ ତାରିଖରେ କୋଲକାତାର ଇଡେନ ଗାର୍ଡେନ୍ସରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ୫ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ମ୍ୟାଚ୍ ଦେଖିବା ପାଇଁ ଆଇସିସି ମୁଖ୍ୟ ଜୟ ଶାହା, ବିସିସିଆଇ ମୁଖ୍ୟ ମିଥୁନ ମାନହାସ, ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ ସ୍କୋରର ପିଛା କରିଥିବା ଭାରତ ଭଲ ଆରମ୍ଭ କରିପାରି ☞ପୃଷ୍ଠା-୪



ମ୍ୟାଚ ବିଜୟୀ ଇନିଂସ ଖେଳିବା ଅବସରରେ ସଞ୍ଜୁ ସାମସନ।

# ସିଏଜିଙ୍କୁ ମିଳୁନି ୪୩,୮୩୦ କୋଟିର ହିସାବ

**ଭୁବନେଶ୍ୱର, ୧।୩(ରବିନାରାୟଣ ଜେନା)**

ରାଜ୍ୟରେ ଦୀର୍ଘବର୍ଷ ଧରି ବିଭାଗୀୟ ଅଧିକାରୀମାନେ ସରକାରୀ ଅର୍ଥକୁ ଏଣେତେଣେ ଖର୍ଚ୍ଚ କରିଛନ୍ତି; ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ସରକାରୀ ଅର୍ଥର ହିସାବ ଠିକଣା ଭାବେ ମହାଲେଖାକାର (ଏଜି)ଙ୍କୁ ମିଳୁନାହିଁ। ଯେପର୍ଯ୍ୟନ୍ତ ହିସାବ କିତାବ ଠିକ୍ ହୋଇନାହିଁ, ସେପର୍ଯ୍ୟନ୍ତ ମହାଲେଖାକାର ମଧ୍ୟ ଛାଡୁ ନାହାନ୍ତି। ସରକାରଙ୍କ ପକ୍ଷରୁ ଯେତେ ଥର ସମୀକ୍ଷା କରାଯାଉଛି ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ପକ୍ଷରୁ ସେତେଥର ହିସାବ ତଥ୍ୟ ଧରାଇ ଦିଆଯାଉଛି। ସେଥିମଧ୍ୟରେ କେତେକ ବିଭାଗ ୨୦୦୩-୦୪ରୁ ଏପର୍ଯ୍ୟନ୍ତ ବିନିଯୋଗ ପ୍ରମାଣପତ୍ର(ୟୁସି) ଦେଇ ପାରୁ ନ ଥିବାବେଳେ ଆଉ କେତେକ ବିଭାଗ ୨୦୦୭-୦୮ରୁ ଦେଇପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୦ରେ ସିଏଜିଙ୍କ ପକ୍ଷରୁ ଯେଉଁ ପରିମାଣର 'ୟୁସି' ବିଭିନ୍ନ ବିଭାଗ ଉପରେ ବକେୟା ଥିବା ଦର୍ଶାଯାଇଥିଲା ତାହା ଫେବୃଆରୀ ୨୫ ବେଳକୁ ୧,୪୭୮ କୋଟି ଟଙ୍କାକୁ ବଢ଼ି ଯାଇଛି। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ଡିସେମ୍ବର ସୁଦ୍ଧା ୪୩,୮୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର 'ୟୁସି' ବକେୟା ଥିବା ଅର୍ଥ ପରାମର୍ଶଦାତା ସମ୍ମିଳନୀର ଦ୍ୱିତୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଫେବୃଆରୀ ୨୫ରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକର ତଥ୍ୟ ଅନୁଯାୟୀ, ମହାଲେଖାକାରଙ୍କ ପକ୍ଷରୁ ୪୩,୮୩୦.୩୮କୋଟି ଟଙ୍କାର 'ୟୁସି' ବକେୟା ରିପୋର୍ଟ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ୨୧ଟି ବିଭାଗ ଉପରେ ୨୦୨୩-୨୪ ଆର୍ଥିକବର୍ଷ ସୁଦ୍ଧା ୧୭ହଜାର ୬୦କୋଟି ଟଙ୍କାର ୟୁସି ବାକି ରହିଛି। ଏହାବାଦ୍ ଅବଶିଷ୍ଟ ଅର୍ଥ ପରବର୍ଷର ରହିଛି।

ତଥ୍ୟ ଅନୁଯାୟୀ, ରାଜ୍ୟର ଦୁଇଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଏବଂ ନଗର ଉନ୍ନୟନ ବିଭାଗ ଲୋକଙ୍କ ସହିତ ସିଧାସଳଖ ଜଡ଼ିତ ରହିଥିଲେ ହେଁ ଏହି ବିଭାଗ ଉପରେ ପ୍ରାୟ ୧୦, ୭୦୦କୋଟି ଟଙ୍କାର 'ୟୁସି' ବକେୟା ରହିଛି। ନଗର ଉନ୍ନୟନ ବିଭାଗ ଉପରେ ୨୦୦୩-୦୪ରୁ ୨୦୨୩-୨୪ ବର୍ଷ ମଧ୍ୟରେ ୫,୪୦୯.୧୧କୋଟି ଟଙ୍କାର 'ୟୁସି' ବକେୟା ରହିଥିବାବେଳେ ପଞ୍ଚାୟତିରାଜ ବିଭାଗ ଉପରେ ୫,୨୭୮.୩୨କୋଟି ଟଙ୍କାର 'ୟୁସି' ପଡ଼ିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଉପରେ ୨,୫୧୭କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ୨୦୧୧-୧୨ରୁ ୨୦୨୩-୨୪ ମଧ୍ୟରେ ୯୫୩ କୋଟି, ଏସ୍‌ସିଏସ୍‌ଟି ବିଭାଗ ଉପରେ ୨୦୦୭-୦୮ରୁ ୮୪୯.୬୫କୋଟି, ଉଚ୍ଚଶିକ୍ଷା ବିଭାଗ ଉପରେ ୨୦୧୬-୧୭ରୁ ଏହି ଅବଧି ମଧ୍ୟରେ ୮୨୦.୬୭ କୋଟି ଟଙ୍କା ବକେୟା ରହିଛି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ଉପରେ ୨୦୨୩-୨୪ ବର୍ଷ ସୁଦ୍ଧା ଅବଶିଷ୍ଟ ଅର୍ଥର 'ୟୁସି' ବକେୟା ରହିଛି। ତେବେ ବର୍ଷ ବର୍ଷ ଧରି ବିଭାଗୀୟ ଅଧିକାରୀମାନେ କାହିଁକି ୟୁସିର ପୂର୍ଣ୍ଣାଙ୍ଗ ବିବରଣୀ ଦେଇପାରୁ ନାହାନ୍ତି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ସ୍ମୃତିସଭା, ସ୍ଥାନ: ଉତ୍କଳ ଆଶ୍ରମ ପରିସର, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ କରଡ଼ାକଣା ପଞ୍ଚାୟତ ସଭା ଗୃହ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅହିର ପୋଡ଼ି, ସ୍ଥାନ: ଶେରଗଡ଼ ବ୍ଲକ ହରିକୃଷ୍ଣପୁର ଗ୍ରାମ ଛକ,ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦେବାଦେବୀ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ନିରୁପମା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ପାରାଦୀପ, ସମୟ:ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗଡାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ପ୍ରସିଦ୍ଧ ଶାଗପଖାଳ ଓ ଦହିଭାତ ଭୋଗ, ସ୍ଥାନ: ଭକ୍ତ ବିଦୁର ମନ୍ଦିର, ଅରାଖଣ୍ଡ, ଏଣ୍ଡର, ଡେରାବିଶ, ସମୟ:ସକାଳ ୮ଟା।
- ଜିଲା ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- କସପା ମେଳଣ, ସ୍ଥାନ: ଦୁମୁକା ହାଟ, ଡେରାବିଶ, ସମୟ: ଅପରାହ୍ନ ୨ଟା।
- ସାଗର ବେଳା ମହୋତ୍ସବ, ସ୍ଥାନ: ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ସାହାରାସୁନ୍ଦରୀ ମେଳଣ, ସ୍ଥାନ: ନୂଆଗାଁ, ଡେରାବିଶ: ସନ୍ଧ୍ୟା ୫ଟା।
- ନରସିଂହପୁର ମେଳଣ, ସ୍ଥାନ: ମେଳଣ ପଡିଆ, ନରସିଂହପୁର, ଡେରାବିଶ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀମଦ ଭଗବଦ୍ ଗୀତା ପରିଚାଳନା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ:ଶ୍ରୀ ସିଦ୍ଧ ବେଲବଣ ମହାପୁରୁଷ ପୀଠ, ପାଖଡ, ନୂଆପଡା, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।
- ବିଶାଳ ନାମଯଜ୍ଞ, ସ୍ଥାନ: ବିବି କଲୋନି, ପେଟଛେଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ପ୍ରସିଦ୍ଧ ଓଳକଣା ମେଳଣ, ସ୍ଥାନ: ଓଳକଣା, ସମୟ: ରାତି ୧୦ଟା।

**ଯାଜପୁର**
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ୭୦ତମ ବାର୍ଷିକ ନାମ ସଂକିର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।

**ନୟାଗଡ଼**
- ଜାମାଲାଗି ବେଶର ୩୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ୩ୟ ଦିବସ, ସ୍ଥାନ: ମର୍ଦ୍ଧରାଜପୁର ପଞ୍ଚାୟତ ଚାଉପଲ୍ଲୀ, ସମୟ: ସକାଳ ୮ଟା।
- ୧୨ ଶମ୍ଭୁ ମେଳଣ ଓ ଗଡ ଉତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ସମ୍ମୁଖ. ସମୟ: ସକାଳ ୮ଟା।
- ମଦନ ମୋହନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଓ ଚାଉପଲ୍ଲୀ ମହୋତ୍ସବର ୩ୟ ଦିବସ, ସ୍ଥାନ: ମର୍ଦ୍ଧରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ: ଅପରାହ୍ନ ୩ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ପଞ୍ଚମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା ୩ୟ ଦିବସ, ସ୍ଥାନ: ଜଗନ୍ନାଥ ପ୍ରସାଦ ପଞ୍ଚାୟତ କୁଆହରା, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶୋଭାଯାତ୍ରା, ଜିଲାପାଳ ଅଫିସ ଘେରାଉ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେସନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାମନାଗୁଡ଼ା, ସମୟ: ଅପରାହ୍ନ ୫ଟା ୩୦।

**ନବରଙ୍ଗପୁର**
- ଅଷ୍ଟମ ପିଏମ୍ ଜନ ଔଷଧି ସପ୍ତାହ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ପିଏମ୍ ଜନ ଔଷଧି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ସମାଜ ପାଇଁ ମହିଳାମାନଙ୍କ ଭୂମିକା ଆଲୋଚନା ଚକ୍ର, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡସ୍ତରୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ, ସ୍ଥାନ: ଉମରକୋଟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବିଲାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ପିଭି ଭେକସିନ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବଡଶୁକୁ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ପିଭି ଟୀକାକରଣ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସୁତିପଦର ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ଠିକାଦାର ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ, ସ୍ଥାନ: ବାଲିମେଲା ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ରାଧା ଗୋବିନ୍ଦ ଧାମ ପକ୍ଷରୁ ସ୍ୱାମୀ ମୁକୁଳାନନ୍ଦଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ଏନଏସି ବୁର୍ଡା ବସ୍ତିରେ ହରିହର ଭେଟ, ସ୍ଥାନ: କୁମ୍ଭାରପଡା ଛକ,ବୁର୍ଡା, ସମୟ: ରାତି ୧୦ଟା।

**ରାଉରକେଲା**
- ୩୧ତମ ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଇସ୍ପାତ ଗଜପତି ମାର୍କେଟ, ସମୟ: ସକାଳ ୮ଟା।
- ମାନସ ପରିଷଦ ପକ୍ଷରୁ ହୋଲିକା ଦହନ, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡ଼ିଆ, ସମୟ: ସନ୍ଧ୍ୟା ୮ଟା।

**ସୁନ୍ଦରଗଡ଼**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ:୧୦ଟା୩୦।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗାଇସିଲେଟ, ସମୟ:ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ଶିଶୁ ନାଟକ ମଞ୍ଚସ୍ଥ, ସ୍ଥାନ:ବଡ଼ଧରା, ଅମ୍ବାଭୋନା, ସମୟ: ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଫଗୁ ମହୋତ୍ସବ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ଅପରାହ୍ନ ୫ଟା।
- ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ରାଧାକୃଷ୍ଣ ପୂଜା ଓ କଂସ ଦରବାର, ସ୍ଥାନ: କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଆଞ୍ଚଳିକ ଯାଦବ ଭବନ ପରିସର, ସମୟ: ରାତି ୮ଟା।

**ବୌଦ୍ଧ**
- ଘଣ୍ଟାପଡା ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଘଣ୍ଟାପଡା ରଘୁନାଥ ମନ୍ଦିର ପ୍ରାଙ୍ଗଣ, କଣ୍ଟାମାଳ, ସମୟ: ଅହୋରାତ୍ର।
- ଯୁଗ୍ମ ଜଣଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ୧୦ଟା।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଜନକପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଫଗୁଣ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ସରଗାଦୀ ଗାଁ ଗଉଣ୍ଟିଆପଡା, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ଚବିଶ ପ୍ରହରୀ ହରେକୃଷ୍ଣ ନାମ ସଂକୀର୍ତ୍ତନ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଖଇରାନୀ ଗାଁ, ସମୟ: ପ୍ରାତଃ ୫ଟା ୧୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମ ଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଭୁଲିଆ ସିକୁଆଁ ଗାଁ, ସମୟ: ସକାଳ ୮ଟା ୫।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ବୋଡେନ ବ୍ଲକ ଖଇରା ପଞ୍ଚାୟତ ଦାବେରୀ ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ର ଶୈର୍ଯ୍ୟ ସମୃଦ୍ଧି ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ହାଟପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡା ସଦର ବ୍ଲକ କୁଲିଆବନ୍ଧା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ଅପରାହ୍ନ ୩ଟା।
- ଓମ ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ବା ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଭୀମାପଦର ଗାଁ, ସମୟ: ଅପରାହ୍ନ ୪ଟା ୨୫।

**ଝାରସୁଗୁଡ଼ା**
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ମାଇକ୍ରୋକଣ୍ଟିନେଣ୍ଟାଲ, ସମୟ: ପୂର୍ବାହ୍ନ ୧୦ଟା।
- ଟିକାକରଣ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମାନିଆ ପୁଅ କୋଣରେ ପଶେ**
**ମାନିଆ ପୁଅ କୋଳରେ ବସେ ।**

ମାତାପିତା ତଥା ଗୁରୁଜନଙ୍କ ଉପଦେଶକୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳ ବାଲୁଙ୍ଗା ବୋଲାଇଥାଏ। ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ। ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁତ ଉନ୍ନତି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରୁଆ ଚାଉଳ ଖିରି କି**
**ଆମ ରାଇଜର ନୋହୁଁରେ ନାଗର**
**କେତେ ଅନଉଛୁ ନିରେଖି।**

ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇ ଯାଇଥାଏ। ଯୁବତୀଙ୍କୁ ରାସ୍ତାଘାଟରେ ଗଲାବେଳେ କେହି କେହି ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନେଇଥାନ୍ତି। ତେବେ ଚିହ୍ନା ଜଣା ନ ଥିବା ଅପରିଚିତ ବ୍ୟକ୍ତିଙ୍କର ଏପରି ନିରେଖି ଅନେଇରହିବା ଉକ୍ତ ଯୁବତୀ ପକ୍ଷେ ଆଦୌ ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଇରାନ୍ ମୁରବୀବିହୀନ...

ବୋଲି ଇରାନ ସରକାରୀ ଟେଲିଭିଜନ ରବିବାର ରିପୋର୍ଟ କରିଛି। ଜେନେରାଲ ଅବଡୋଲ ରହିମ ମୌସାଭି ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଅଜିଜ ନାସିରଜାଦେହ ବୈଠକରେ ଥିବାବେଳେ ଆକ୍ରମଣରେ ନିହତ ହୋଇଛନ୍ତି। ଏଥିସହିତ ଇରାନ୍ ଅର୍ଦ୍ଧସାମରିକ ବାହିନୀ ରିଭଲ୍ୟୁଶନାରୀ ଗାର୍ଡର ମୁଖ୍ୟ, ସୁରକ୍ଷା ପରାମର୍ଶଦାତା ଅଲି ଶାମଖାନିଙ୍କର ମଧ୍ୟ ମୃତ୍ୟୁ ଘଟିଛି। ସୁପ୍ରିମ ଲିଡର ଖାମେନେଇଙ୍କ ମୃତ୍ୟୁରେ ଇରାନ୍‌ରେ ୪୦ ଦିନିଆ ଶୋକ ଘୋଷଣା କରାଯାଇଥିବାବେଳେ ୭ ଦିନ ସର୍ବସାଧାରଣ ଛୁଟି ଘୋଷଣା କରାଯାଇଛି।

### ଆୟାତୋଲ୍ଲା ଅରାଫି...

ପରବର୍ତ୍ତୀ ସମୟରେ ସେ ଧର୍ମଯାଜକ ଭାବେ କାର୍ଯ୍ୟ କରିବା ପରେ ଖାମେନେଇଙ୍କ ଘନିଷ୍ଠ ଲୋକଙ୍କ ମଧ୍ୟରେ ସାମିଲ ହୋଇଥିଲେ। ଏହାପରେ ସେ ଖାମେନେଇ ଶାସକ ଗୋଷ୍ଠୀରେ ସାମିଲ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଇରାନ୍‌ର ଗାର୍ଡିଆନ୍ କାଉନ୍‌ସିଲ୍‌ର ସଦସ୍ୟ ହୋଇଥିଲେ। ଗାର୍ଡିଆନ୍ କାଉନ୍‌ସିଲ୍ ଇରାନ୍ ସଂସଦ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଥିଲାବେଳେ ଆଇନକାନୁନ ଅନୁମୋଦନ ଏବଂ ରାଜନୈତିକ ସ୍ତରରେ ନିଷ୍ପତ୍ତି ନେବା ଦିଗରେ ଏହାର ସଦସ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେବେ ଆରାଫି ଗତ କିଛି ବର୍ଷ ଧରି ଏହି କାଉନ୍‌ସିଲ୍‌ରେ କାର୍ଯ୍ୟ କରି ଖାମେନେଇଙ୍କ ଅତ୍ୟନ୍ତ ବିଶ୍ୱସ୍ତ ହୋଇପାରିଥିଲେ।

ଇରାନ୍ ସମ୍ବିଧାନର ଧାରା ୧୧୧ ଅନୁସାରେ ସ୍ଥାୟୀ ଭାବେ ପରବର୍ତ୍ତୀ ନେତା ଚୟନ ନ ହେବା ପର୍ଯ୍ୟନ୍ତ ଲିଡରଶିପ୍ କାଉନ୍‌ସିଲ୍ ଶାସନ କ୍ଷମତାରେ ରହିବ। ଏହି କାଉନ୍‌ସିଲ୍‌ରେ ଆରାଫିଙ୍କ ବ୍ୟତୀତ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ଏବଂ ପ୍ରଧାନବିଚାରପତି ଜି ମୋହସେନି ଇଜେଇ ରହିଛନ୍ତି। ଏହି ୩ ସଦସ୍ୟ ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗରେ ସମନ୍ୱୟ ରଖି କାର୍ଯ୍ୟ କରିବେ।

### ହୋର୍ମୁଜ ଷ୍ଟ୍ରେଟ୍‌ରେ...

ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିବା ଓମାନ୍‌ର ମାରିଟାଇମ୍ ସିକ୍ୟୁରିଟି ସେଣ୍ଟର (ଏମ୍‌ଏସ୍‌ସି) ସୂଚନା ଦେଇଛି। ଅନ୍ୟପକ୍ଷେ ବଡ଼ ଜାହାଜଗୁଡ଼ିକର ମାଲିକମାନେ ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ପରିବହନ ବନ୍ଦ କରିଦେଇଛନ୍ତି। ମରିନ୍ ବୀମାକର୍ତ୍ତାମାନେ ମଧ୍ୟ ସମ୍ପୃକ୍ତ ଅଞ୍ଚଳ ପାଇଁ କଭରେଜ୍‌କୁ ସ୍ଥଗିତ ରଖିଛନ୍ତି। ଅର୍ଥାତ୍ ବର୍ତ୍ତମାନ ସ୍ଥିତିରେ ହୋର୍ମୁଜ୍ ପ୍ରଣାଳୀ ଦେଇ କୌଣସି ତୈଳ ଜାହାଜ ଯାଉଥିବାବେଳେ ଆକ୍ରମଣର ଶିକାର ହୋଇ କ୍ଷତିଗ୍ରସ୍ତ ହେଲେ କିମ୍ବା ତାହା ସମୁଦ୍ରରେ ବୁଡ଼ିଗଲେ ବୀମା ରାଶି ମିଳିବ ନାହିଁ।

ପାରସ୍ୟ ଉପସାଗର ସହ ଓମାନ୍ ଉପସାଗରକୁ ଯୋଡୁଥିବା ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ହେଉଛି ବୈଶ୍ୱିକ ତୈଳ ପରିବହନର ଏକ ରଣନୈତିକ ରୁଟ୍, ଯାହାକୁ ସର୍ବାଧିକ ସମ୍ବେଦନଶୀଳ ଚୋକ୍‌ପଏଣ୍ଟ ବିବେଚନା କରାଯାଏ। ଏହି ସଂକୀର୍ଣ୍ଣ କରିଡର ଦେଇ କୌଣସି ଜାହାଜ ଚଳାଚଳକୁ ଅନୁମତି ଦିଆଯିବ ନାହିଁ ବୋଲି ଶନିବାର ଇରାନୀୟ ନୌସେନା ସ୍ପଷ୍ଟ କରିଥିଲା। ଏହାସତ୍ତ୍ୱେ ପଲଉ ସାଧାରଣତନ୍ତ୍ରର ପତାକା ଲାଗିଥିବା ତୈଳ ଟ୍ୟାଙ୍କର ସେହି କରିଡର ଦେଇ ଯାଇଥିବାରୁ ଆକ୍ରମଣର ଶିକାର ହୋଇଛି। ଏହି ଧାରା ଜାରି ରହିଲେ କ୍ରୁଡ୍ ମହଙ୍ଗା ହେବା ଅନୁମାନ କରାଯାଉଛି। କାରଣ ମଧ୍ୟପ୍ରାଚ୍ୟରୁ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଯୋଗାଣ ହୋଇପାରିବ ନାହିଁ। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଭିତ୍ତିଭୂମି, ପାଇପ୍ ଲାଇନ୍ କିମ୍ବା ଜାହାଜଗୁଡ଼ିକ ଉପରେ ଆକ୍ରମଣ କଲେ ତୈଳ ଦର ଆକାଶଛୁଆଁ ହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ହୋର୍ମୁଜ ପ୍ରଣାଳୀ ଦେଇ ଇରାନୀୟ ଟ୍ୟାଙ୍କରଗୁଡ଼ିକ ତୈଳ ପରିବହନ କରୁଥିବାରୁ ୟୁଏସ୍ ନେଭିର କଡ଼ା ନଜର ରହିଛି। ଯୁଦ୍ଧ ଆଶଙ୍କାରେ ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ୭ ମାସର ସର୍ବାଧିକ ମୂଲ୍ୟ ବ୍ୟାରେଲ ପିଛା ୭୨.୮୭ ଆମେରିକୀୟ ଡଲାରକୁ ଉଠି କାରବାର ବନ୍ଦ ହୋଇଥିଲା। ସମ୍ପ୍ରତି ଓମାନ୍ ଉପସାଗରରେ ଅନେକ ତୈଳ ଟ୍ୟାଙ୍କର ଯାତ୍ରା ବନ୍ଦ କରି ପଡ଼ିରହିଛି। ଇରାନ୍ ଦୈନିକ ୧.୬ ନିୟୁତ ବ୍ୟାରେଲ୍ ତୈଳ ରପ୍ତାନି କରିଥାଏ। ଏଥିରୁ ସର୍ବାଧିକ ତୈଳ ଚାଇନା ଆମଦାନୀ କରିଥାଏ। ଏହି ଯୋଗାଣ ବାଧାପ୍ରାପ୍ତ ହେଲେ ଚାଇନା ଗ୍ରାହକ ବିଶ୍ୱର ଅନ୍ୟ ବଜାର ଉପରେ ନିର୍ଭର କରିବେ। ଫଳରେ ତୈଳ ଦର ବୃଦ୍ଧି ପାଇବ। ସପ୍ତାହାନ୍ତ ଛୁଟି ପରେ ସୋମବାର ତୈଳ ବଜାର ଖୋଲିବା ମାତ୍ରେ ଅଏଲ୍ ମାର୍କେଟରେ ନିଆଁ ଲାଗିବା ଅନୁମାନ କରାଯାଉଛି।

ଇତିମଧ୍ୟରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ହୋର୍ମୁଜ ବନ୍ଦ ନେଇ ଚିନ୍ତାବ୍ୟକ୍ତ କରିଛି। ଯାହାଦ୍ୱାରା ବିଶ୍ୱ ତୈଳ ଓ ବାଷ୍ପ ବଜାର ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ତୁରନ୍ତ ଉତ୍ତେଜନା ହ୍ରାସ କରି ରାଜନୈତିକ ଓ କୂଟନୈତିକ ଆଲୋଚନା ଜରିଆରେ ସମାଧାନର ବାଟ ବାହାର କରିବା ପାଇଁ ମସ୍କୋ ପରାମର୍ଶ ଦେଇଛି।

### ୧୫ ମାଓବାଦୀଙ୍କ...

ସାବନାର ଗାଁର ଦୀପନା ଓରଫ ନାନୀ ଓ ଅମିତା(୨୦), ପୁସନାର ଗାଁର ରୀନା ଓରଫ କବିତା(୨୧), ପିଡିୟା ଗାଁର ସୋନୁ ଓରଫ ଜୁଗନୁ(୨୩), ବଡା ବଟଟୁମା ଗାଁର ପାଣ୍ଡୁ ଓରଫ ଦିନେଶ (୨୪) ଓ କୁବିସ ଗାଁର ନୀଳା ଓରଫ ପୋଜେଓ ସବିତା (୨୨)। ଏହି ୧୫ ମାଓବାଦୀ ଓଡ଼ିଶାର ବଲାଙ୍ଗୀର,ବରଗଡ଼ ଜିଲା ଓ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଜିଲାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ। ବରଗଡ଼, ବଲାଙ୍ଗୀର ଓ ମହାସମୁନ୍ଦ ଡିଭିଜନ କମିଟି ମୁଖ୍ୟ ବିକାଶ ରହିଥିଲେ। ତାଙ୍କ ନେତୃତ୍ୱରେ ୧୫ ଜଣ ମାଓବାଦୀ କାର୍ଯ୍ୟ କରୁଥିଲେ। ୧୫ ମାଓବାଦୀଙ୍କ ନାମରେ ମୋଟ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ବିକାଶ ତେଲଙ୍ଗାନା ରାଜ୍ୟରୁ ଆସି ରାଜ୍ୟ କମିଟି ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଅନ୍ୟ ୧୪ ଜଣ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲା ଓ ଗାଁର ରହିଛନ୍ତି। ସେମାନଙ୍କ ନାମରେ ମଧ୍ୟ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ରହିଥିଲା। ମଙ୍ଗେଶଙ୍କ ନାମରେ ୮ ଲକ୍ଷ, ବାବୁଙ୍କ ନାମରେ ୫ ଲକ୍ଷ ଏହିପରି ୧୫ ଜଣଙ୍କ ନାମରେ ମୋଟ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେମାନେ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ରବିବାର ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ବଲୋଦା ଥାନାରେ ଭୋର ୪ଟାରେ ଆତ୍ମସମର୍ପଣ କରିଛନ୍ତି। ଏହା ପୂର୍ବରୁ ଗତ ୨୨ ତାରିଖରେ ଛତିଶଗଡ଼ ରାଜ୍ୟର ଗୃହମନ୍ତ୍ରୀଙ୍କଠାରେ ଆତ୍ମସମର୍ପଣ କରିବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରି ବରଗଡ଼ ଓ ବଲାଙ୍ଗୀର ଜିଲା ପୋଲିସଙ୍କୁ କମ୍ବିଂ ଅପରେଶନ ନ କରି ଆତ୍ମସମର୍ପଣ କରିବା ପାଇଁ ସମୟ ମାଗିଥିଲେ। ସେମାନେ ଓଡ଼ିଶାରେ କାମ କରି ଛତିଶଗଡ଼ ରାଜ୍ୟରେ ଯାଇ ଆତ୍ମସମର୍ପଣ କରିଛନ୍ତି। ବିକାଶ ୧୯୮୫ ମସିହାଠାରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୧୪ ଜଣ ୨୦୦୫, ୨୦୦୯, ୨୦୧୦, ୨୦୨୨ଠାରୁ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାର ମାଓବାଦୀମୁକ୍ତ ଭାରତ ଗଠନ କରିବା ପାଇଁ ବାରମ୍ବାର ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ କରିଛନ୍ତି।

### ସିଏଜିଙ୍କୁ ମିଳୁନି...

ଏନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସମ୍ପୃକ୍ତ ବିଭାଗକୁ ବାରମ୍ବାର ତାଗିଦ କରୁଛନ୍ତି। ଏପରି କି ସଚିବସ୍ତରୀୟ ବୈଠକରେ ଏହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ହେଲେ କୌଣସି ସୁଫଳ ମିଳୁନାହିଁ, ବରଂ ମାସକୁ ମାସ 'ୟୁସି' ବକେୟା ବଢ଼ି ଚାଲିଛି। ଯଦି ପୂର୍ବ ଅଧିକାରୀମାନେ ଅବାଟରେ ଟଙ୍କା ଖର୍ଚ୍ଚ କରିଛନ୍ତି ତେବେ ସରକାରଙ୍କ ନିୟମ ଅନୁଯାୟୀ, କାହିଁକି ସମ୍ପୃକ୍ତ ଅଧିକାରୀଙ୍କୁ ଦାୟୀ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଲୋକସେବା ଭବନରେ ଚର୍ଚ୍ଚା ହେଉଛି।

### ସେମିଫାଇନାଲରେ ଭାରତ...

ନ ଥିଲା। ସଞ୍ଜୁ ସାମସନ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରିଥିଲେ ମଧ୍ୟ ଓପନର ଅଭିଷେକ ଶର୍ମା ୧୦ ଓ ଇଶାନ କିଶନ ୧୦ ରନକରି ଆଉଟ ହେବାରୁ ଘରୋଇ ଦଳକୁ ଡବଲ୍ ଝଟ୍‌କା ଲାଗିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ମାତ୍ର ୧୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଏଭଳି ସ୍ଥିତିରେ ସାମସନ ଓ ତିଲକ ବର୍ମାଙ୍କ ୪୨ ରନର ଭାଗୀଦାରି ଆଶା ଉଜ୍ଜୀବିତ ରଖିଥିଲା। ତିଲକ ୨୭ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସାମସନ କିନ୍ତୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର ଓ ଶମର ଜୋସେଫ ୨ଟି ଲେଖାଏ ଏବଂ ଆକେଲ ହୋସେନ ଗୋଟିଏ ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍‌କୁ ଶାଇ ହୋପ ଓ ରଷ୍ଟନ ଚେଜ୍ ୬୮ ରନର ଆରମ୍ଭ ପ୍ରଦାନ କରିଥିଲେ। ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ ୯ମ ଓଭରରେ ହୋପ(୩୨ ରନ, ୩ ଚୌକା ଓ ୧ ଛକା)ଙ୍କୁ କ୍ଲିନ ବୋଲ୍ଡ କରି ଭାରତକୁ ବ୍ରେକଥ୍ରୁ ଦେଇଥିଲେ। ଏହାପରେ ୧୨ଶ ଓଭରରେ ଯଶପ୍ରୀତ ବୁମରା ବିସ୍ଫୋରକ ବ୍ୟାଟିଂ କରୁଥିବା ଶିମରନ ହେଟମେୟର (୧୨ ବଲ ୨୭ ରନ, ୧ ଚୌକା ଓ ୨ ଛକା) ଓ ଚେଜ (୪୦ ରନ, ୫ ଚୌକା ଓ ୧ ଛକା)ଙ୍କୁ ପାଭିଲିୟନ ପଠାଇଥିଲେ। ଶେଷ ଆଡ଼କୁ ରୋଭମାନ ପାଓ୍ୱେଲ ଓ ଜାସନ ହୋଲ୍ଡର ବିସ୍ଫୋରକ ବ୍ୟାଟିଂ କରି ପଞ୍ଚମ ଉଇକେଟରେ ୩୫ ବଲରେ ୭୬ ରନ କରି ଦଳକୁ ଭଲ ଫିନିଶିଂ ପ୍ରଦାନ କରିଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ପାଓ୍ୱେଲ ୧୯ ବଲରେ ୩୪ (୩ ଚୌକା ଓ ୨ ଛକା) ଓ ହୋଲ୍ଡର ୨୨ ବଲରେ ୩୭ (୨ ଚୌକା ଓ ୩ ଛକା) ରନ କରି ଅପରାଜିତ ଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମରା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୯୫/୪(ରଷ୍ଟନ ଚେଜ-୪୦, ଜାସନ ହୋଲ୍ଡର-୩୭*, ରଭୋମାନ ପାଓ୍ୱେଲ-୩୪*, ଶାଇ ହୋପ-୩୨ ; ଯଶପ୍ରୀତ ବୁମରା-୨/୩୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୦)। ଭାରତ ୧୯.୨ ଓଭରରେ ୧୯୯/୫ (ସଞ୍ଜୁ ସାମସନ-୯୭*, ତିଲକ ବର୍ମା-୨୭, ଜାସନ ହୋଲ୍ଡର-୨/୩୮, ଶମର ଜୋସେଫ-୨/୪୨, ଆକେଲ ହୋସେନ-୧/୨୨)।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦ୍ୱାଦଶଭାବସ୍ଥ କର୍ମାଧିପ ଶନି ଆପଣଙ୍କ କର୍ମ ସମୂହକୁ ସମ୍ପନ୍ନ କରିବାରେ ବହୁତ ସମୟ ନେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ଭାବରେ ବିଶ୍ୱାସ କରି ଅସୁବିଧାରେ ପଡିପାରନ୍ତି। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସଫଳ ହେବେ। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ।

**ବୃଷ**
ଚନ୍ଦ୍ର ଲଗ୍ନର ଅଷ୍ଟମସ୍ଥ ଗ୍ରହମାନେ ଆପଣଙ୍କୁ ଶୁଭଫଳ ଦେବାର ସାମର୍ଥ୍ୟ ହରାଇପାରନ୍ତି। ଭାବପ୍ରବଣତାବଶତଃ ବନ୍ଧୁଙ୍କ ସହ ଥଟ୍ଟାମଜା କଥା ଅଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟିବ । ପାପଗ୍ରହ ଯୁକ୍ତ ରାଶ୍ୟାଧିପ ମିତ୍ରକ୍ଷେତ୍ରସ୍ଥ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲ। ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ବ୍ୟବସାୟକୁ ବଢାଇପାରନ୍ତି।

**ମିଥୁନ**
ରାଶି ଓ ଚତୁର୍ଥାଧିପ ବୁଧ ଉଚ୍ଚାରୋହଣ କରୁଥିବାରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ନେଇ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଲାଭର ମଉକା ପାଇବେ। କର୍ମାରମ୍ଭ ସହ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**କର୍କଟ**
ପରିବାରାଧିପତି ଶୁକ୍ର ଭାଗ୍ୟଭାବସ୍ଥ ଯୋଗୁ ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ ହେବ। କର୍ମକ୍ଷେତ୍ରରୁ ସମ୍ମାନ ପ୍ରତିଷ୍ଠା ପାଇବାରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାରେ ବିଫଳ ହୋଇପାରନ୍ତି।

**ସିଂହ**
ସପ୍ତମଭାବରେ ଏକାଧିକଗ୍ରହ ଅବସ୍ଥାନ କରିଥିବାରୁ ଯାତ୍ରା ସମସ୍ୟାବହୁଳ ହୋଇପାରେ। ଶିଳ୍ପ, ବାଣିଜ୍ୟ, ଆଇନ, ଅଦାଲତ ଓ ପ୍ରତିଯୋଗିତା କ୍ଷେତ୍ରରେ ସୁଫଳ ପାଇବା କଷ୍ଟକର ହେବ। ଭାଙ୍ଗି ପଡିଥିବା ସମ୍ପର୍କ ଯୋଡିବା ପାଇଁ ଚେଷ୍ଟାକଲେ ମଧ୍ୟ ବିଫଳ ହେବେ। ପଡୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ବ୍ୟଥା ଅନୁଭବ କରିବେ।

**କନ୍ୟା**
ରାଶି ଓ କର୍ମାଧିପ ଦୁଃସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ଆଶା ମଉଳିଯିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାର୍ଯ୍ୟ ସକାଶେ ସମ୍ମତି ପ୍ରଦାନ କରିପାରନ୍ତି। ପଡୋଶୀଙ୍କ ସହ ପିଲା କଳିକୁ ନେଇ ଅଶାନ୍ତି ସୃଷ୍ଟି ହୋଇପାରେ। ଯାତ୍ରା, ସଭାସମିତି, ପ୍ରଶାସନ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୂର ହୋଇଯିବ।

**ତୁଳା**
ଭାଗ୍ୟସ୍ଥ ବୃହସ୍ପତି ତୃତୀୟ ଏବଂ ଚତୁର୍ଥଭାବକୁ ଦେଖୁଥିବାରୁ ଭ୍ରାତୃ ସମ୍ପର୍କହାନି ସାଙ୍ଗକୁ ପାରିବାରିକ ସ୍ଥିତିକୁ ବେସାହାରା କରିପାରନ୍ତି। ଭୁଲ୍ ବୁଝାମଣାରୁ ଆତ୍ମୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। ସ୍ତ୍ରୀକାରକ ଗ୍ରହ ଶୁକ୍ର ମିତ୍ର ଶନିଙ୍କ କ୍ଷେତ୍ରସ୍ଥ ହେତୁ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ବନ୍ଧୁଙ୍କ ସହ ମତାନ୍ତର ଦୂର ହେବ।

**ବିଛା**
ଆଜିର ସ୍ୱରାଶିସ୍ଥ ଚନ୍ଦ୍ର ଆପଣଙ୍କ ଉନ୍ନତ ଚିନ୍ତା ଓ ଯୋଜନାକୁ ସାକାର କରିବାରେ ସାହାଯ୍ୟ କରିବେ। ଶିକ୍ଷା, ସନ୍ତାନ, ମନ୍ତ୍ରଣା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। ଅଯଥା କାମରେ ବ୍ୟୟାଧିକ୍ୟଜନିତ ମନସ୍ତାପ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେନାହିଁ।

**ଧନୁ**
ଦେବଗୁରୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ନିରାମୟ ସ୍ୱାସ୍ଥ୍ୟ ସାଙ୍ଗକୁ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରଖିବେ। ବନ୍ଧୁ ସମ୍ପର୍କ, ଗୃହାରମ୍ଭ, ଯାନ କ୍ରୟ, ଆଭୂଷଣ ପ୍ରାପ୍ତି ହେବ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି ଓ ଆନୁଷ୍ଠାନିକ କାମରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପରୀକ୍ଷା, ଇଣ୍ଟରଭ୍ୟୁ ଏବଂ ସାଙ୍ଗଠନିକ କ୍ଷେତ୍ରରେ ସଫଳତା ପାଇବେ।

**ମକର**
ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ମନ ଅନୁଯାୟୀ କାର୍ଯ୍ୟହାସଲ କରିବା ସହ ଅଭିଳଷିତ ଜିନିଷ ପାଇବେ। ସଭାସମିତି ଅବସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ଷଷ୍ଠଭାବରେ ବ୍ୟୟାଧିପ ସ୍ୱାସ୍ଥ୍ୟ, ସମସ୍ୟା ସମାଧାନ, ଦୂରଯାତ୍ରା କ୍ଷେତ୍ରରେ ଖର୍ଚ୍ଚାନ୍ତ କରାଇପାରନ୍ତି।

**କୁମ୍ଭ**
ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ରାଜଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଉଚ୍ଚାରୋହୀ ରବି ହେତୁ ସରକାରୀ ସୁବିଧା, କାର୍ଯ୍ୟସିଦ୍ଧି ସାଙ୍ଗକୁ ଲୋକସମ୍ପର୍କ ବଢ଼ିବ। ପ୍ରତିପକ୍ଷ ମିତ୍ରତାର ହାତ ବଢାଇବେ ଏବଂ ବିଭିନ୍ନ ଦିଗରୁ ସହଯୋଗ ପାଇବାରେ ଅସୁବିଧା ହେବନାହିଁ। ଅସୁବିଧାଜନକ ପରିସ୍ଥିତି ଦୂରେଇ ଯିବ ।

**ମୀନ**
ରାଶିରେ ଶୁକ୍ର ଏବଂ ଶନିଙ୍କ ସ୍ଥିତିଜନିତ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ସାମାଜିକ ସ୍ତରରେ ତ୍ୟାଗ, ସହନଶୀଳତା ଓ ଉଦାରତା ଗୁଣରୁ ପ୍ରଶଂସିତ ହେବେ। ବନ୍ଧୁମିଳନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ପ୍ରଶାସନିକ ସ୍ତରରେ, ରାଜନୀତିରେ, ସଭାସମିତରେ ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ମାର୍ଚ୍ଚ ୨ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ସୋମବାର, ଶ୍ରୀମନ୍ଦିରରେ ରାଜାଗ୍ନି, ଦୋଳବେଦୀକୁ ଦୋଳଗୋବିନ୍ଦଙ୍କ ବିଜେ, ମେଷ ରାକ୍ଷସ ଦହନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ସକାଳ ଘ.୦୭।୫୧ ମି. ଗତେ, ରାଶିନକ୍ଷତ୍ର-ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୯ ଗତେ, ଘ.୦୭।୩୬ ମଧ୍ୟେ, ଘ.୧୦।୪୯ ଗତେ, ଘ. ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୬ ଗତେ, ଘ.୦୯।୦୪ ମଧ୍ୟେ ରାହୁକାଳ।

# ଆବଶ୍ୟକ ସ୍ଥଳେ ତୁରନ୍ତ ଜମି ଅଧିଗ୍ରହଣ କର

## ପ୍ରସ୍ତାବିତ ଜଳପଥ ନିର୍ମାଣ

ଯାଜପୁର,୧।୩(ହର୍ଷବର୍ଦ୍ଧନ ବେହେରା)

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ୫ଟି ଜଳପଥ ନିର୍ମାଣ ପ୍ରସ୍ତାବ ରହିଛି। ଏହିକ୍ରମରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଗତ ଡିସେମ୍ବରରେ ପତ୍ର ଦିଆଯାଇଥିଲା। ଉକ୍ତ ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟରୁ ବୁଧବାର ପ୍ରସ୍ତାବିତ ଜଳପଥ ପ୍ରକଳ୍ପଗୁଡିକରେ ଆବଶ୍ୟକସ୍ଥଳେ ତୁରନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗୀୟ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ ଇନ୍‌ଲାଣ୍ଡ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ(ଆଇଡବ୍ଲୁଏଆଇ) ବା ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ଗାଇଡଲାଇନ ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ଖରସ୍ରୋତା, ତନ୍ତିଘାଇ, ଚିଙ୍ଗୁଡିଆ, ପଣ୍ଡୁଆ, ବିରୂପା, ବଡ଼ଗେଙ୍ଗୁଟି ନଦୀରେ ନିର୍ମାଣାଧୀନ ଏବଂ ମଞ୍ଜୁରିପ୍ରାପ୍ତ ବ୍ରିଜ୍‌ଗୁଡ଼ିକର ସ୍ଥିତି ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ବର୍ତ୍ତମାନ ପ୍ରସ୍ତାବିତ ଜଳପଥ ଅଞ୍ଚଳରେ ୯ଟି ବ୍ରିଜ୍ ଟେଣ୍ଡର ଷ୍ଟେଜ୍‌ରେ ରହିଥିବାବେଳେ ୧୫ଟି ବ୍ରିଜ୍ ନିର୍ମାଣାଧୀନ ଓ ୨୦୨୪-୨୫ ବର୍ଷରେ ୬ଟି ବ୍ରିଜ୍ ମଞ୍ଜୁର ହୋଇଛି। ତେବେ ଆଇଡବ୍ଲୁଏଆଇର ଗାଇଡ୍‌ଲାଇନ୍ ଅନୁସାରେ ବ୍ରିଜ୍‌ଗୁଡିକର ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି।

ବ୍ରାହ୍ମଣୀ-ଖରସ୍ରୋତା-ଧାମରା ପର୍ଯ୍ୟନ୍ତ ୨୬୫ କି.ମି., ବୈତରଣୀ ନଦୀର ୪୮ କି.ମି., ବିରୂପା-ବଡ଼ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମର ୧୫୬ କି.ମି. ସମେତ ମହାନଦୀର ୪୨୬ କି.ମି., ବୁଢ଼ାବଳଙ୍ଗ ନଦୀର ୫୬ କି.ମି. ଜଳପଥର ବିକାଶ ପାଇଁ ପ୍ରସ୍ତାବ ରହିଛି। ଏହିସବୁ ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ତତ୍ପରତା ପ୍ରକାଶ ପାଇଛି। ଏହିସବୁ ନଦୀ ଉପରେ ନିର୍ମାଣାଧୀନ ଓ ମଞ୍ଜୁର ବ୍ରିଜ୍ ପ୍ରକଳ୍ପଗୁଡ଼ିକ ଉପରେ ଆଇଡବ୍ଲୁଏଆଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗର ରିପୋର୍ଟ ଅନୁସାରେ ଭଦ୍ରକ ଜିଲାର କୋଷ୍ଟ କେନାଲ ଉପରେ ବ୍ରିଜ୍, ବ୍ରାହ୍ମଣୀ, ଖରସ୍ରୋତା, ତନ୍ତିଘାଇ ଓ ପଣ୍ଡୁଆ ନଦୀରେ ଯାଜପୁର ଜିଲାର ଭଅଁରା-ଭୁରୁଙ୍ଗା ରାସ୍ତା, କଣ୍ଟିଆ, ବରୀ-ବିଞ୍ଝାରପୁର, ସାହାସପୁର-ଉଅଁରାକୁଲ ଏବଂ କେନ୍ଦ୍ରାପଡା ଜିଲାର କୃଷ୍ଣଦାସପୁର-ସିଂହଗାଁ ଓ ବଳଣ-ଆଦମପୁର ରାସ୍ତାରେ ବ୍ରିଜଗୁଡିକ ନିର୍ମାଣାଧୀନ ରହିଛି। ସେହିପରି ବିରୂପା, ବଡଗେଙ୍ଗୁଟି, ବ୍ରାହ୍ମଣୀ ନଦୀରେ କଟକ ଜିଲାର ରୁଦ୍ରପୁର ରାସ୍ତା, ବୁଢ଼ାବଳଙ୍ଗ ନଦୀ ଉପରେ ବାଲେଶ୍ୱର ଜିଲାର କେଶପୁର-କୋସମିଲା ରାସ୍ତା, ମହାନଦୀରେ କଟକ ଜିଲାର ଜନାର୍ଦ୍ଦନପୁରଠାରୁ କୁଲିଆ, କେନ୍ଦ୍ରାପଡ଼ା ଜିଲାର ବେଲାରପୁର-ନୂଆଗାଁ, ବର୍ତ୍ତୁଙ୍ଗା ରାସ୍ତା, ବଳରାମପୁର ରାସ୍ତା, ଗହଗାଠାରୁ ନରସିଂହପୁର ଓ ସାନସଲାରଠାରୁ ଷଠିଲୋ ରାସ୍ତାରେ ବ୍ରିଜ୍‌ଗୁଡ଼ିକ ନିର୍ମାଣାଧୀନ ରହିଛି। ସେହିପରି ବାଲେଶ୍ୱର ଜିଲାର କୋଷ୍ଟ କେନାଲରେ ୩ଟି ବ୍ରିଜ୍, ବ୍ରାହ୍ମଣୀ-ଖରସ୍ରୋତା, ତନ୍ତିଘାଇ, ଚିଙ୍ଗୁଡିଆ ଓ ପଣ୍ଡୁଆ ନଦୀରେ ଯାଜପୁର ଜିଲାର ୩ଟି, ଢେଙ୍କାନାଳ ଜିଲାର ଗୋଟିଏ ଓ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ବ୍ରିଜ୍, ବୁଢ଼ାବଳଙ୍ଗ ନଦୀରେ ବାଲେଶ୍ୱର ଜିଲାର ଗୋଟିଏ ବ୍ରିଜ୍ ଟେଣ୍ଡରସ୍ତରରେ ରହିଛି। ଏହାବାଦ ବିରୂପା, ବଡ଼ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀରେ କଟକ ଜିଲାର ୩ଟି ଓ କେନ୍ଦ୍ରାପଡ଼ା ଜିଲାର ୩ଟି ଏବଂ ମହାନଦୀରେ କଟକ ଜିଲାର ୧ଟି ବ୍ରିଜ୍ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ଏହିସବୁ ବ୍ରିଜ୍ ଆଇଡବ୍ଲୁଏଆଇ ଗାଇଡ୍‌ଲାଇନ୍‌ରେ ନିର୍ମାଣ କିମ୍ବା ଯୋଜନା ହୋଇଛି କି ନାହିଁ ତାହା ଅନୁଧାନଯୋଗ୍ୟ ବୋଲି ନିର୍ଦ୍ଦେଶ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇଡବ୍ଲୁଏଆଇ ପକ୍ଷରୁ ତଦନ୍ତ କରାଗଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆବଶ୍ୟକସ୍ଥଳେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

# ୬ ଓଡ଼ିଶା କ୍ୟାଡର୍ ଆଇଏଏସ୍‌ଙ୍କୁ କେନ୍ଦ୍ରୀୟ ପାହ୍ୟା

ଭୁବନେଶ୍ୱର,୧।୩
(ରବିନାରାୟଣ ଜେନା)

ଭାରତ ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି(ଏସିସି) ପକ୍ଷରୁ ଶନିବାର ଦୁଇଟି ପର୍ଯ୍ୟାୟରେ ୬୯ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ କେନ୍ଦ୍ର ପକ୍ଷରୁ ସଚିବ ତଥା 'ଇକ୍ୟୁଭାଲେଣ୍ଟ' ପାହ୍ୟା ପ୍ରଦାନ କରାଯାଇଛି। ଏସିସିର ଅନୁମୋଦନକ୍ରମେ ପ୍ରଥମ ପର୍ଯ୍ୟାୟରେ ୪୧ଜଣଙ୍କ ମଧ୍ୟରେ କେନ୍ଦ୍ରରେ କାର୍ଯ୍ୟ କରୁଥିବା ୧୯୯୫ ବ୍ୟାଚର ଆଇଏଏସ୍ ସୁଶୀଲ କୁମାର ଲୋହାନୀଙ୍କୁ କେନ୍ଦ୍ରର ସଚିବ ପାହ୍ୟା ମିଳିଥିବାବେଳେ ୧୯୯୧ ବ୍ୟାଚର ସଞ୍ଜୟ ରସ୍ତୋଗୀଙ୍କୁ ସଚିବ ସହ 'ଇକ୍ୟୁଭାଲେଣ୍ଟ' ପାହ୍ୟା ମିଳିଛି। ସେହିପରି ଏସିସିର ଦ୍ୱିତୀୟ ପର୍ଯ୍ୟାୟ ପାହ୍ୟା ଅନୁମୋଦନରେ ୨୮ଜଣ ଆଇଏଏସ୍ ରହିଥିବାବେଳେ ଓଡ଼ିଶାର ୪ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୦୧ ବ୍ୟାଚ୍‌ର ଡୋଡା ଭେଙ୍କଟ ସ୍ୱାମୀ, ୧୯୯୯ ବ୍ୟାଚ୍‌ର ଭାସ୍କର ଜ୍ୟୋତି ଶର୍ମା ଏବଂ ସେହି ବ୍ୟାଚ୍‌ର ଶୁଭା ଶର୍ମାଙ୍କ ସହିତ ୨୦୦୧ ବ୍ୟାଚର ଆର୍. ସନ୍ଥଗୋପାଳନ ରହିଛନ୍ତି। ଅନୁମୋଦନ ଅନୁଯାୟୀ, ଏହି ୪ ଆଇଏଏସ୍ ଯେଉଁ ପାହ୍ୟାରେ ରାଜ୍ୟରେ ଅଛନ୍ତି ତାହା ଇକ୍ୟୁଭାଲେଣ୍ଟ ବୋଲି ଦର୍ଶାଯାଇଛି। ତେବେ ଅଧିକାରୀଙ୍କ ସୁପାରିସକ୍ରମେ ଏସିସିର ଏହି ପାହ୍ୟା ଅନୁମୋଦନକୁ ନେଇ ଏବେ କେଉଁ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେଶନ ଯିବେ କି ନାହିଁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

nirf | A++ NAAC | QS ASIA 2026
CENTRAL UNIVERSITY OF RAJASTHAN
(A Central University established by an Act of Parliament)
International Recognition with 651st Rank in QS Asia University Rankings 2026
OPEN & DISTANCE LEARNING (ODL) PROGRAMMES
BREAK BARRIER, BUILD CAREER
LEARNING FROM ANYWHERE
ADMISSION OPEN
ODL Programmes 2025-26
Join ODL Programme of Central University of Rajasthan
UGC DEB Approved Programmes
POST GRADUATE / UNDER GRADUATE PROGRAMMES
M.Com. (Master of Commerce) | M.A. (Economics)
M.A. (Hindi) | M.A. (English)
M.Sc. (Computer Science) | B.Sc. (Computer Science)
MBA (Master of Business Administration)
Last Date for submission of online Application 30th March, 2026
Website: www.curaj.ac.in
E-mail: cdoe@curaj.ac.in
Helpline No.: 01463-257556

# ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା


ଡାକ୍ତରଖାନାରେ ମୃତକଙ୍କ ସମ୍ପର୍କୀୟ।

- ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା ଅଭିଯୋଗ
- ମୃତକଙ୍କ ସମ୍ପର୍କୀୟ-ଡାକ୍ତର ମୁହାଁମୁହିଁ

ପାଟଣା,୧।୩(ବୀର କିଶୋର ଦାଶ)

ରୋଗୀ ମୃତ୍ୟୁକୁ ନେଇ କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ରୋଗୀ ସମ୍ପର୍କୀୟ ଏବଂ ଡାକ୍ତର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ମୃତକ ହେଲେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମଲଦା ଗ୍ରାମର ଶିଖର ମୁଣ୍ଡାଙ୍କ ପୁଅ ଭୂୟାଁ ମୁଣ୍ଡା(୪୨)।

ହାତୀ ଘର ଭାଙ୍ଗି ଦେଇଥିବାରୁ ୬ ମାସ ହେବ ସେ ଶ୍ୱଶୁର ଘର ଘଟଗାଁ ବ୍ଲକ୍ ମୁକ୍ତାପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ରହୁଥିଲେ। ତେବେ ଜ୍ୱରରେ ପୀଡ଼ିତ ହୋଇ ଗୁରୁତର ହେବାରୁ ଶନିବାର ରାତି ୯ଟାରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କେନ୍ଦୁଝର ରେଫର କରିଥିଲେ। ପରିବାର ଲୋକେ ରାତି ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ଫୋନ କରି ଅପେକ୍ଷା କରିଥିଲେ ହେଁ ଆମ୍ବୁଲାନ୍ସ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ଥିଲା। ଆମ୍ବୁଲାନ୍ସକୁ ଅପେକ୍ଷା କରି ଭୂୟାଁ ଆଖି ବୁଜିଥିଲେ। ତେବେ ଚିକିତ୍ସା କରୁଥିବା ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା ଓ ଚିକିତ୍ସାରେ ଅବହେଳା କରିବା ଯୋଗୁ ଭୂୟାଁଙ୍କ ମୃତ୍ୟୁ ହୋଇଥିବା ନେଇ ରାମଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ମୁଣ୍ଡା, ଜଗନ୍ନାଥ ମହାନ୍ତ ଓ ଲକ୍ଷ୍ମଣ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଚିକିତ୍ସା କରିଥିବା ଡାକ୍ତର ନିରଞ୍ଜନ ସାହୁ କହିଛନ୍ତି, ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ। ରୋଗୀ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଆସିଥିଲେ। ଆବଶ୍ୟକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ରେଫର୍ କରାଯାଇଥିବା ବେଳେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବା ବେଳକୁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ରୋଗୀ ସମ୍ପର୍କୀୟଙ୍କୁ କୌଣସି ଦୁର୍ବ୍ୟବହାର କରାଯାଇନାହିଁ। ରାତି ୧୨ଟାରେ ୨ଜଣ ନିଶାସକ୍ତ ଯୁବକ ଆସି ପ୍ରଥମେ ସିକ୍ୟୁରିଟି, ଡାକ୍ତରଖାନା କର୍ମଚାରୀ ଓ ପରେ ଆମକୁ ଗାଳିଗୁଲଜ କରିଥିଲେ। ଏନେଇ ପାଟଣା ଥାନାରେ ଅଭିଯୋଗ କରିଥିବା ଡାକ୍ତର ସାହୁ କହିଛନ୍ତି। ତେବେ ରୋଗୀ ମୃତ୍ୟୁକୁ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୨ ମନ୍ତ୍ରୀ, ଦେବାଶିଷଙ୍କ ପାଇଁ ନାଲି ପୋଷାକ ପିନ୍ଧିଛି

## ବର୍ଷିଲେ ପ୍ରଭାତ ବିଶ୍ୱାଳ

କଟକ,୧।୩(ଶିକ୍ଷା ପ୍ରିୟଦର୍ଶିନୀ)


ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିବୃତି ଦେଉଛନ୍ତି।

ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମଧ୍ୟରେ କଳି ତେଜିବାରେ ଲାଗିଛି। ଉଭୟ ନେତା ପରସ୍ପରକୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଶନିବାର ପ୍ରଭାତ ବିଜେଡିରୁ ବହିଷ୍କାର ହେବା ପରେ ତାଙ୍କ ବିରୋଧରେ ଦେବାଶିଷ ପ୍ରବଳ ବର୍ଷିଥିଲେ। ରବିବାର ଏହାର କଡ଼ା ଜବାବ ଦେଇଛନ୍ତି ପ୍ରଭାତ। ମହାନଦୀ ବିହାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତ କହିଛନ୍ତି, ଦେବାଶିଷଙ୍କ ଚରିତ୍ର ବିଷୟରେ ସମସ୍ତେ ଜାଣନ୍ତି। ୨ଜଣ ମନ୍ତ୍ରୀ ଓ ଦେବାଶିଷଙ୍କ ପାଇଁ ନାଲି ପୋଷାକ ପିନ୍ଧିଛି। ପ୍ରଣବ ପ୍ରକାଶ ଦାସ ହେଲେ ମୁଖ୍ୟ ଲୋକ। ତାଙ୍କ ବିଷୟରେ ସବୁ ଭିଡିଓ ରଖିଛି। ଦେବାଶିଷ ସ୍ୱାଧୀନ ଭାବେ କର୍ପୋରେଟର ହୋଇ ନିର୍ବାଚନ ଲଢ଼ି ଦେଖନ୍ତୁ, ତେବେ ଜାଣିପାରିବେ ତାଙ୍କ ଲୋକପ୍ରିୟତା କ'ଣ ରହିଛି। ସେ ବିଜେଡିକୁ ଠିକା ସଂସ୍ଥା ଭାବେ ବ୍ୟବହାର କରି କାର୍ଯ୍ୟ କରୁଛନ୍ତି। ଏପରିକି ଚିଟ୍‌ଫଣ୍ଡ ଠକେଇରେ ଦେବାଶିଷଙ୍କ ସମ୍ପୃକ୍ତି ରହିଥିଲା। କଟକ ସହରରେ ସଫେଇ କାର୍ଯ୍ୟ ପାଇଁ ସେ କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି। ସେ କ୍ଷମତାରେ ଥିବାବେଳେ ଲୋକଙ୍କ ଟଙ୍କାକୁ ହରିଲୁଟ କରିଛନ୍ତି। ଏପରିକି ପ୍ରତ୍ୟେକ ମାସରେ ୨କୋଟିରୁ ଅଧିକ ଟଙ୍କାର ବିଲ୍ କରି ଟଙ୍କା ନେଉଥିଲେ। ସମସ୍ତ ପ୍ରମାଣ ସର୍ବସମ୍ମୁଖରେ ଉପସ୍ଥାପନ କରୁଛି। ସେହିପରି ସେ ପାଣ୍ଡିଆନ ଗୋ ବ୍ୟାକ୍‌ର ନାରା ଦେଉଥିଲେ। ଏପରିକି ବିଜେଡିରେ ନବୀନ ପଟ୍ଟନାୟକ କିଛି ନିଷ୍ପତ୍ତି ନିଅନ୍ତି ନାହିଁ ବୋଲି ସେ କହିଥିଲେ, କିନ୍ତୁ ଏବେ କିଭଳି ସହମତି ଦେଉଛନ୍ତି। ମୋର ରାଜନୈତିକ କ୍ୟାରିୟର ନଷ୍ଟ କରିବାକୁ ଦେବାଶିଷ ଉଦ୍ୟମ କରିଥିଲେ। ଯେତେ ଚକ୍ରାନ୍ତ କଲେ ବି ମତେ ଜେଲ୍ ପଠାଇପାରିଲେ ନାହିଁ। ସେହିପରି ୨୦୧୮ ମେ'ରେ ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା, ଦେବାଶିଷ ସାମନ୍ତରାୟ, ରଞ୍ଜନ ବିଶ୍ୱାଳ, ମୀନା ମହାନ୍ତି, ପ୍ରଦୀପ ପଟ୍ଟନାୟକଙ୍କ ଭଳି ବ୍ୟକ୍ତିଙ୍କ ବିରୋଧରେ ଚୌଦ୍ୱାର ଜେଲରୁ ମଧ୍ୟ ଚିଠି ଆସିଥିଲା। ମୋ ଘରେ ସିବିଆଇ ରେଡ୍ କରାଗଲା, ହେଲେ କିଛି ପାଇଲା ନାହିଁ। ନୀତିକୁ ବନ୍ଧା ପକେଇ ମୁଁ କେବେ ବି କିଛି କାମ କରିନାହିଁ। ଦଳର ରଣନୀତି ଏବଂ ଅନ୍ୟାନ୍ୟ ତଥ୍ୟ ସବୁ ମୁଁ ପ୍ରସ୍ତୁତ କରେ। ମୋର ଏଭଳି କାର୍ଯ୍ୟକୁ ସହି ନ ପାରି ପ୍ୟାରୀବାବୁ ଓ ମୋତେ ମେ ୨୯ ଅପରେଶନରେ ସମ୍ପୃକ୍ତି ନେଇ ଆଖ୍ୟା ଦିଆଯାଇଛି। ମୋର ୩୩ ବର୍ଷର ରାଜନୈତିକ ଜୀବନର ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମର ଚିଠା ରଖିଛି। ନବୀନ ବାବୁଙ୍କୁ ନେଇ ବିଜେଡି ନାଁରେ ଆଉ ଗୋଟିଏ ଆକାଉଣ୍ଟ ଖୋଲାଯାଇଛି। ତିନିଜଣଙ୍କ ଦସ୍ତଖତରେ ଏହି ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଖୋଲିବାର କ'ଣ ଆବଶ୍ୟକ ଥିଲା ତାହାର ଉତ୍ତର ରଖନ୍ତୁ। ଅନ୍ୟପଟେ ସଂତୃପ୍ତ ମିଶ୍ରଙ୍କ ସହ ମୋର କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ। କିଛି ଭୁଲ୍ ନିଷ୍ପତ୍ତି ହୋଇ ନ ଯାଉ, ସେଥିପାଇଁ ମୁହଁ ଫିଟାଇଲି। ନବୀନ ଜଣେ ଭଲ ମଣିଷ, ସେଥିପାଇଁ ଦୀର୍ଘବର୍ଷ ସରକାର ଚଳାଇଥିଲେ। ତେବେ ସେ ଦୁଇଜଣଙ୍କ ଉପରେ ନିର୍ଭରଶୀଳ ବୋଲି ପ୍ରଭାତ କହିଛନ୍ତି। ଏନେଇ ଦେବାଶିଷଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରି ନାହିଁ।


କଟକ ବାଲିଯାତ୍ରା ତଳପଡିଆରେ ରବିବାର ଜିଲା ପ୍ରଶାସନ ପକ୍ଷରୁ 'କଟକ ଦହିବରା ଆଳୁଦମ୍ ଦିବସ' ପାଳନ ଅବସରରେ ଖୋଲିଥିବା ଏକ ଷ୍ଟଲ୍‌ରେ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ, ମେୟର ସୁବାସ ସିଂ, ଅଭିନେତା ଶ୍ରୀତମ ନନ୍ଦ ପ୍ରମୁଖ ଦହିବରା ଖାଉଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା: ଯୁବକ ଗିରଫ

ପାରାଦୀପ,୧।୩(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ୩ ଦିନ ଧରି ବଳାତ୍କାର କରିବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶେଖ୍ ରାଜା (୨୮)। ଏ ନେଇ ଥାନାରେ ମାମଲା (ନଂ.୫୭/୨୬) ରୁଜୁ ହୋଇଛି। ଏଥିସହ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ଏକ ବସ୍ତିରେ ରହୁଥିବା ମା'ଛେଉଣ୍ଡ ଅନୁସୂଚିତ ଜନଜାତି ନାବାଳିକା ପ୍ରାୟତଃ ମାଗି ଖାଇଥାନ୍ତି। ଏହାର ସୁଯୋଗ ନେଇ ପାଖ ବଜାରର ଚିକେନ୍ ଦୋକାନରେ କାମ କରୁଥିବା ଅଭିଯୁକ୍ତ ରାଜା ପ୍ରାୟ ସମୟରେ ଉକ୍ତ ଝିଅକୁ କ୍ୟାବିନ୍‌କୁ ଡାକି ଖାଇବାକୁ ଦେଇଥାନ୍ତି। ଏଥିସହ ଥଣ୍ଡା ପାନୀୟରେ ନିଶାଦେଇ ବଳାତ୍କାର କରିଥାନ୍ତି। ଶନିବାର ସେପରି କାର୍ଯ୍ୟ କରିବାକୁ ଗଲାବେଳେ ବସ୍ତିର କେତେଜଣ ମହିଳା ରାଜାଙ୍କୁ କାବୁ କରି ଗଛରେ ବାନ୍ଧି ମାଡ଼ ମାରିଥିଲେ ଏବଂ ପରେ ପୋଲିସ ଜିମା ଦେଇଥିଲେ।

# ଆବୁଧାବିରେ ଫସିଛନ୍ତି ଇଶା ଗୁପ୍ତା

ଆବୁଧାବି,୧।୩



ଇରାନ୍‌ର ସାମରିକ ଓ ପରମାଣୁ କେନ୍ଦ୍ର ଉପରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଶନିବାର ବଡ଼ଧରଣର ଆକ୍ରମଣ କରିଛନ୍ତି। ଏହାର ପ୍ରତିବାଦରେ ଇରାନ୍ ମଧ୍ୟ ବାହାରିନ୍, ୟୁଏଇ, ଜୋର୍ଡାନ ଆଦି କେତେକ ଦେଶରେ ଥିବା ଆମେରିକା ଓ ଇସ୍ରାଏଲର ସେନା ଘାଟି ଉପରେ ପାଲଟା ଆକ୍ରମଣ କରିଛି, ଯାହା ଫଳରେ ସମ୍ପୂର୍ଣ୍ଣ ଅଞ୍ଚଳ ଅର୍ଥାତ୍ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟ ଦେଖାଦେଇଛି। ଏଭଳିସ୍ଥଳେ ୟୁଏଇର ଆବୁଧାବିକୁ ଛୁଟି କାଟିବାକୁ ଯାଇଥିବା ବଲିଉଡ୍ ଅଭିନେତ୍ରୀ ଇଶା ଗୁପ୍ତା ସେଠାରେ ଫସିଯାଇଛନ୍ତି। ସେ ସୁରକ୍ଷିତ ଥିବା ସୋସିଆଲ ମିଡିଆ ମାଧ୍ୟମରେ ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି। ସେ କହିଛନ୍ତି ଯେ, ସେଠାକାର ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଏବଂ ଚିନ୍ତାଜନକ ରହିଛି। ସ୍ଥାନୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଭରସା ରଖିଛନ୍ତି ଏବଂ ଶୀଘ୍ର ଘରକୁ ଫେରିବା ପାଇଁ ପ୍ରାର୍ଥନା କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଅଭିନେତ୍ରୀ ତଥା ଗାୟିକା ସୋନାଲ ଚୌହାନ ଦୁବାଇରେ ଫସି ରହିଛନ୍ତି। ବିମାନ ଚଳାଚଳ ବନ୍ଦ ହୋଇଯିବାରୁ ସେ ଭାରତ ଫେରିପାରୁ ନାହାନ୍ତି। ସେ ସୁରକ୍ଷିତ ଭାବେ ଘରକୁ ଫେରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସହାୟତା ମାଗିଛନ୍ତି। ସୂଚନାଥାଉ କି ଯୁଦ୍ଧସ୍ଥିତି ଯୋଗୁ ଦୁବାଇ ଏବଂ ଆବୁଧାବି ବିମାନବନ୍ଦରରେ ଶତାଧିକ ବିମାନ ବାତିଲ ହୋଇଛି, ଯାହା ଫଳରେ ବହୁ ହଜାର ଭାରତୀୟ ପର୍ଯ୍ୟଟକ ସେଠାରେ ଅଟକି ରହିଛନ୍ତି। ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ଥିବା ଭାରତୀୟମାନଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେମାନଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନ ବାହାରିବାକୁ ଏବଂ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ କୁହାଯାଇଛି।

# ମହାନଦୀ ଟ୍ରିବ୍ୟୁନାଲଙ୍କ ବିଳାସମୟ ଗସ୍ତକୁ ବିରୋଧ

## ହୋଟେଲ ସମ୍ମୁଖରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)



ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ର ଓଡ଼ିଶା ଗସ୍ତକୁ ବିରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ମହାନଦୀ ଟ୍ରିବ୍ୟୁନାଲ ଟିମ୍ ୨ ତାରିଖ ପର୍ଯ୍ୟନ୍ତ ୫ଦିନିଆ ଓଡ଼ିଶା ଗସ୍ତରେ ଅଛି। ତେବେ ଟ୍ରିବ୍ୟୁନାଲର ଏହି ଗସ୍ତକୁ ପାରିବାରିକ ବିଳାସମୟ ପିକ୍‌ନିକ ବୋଲି କହି ତୀବ୍ର ବିରୋଧ କରୁଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ରବିବାର ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଟ୍ରିବ୍ୟୁନାଲ ଟିମ୍ ରହୁଥିବା ସ୍ଥାନୀୟ ଏକ ହୋଟେଲ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି। ସୁଦର୍ଶନ କହିଛନ୍ତି, ଓଡ଼ିଶା ଗସ୍ତରେ ଥିବା ମହାନଦୀ ଟ୍ରିବ୍ୟୁନାଲର ୧୦ ସଦସ୍ୟଙ୍କ ଭିତରୁ ୪ଜଣ ହେଉଛନ୍ତି ସେମାନଙ୍କ ପରିବାର ସଦସ୍ୟ। ସେମାନେ ପାଣି ଅଭାବରୁ ପ୍ରଭାବିତ ଅଞ୍ଚଳ ନ ଯାଇ ହୀରାକୁଦ ଡ୍ୟାମ୍, ଦେବ୍ରିଗଡ଼ ଜଙ୍ଗଲ, ସମଲେଇ ମନ୍ଦିର, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାମଚଣ୍ଡୀ, କୋଣାର୍କ ଓ ଚିଲିକା ସି-ମାଉଥ୍ ବୁଲିବା ସହ ବୋଟିଂର ମଜା ନେଉଛନ୍ତି। କେବଳ ହୀରାକୁଦକୁ ଛାଡିଦେଲେ ଅନ୍ୟ ସ୍ଥାନଗୁଡିକ ମହାନଦୀର ସ୍ଥିତି ଆକଳନ ପାଇଁ ଉଦ୍ଦିଷ୍ଟ ନୁହେଁ। ଏଗୁଡିକ କେବଳ ପର୍ଯ୍ୟଟନସ୍ଥଳୀ। ତେଣୁ ପରିବାର ବନ୍ଧୁବାନ୍ଧବ ଧରି ଗରିବ ଓଡିଶା ଲୋକଙ୍କ ଟିକସ ପଇସାରେ ବୁଲି ମଉଜ କରିବାକୁ ଆସିଥିବା ଟ୍ରିବ୍ୟୁନାଲକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ କରୁଛି। ୨୦୨୩ରେ ଟ୍ରିବ୍ୟୁନାଲର ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ୫କୋଟି ଖର୍ଚ୍ଚ ହୋଇଥିବାବେଳେ ଏଥର ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ରାଜ୍ୟ ସରକାରଙ୍କ ବିଳାସପୂର୍ଣ୍ଣ ଅତିଥିଭବନ ଥିବାବେଳେ ପାଞ୍ଚତାରକା ହୋଟେଲରେ ଟ୍ରିବ୍ୟୁନାଲଙ୍କ ରହଣି କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ଅଧିକାରୀ ଏହି ଗସ୍ତ ପାଇଁ ଅନୁମତି ଦେଇଛନ୍ତି ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଦରମାରୁ ଅର୍ଥ ଅସୁଲ ପାଇଁ ମଧ୍ୟ ସଂଗଠନ ଦାବି କରିଛି। ଏଥିସହ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀକାଳୀନ ଅନ୍ତରୀଣ ଆଦେଶରେ ଅଣମୌସୁମୀ ସମୟରେ ମହାନଦୀର ନିତାନ୍ତ ଆବଶ୍ୟକ ପାଣି ଛାଡିବାକୁ ଛତିଶଗଡ଼କୁ ତୁରନ୍ତ ନିର୍ଦ୍ଦେଶ ଦେବା, କଲମା ବ୍ୟାରେଜରେ ପାଣିକୁ ସମ୍ପୂର୍ଣ୍ଣ ବନ୍ଦ କରିବାରୁ ନିବୃତ୍ତ ରହିବା ପାଇଁ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ କହିଛନ୍ତି। ପ୍ରତିବାଦରେ ସଙ୍ଗଠନର ସହଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ଏନ୍‌ଏଚ୍‌ଆର୍‌ସି କୋର୍ ମେମ୍ବର ମନୋଜ ଜେନା, ସିପିଏମ୍‌ର ପ୍ରଦୀପ୍ତ ନାୟକ, ଓଡିଶା ପାଣି ପଞ୍ଚାୟତ ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଅଶୋକ ପାଇକରାୟ, ମିଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଅବସରକାଳୀନ ସମ୍ବର୍ଦ୍ଧନା ସଭା**

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କର୍ତ୍ତି ନିକଟରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୋହନ ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ କବିରାଜ ମାଝୀ, ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ରଥ ତଥା ପରିଚାଳନା କମିଟି ସଭାପତି ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ କର୍ତ୍ତିଙ୍କ ଆଦର୍ଶ, ଶିକ୍ଷାଦାନ ଓ କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ। ଶେଷରେ ସିଆରସିସି ସଞ୍ଜୀବ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ‘ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କର’

**ବଲାଙ୍ଗୀର,୧।୩(ବୀରେନ୍ଦ୍ର କୁମାର ଝାଙ୍କର)**

ରାଜ୍ୟ ସରକାରଙ୍କ ବଜେଟ ପ୍ରାବଧାନ ଉପରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ରବିବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ବଲାଙ୍ଗୀର ଜିଲା ପାଇଁ ସରକାର ଯେଉଁ ଘୋଷଣା କରିଛନ୍ତି ସେ ଉପରେ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ସେ କହିଥିଲେ, ବଲାଙ୍ଗୀରବାସୀ ଦୀର୍ଘବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦାବି କରି ଆସୁଥିଲେ। ଏଥିପାଇଁ ମାନବଶୃଙ୍ଖଳ, ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିଥିଲେ। ବିଜେଡି ସରକାର ଦୀର୍ଘ ୨୪ ବର୍ଷ ଭିତରେ ଏହି ଦାବି ପୂରଣ କଲେ ନାହିଁ। ତତ୍କାଳୀନ କୃଷିମନ୍ତ୍ରୀ କେବିକେରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଥା କହିଥିଲେ। ଘୋଷଣା ସତ୍ତ୍ୱେ ବଲାଙ୍ଗୀରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କଲେ ନାହିଁ। ଏବେ ରାଜ୍ୟ ସରକାର ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ଏହାର ପୁନର୍ବିଚାର କରି ତୁରନ୍ତ ବଲାଙ୍ଗୀରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ସ୍ଥାପନ କରନ୍ତୁ ବୋଲି ମିଶ୍ର ଦାବି କରିଛନ୍ତି। ସେ ଆହୁରି କହିଥିଲେ, ଏହି ବଜେଟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ୫ ଶହ କୋଟି ଓ କେବିକେ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ୨୫୦ କୋଟି ଟଙ୍କା ଅନୁଦାନ ବ୍ୟବସ୍ଥା କରାଯାଇଛି। ଏଥିସହିତ ଝାରସୁଗୁଡ଼ାରେ ଏକ ବିଶ୍ୱବିଦ୍ୟାଳୟ, ସମ୍ବଲପୁରରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ବଲାଙ୍ଗୀରରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ କୃଷି ମହାବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ବର୍ନ ୟୁନିଟ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ବଲାଙ୍ଗୀରରେ ସରକାରୀ ଇଞ୍ଜିନିୟରିଂ କଲେଜ ଖୋଲିବା ଏବଂ ଝାରସୁଗୁଡ଼ାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ସ୍ୱାଗତଯୋଗ୍ୟ। କିନ୍ତୁ ପୂର୍ବ ସରକାର ସମୟରେ ଘୋଷିତ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପରିବର୍ତ୍ତେ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ସ୍ଥାପନ କରିବା ନେଇ ସରକାର ଘୋଷଣା କରିବା ଜନଅସନ୍ତୋଷର କାରଣ ପାଲଟିଛି। ପାଟଣାଗଡ ବିଧାୟକ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୃଷି ମନ୍ତ୍ରୀ ହେଲା ପରେ ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଦ୍ୟାଳୟ ସ୍ଥାପନ ହେବ ବୋଲି ଜିଲା ତଥା ଅଞ୍ଚଳବାସୀ ଆଶା କରିଥିଲେ। ଏହା ଏବେ ଧୂଳିସାତ୍ ହୋଇଛି। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ କରାଯିବା ପାଇଁ ଭିତ୍ତିଭୂମି ରହିଛି। ଏଠାକାର ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ଓ ବିକାଶର ସମ ବଣ୍ଟନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। ବଲାଙ୍ଗୀରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ସ୍ଥାପନ କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧକ୍ଷ ମିଶ୍ର ଦାବି କରିଛନ୍ତି। ଏହା ନ ହେଲେ ଆଗକୁ ପୁଣି ଆନ୍ଦୋଳନ ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସମିତିର ରବି ମିଶ୍ର, ରଣରାଜ ସିଂଦେଓ ଓ ଶରତ ହୋତା ଉପସ୍ଥିତ ଥିଲେ।



କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

**କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ**

- ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀଙ୍କୁ ଅନୁରୋଧ କଲେ
- ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପ୍ରତିଷ୍ଠା କରିବାକୁ ଦାବି କଲେ

# କେନ୍ଦୁପତ୍ର ଗୋଛା କଟା ଆରମ୍ଭ

**ଲୋଇସିଂହା,୧।୩(ସୁଶାନ୍ତ ବାରିକ)**

କେନ୍ଦୁପତ୍ର ଗୋଛା କଟା ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ଶେଷ ଆଡକୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଯିବ। ୨୦୨୬-୨୭ ଆର୍ଥିକ ବର୍ଷରେ ବଲାଙ୍ଗୀର ବନଖଣ୍ଡ ଲୋଇସିଂହା ଥାନା ଝାରବନ୍ଧଲି କେନ୍ଦୁପତ୍ର ରେଞ୍ଜରେ ୬ ଲକ୍ଷ ୫୮ ହଜାର ୯ଶହ କେରି କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସୂଚନା ଅନୁଯାୟୀ, ଝାରବନ୍ଧଲି ରେଞ୍ଜ ଅଧୀନରେ ୩୩ ଫଡି ଘର ରହିଛି। ଏହି ଫଡି ଘର ମଧ୍ୟରୁ ୩୦ ଫଡି ଘର ଅଞ୍ଚଳରେ ବୁଦା କଟା ଆରମ୍ଭ ହୋଇଯାଇଛି। ଚଳିତବର୍ଷ ବୁଦା କଟାଇ ପାଇଁ ୮ ହଜାର୧୯୦ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଫେବୃଆରୀ ୨୮ ତାରିଖ ସୁଦ୍ଧା ୨ ହଜାର ୮୦୯ ଶ୍ରମଦିବସର ଗୋଛା କଟାଇ ସରିଥିବା ନେଇ ସୂଚନାରୁ ଜଣାପଡିଛି। ଫରେଷ୍ଟର ଜଗନ୍ନାଥ ମିଶ୍ର ଏବଂ ଫଡି ଘର ମୁନସୀଙ୍କ ତତ୍ତ୍ୱାବଧାନରେ ଶ୍ରମିକମାନେ ବୁଦା କଟାରେ ନିୟୋଜିତ ହୋଇଛନ୍ତି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବୁଦା କଟା ଯାଉଛି। ବୁଦା କଟା ପୂର୍ବରୁ କୋଡିଗୁଡିକୁ ଧାର କଲା ପରେ ବୁଦା କଟାଯାଉଥିବା ନେଇ ଝାରବନ୍ଧଲି ରେଞ୍ଜର ଦିଲୀପ ସାହୁ କହିଛନ୍ତି।


ଫରେଷ୍ଟରଙ୍କ ଉପସ୍ଥିରେ ଗୋଛା କଟା ଚାଲିଛି।

# ସୂର୍ଯ୍ୟମଣି ପାଢ଼ୀ ମେମୋରିଆଲ ବଡି ବିଲ୍ଡିଂ ଚାମ୍ପିୟନଶିପ୍ ଉଦ୍ୟାପିତ

**ଟିଟିଲାଗଡ଼,୧।୩(ଶରତ ମିଶ୍ର)**

ସ୍ଥାନୀୟ ବାଳକ ହାଇସ୍କୁଲ ଖେଳପଡିଆରେ ଶହୀଦ ଜିମନାସିୟମ ତରଫରୁ ରାଜ୍ୟସ୍ତରୀୟ ସୂର୍ଯ୍ୟମଣି ପାଢ଼ୀ ମେମୋରିଆଲ ବଡି ବିଲ୍ଡିଂ ଚାମ୍ପିୟନଶିପ୍ ଶନିବାର ରାତିରେ ଉଦ୍ୟାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନର ସମ୍ପାଦକ ପ୍ରସନ୍ନ ମହାସୁଆର, ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ଶହୀଦ ଜିମନାସିୟମର ସଭାପତି ରବି କିରଣ ସ୍ୱାଇଁ ଏବଂ ଉପଦେଷ୍ଟା କମ୍ଭୁ ପାଣି ପାଢ଼ୀ ଯୋଗ ଦେଇଥିଲେ। ହନୁମାନ, ମା’ ଭାରତୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ସନତ ପାଢ଼ୀ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ଭାଜପା ଜିଲା ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ଭାଜପା ନେତା ମୁକେଶ କୁମାର ଜୈନ, ନଗର ସଭାପତି ସୁନିଲ ଆଚାର୍ଯ୍ୟଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶେଷରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଖେଳାଳିଙ୍କୁ ନେଇ ଉତ୍କଳ ଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ନିଜର ଶାରୀରିକ ଗଠନ, ଆତ୍ମବିଶ୍ୱାସ ଓ ମଞ୍ଚ ପ୍ରଦର୍ଶନରେ ବିଚାରକ ମଣ୍ଡଳୀଙ୍କ ମନକୁ ଜିଣି ପୁରୀର ଜଗନ୍ନାଥ ଖୁଣ୍ଟିଆ ୨୦୨୬ର ଉତ୍କଳ ଶ୍ରୀ ହୋଇଥିଲେ।

**ପୁରୀର ଜଗନ୍ନାଥ ଖୁଣ୍ଟିଆ ଉତ୍କଳଶ୍ରୀ ୨୦୨୬**

# ଅସହାୟଙ୍କୁ ଖାଦ୍ୟ ବାଣ୍ଟିବ ସ୍ମାଇଲ ଫର୍ ଅଲ୍ ସଙ୍ଗଠନ



ସ୍ମାଇଲ ଫର୍ ଅଲ୍ ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ବଲାଙ୍ଗୀର,୧।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ମାଇଲ ଫର ଅଲ୍ ଫାଉଣ୍ଡେଶନ ଅସହାୟ, ଭୋକିଲା ବିଶେଷ କରି ବିଭିନ୍ନ କାରଣରୁ ଖାଦ୍ୟ ପ୍ରସ୍ତୁତ କରି ଖାଇ ପାରୁ ନ ଥିବା ବ୍ୟକ୍ତିମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିବ। ସଙ୍ଗଠନ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଙ୍ଗଠନର ଉପଦେଷ୍ଟା ଲୋଟସ ଷଡଙ୍ଗୀ, ଟୁନା ମିଶ୍ର, ସଭାପତି ସାମସନ ମିସାଲ, ସଚିବ ସଞ୍ଜୀବ ସାହୁ, କୋଷାଧକ୍ଷ ଜୟକୃଷ୍ଣ ମିଶ୍ର, ଚକ୍ରପାଣି ଦାଶ, ସୁଦର୍ଶନ ଚିର୍ଗୁନ ମଞ୍ଚାସୀନ ଥିଲେ। ଆର୍ଥିକ ଅନଗ୍ରସର ଝିଅ ପୁଅ, ବାସନ୍ଦ କରି ଦିଆଯାଇଥିବା ଅସହାୟ ବୃଦ୍ଧା ବୃଦ୍ଧ, ଗରିବ ବାସହୀନଙ୍କୁ ଦୁଇ ବେଳା ରନ୍ଧାଖାଦ୍ୟ ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ପେଟ କେ ମୁଠେ ଅଭିଯାନ ନାଁରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ ସୁଜିତ ଚନ୍ଦନ, ଅରୁପ ସିଂ, ପ୍ରଭାତ ମିଶ୍ର, ବାବୁ ଚନ୍ଦନ, ଆୟୁଷ ରାଉତ, ରାଜ ନାଏକ, ବବଲୁ ନନ୍ଦ, କିଶୋର ସିଂ, ସୁରେଶ ବାଗ, ବିଙ୍ଗ ହ୍ୟୁମାନର ପ୍ରତିଷ୍ଠାତା ସଭାପତି ସୋମନାଥ ମିଶ୍ର, ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଶତପଥୀ ଉପସ୍ଥିତ ଥିଲେ।

# ଆଗଲପୁରରେ ପୋଲିସ ଉପରେ ଆକ୍ରମଣ: ଜଣେ ଏଏସ୍ଆଇ ଗୁରୁତର, ୨ ଅଟକ

**ଲୋଇସିଂହା,୧।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଘାସିପଡ଼ାରେ ରବିବାର ପୋଲିସକୁ ଆକ୍ରମଣ ହୋଇଛି। ଆକ୍ରମଣରେ ଲୋଇସିଂହା ଥାନାର ଏଏସ୍ଆଇ ଜୀବନାନନ୍ଦ ବେହେରା ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ,ଆଗଲପୁର ଥାନା ଆଗଲପୁର ଘାସିପଡ଼ାର ଏକ ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏହାପରେ ମହିଳା ଜଣକ ୧୧୨ ନଂକୁ କଲ୍ କରି ଅଭିଯୋଗ କରିଥିଲେ। ଖବର ପାଇ ଆଗଲପୁର ପୋଲିସ ସମ୍ପୃକ୍ତ ବସ୍ତିକୁ ଯାଇଥିଲା। ହେଲେ ସେଠାରେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଗଲପୁର ଓ ଲୋଇସିଂହା ପୋଲିସ ମିଳିତ ଭାବେ ସେହି ବସ୍ତିକୁ ଯାଇଥିବା ବେଳେ ପୁଣି ସେହି ବସ୍ତି ଲୋକେ ପୋଲିସକୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଲୋଇସିଂହା ଥାନାର ଏଏସ୍ଆଇ ଗୁରୁତର ହୋଇଛନ୍ତି। ପୋଲିସ ଟିମ୍ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ଆଗଲପୁରରେ ଚାପା ଉତ୍ତେଜନା ଲାଗି ରହିଛି।

# ଲୋଇସିଂହା ତ୍ରିଶୂଳ ପୋଖରୀ ପାଣି ଦୂଷିତ

**ଲୋଇସିଂହା,୧।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ସହରର ତ୍ରିଶୂଳ ପୋଖରୀ ପାଣି ଦୂଷିତ ହୋଇପଡିଛି। ତଥାପି ଏହି ପୋଖରୀରେ ଦୈନିକ ଲୋଇସିଂହା ବସ୍ତିର ଶତାଧିକ ବ୍ୟକ୍ତି ସ୍ନାନ କରୁଥିବାରୁ ଚର୍ମ ରୋଗ ସହିତ ନା ନା ରୋଗ ବ୍ୟାପିବା ନେଇ ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସାପ୍ତାହିକ ବଜାର ନିକଟରେ ରହିଛି ତ୍ରିଶୂଳ ପୋଖରୀ। ଏହି ପୋଖରୀକୁ ବର୍ଷାଦିନରେ ଜଳ ପ୍ରବେଶ କରୁଥିବା ବେଳେ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। କିଛି ବର୍ଷ ପୂର୍ବରୁ ଜଳ ନିଷ୍କାସନ ପାଇଁ ସର୍ପ୍ଲସ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ତାହା କୌଣସି କାରଣରୁ ବନ୍ଦ କରି ଦିଆଯାଇଥିଲା। ଏଣୁ ନିଷ୍କାସନ ପଥ ନ ଥିବାରୁ ପୋଖରୀରେ ପାଣି ଜମି ରହି ପ୍ରଦୂଷିତ ହୋଇ ପଡିଛି। ପୋଖରୀ ପାଣିରେ ନୀଳ ଆସ୍ତରଣ ଜମି ଯାଇଛି। ପାଣି ଅବସ୍ଥା ଏପରି ହୋଇଥିଲେ ସୁଦ୍ଧା ଲୋଇସିଂହା ନୂଆପଡା, ବସ୍ତି ଏବଂ ବସଷ୍ଟାଣ୍ଡ ଅଞ୍ଚଳର ଲୋକେ ନିୟମିତ ଭାବେ ବ୍ୟବହାର କରି ଆସୁଛନ୍ତି। ପୋଖରୀକୁ ସ୍ନାନ ପାଇଁ ଯାଉଥିବା ଲୋକେ କିଛି ସମୟ ଧରି ପାଣି ସଫା କଲା ପରେ ସ୍ନାନ କରିଥାନ୍ତି। ପୋଖରୀ ପାଣି ବ୍ୟବହାର କରୁଥିବା ଲୋକଙ୍କ ଦେହ କୁଣ୍ଡାଇ ହେଉଥିବା ଅଭିଯୋଗ ହେଉଛି। ଖୁବଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଚର୍ମରୋଗ ଏବଂ ଜଳବାହିତ ରୋଗ ବ୍ୟାପିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଥିପାଇଁ ବ୍ଲକ ପ୍ରଶାସନ ଦାୟୀ ରହିବେ ବୋଲି ଲୋଇସିଂହାର ସଚେତନ ଯୁବକ ଦେବାଶିଷ ବିଶୋଇ ତାଙ୍କ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।


ପୋଖରୀର ଦୂଷିତ ପାଣି।

# କୁମୁଣ୍ଡେ ବାରପାହାଡ଼ କପ୍ ଫୁଟବଲ: ତେନ୍ତୁଲିଖୁଣ୍ଟି ଚାମ୍ପିୟନ

**ଲୋଇସିଂହା,୧।୩(ସୁଶାନ୍ତବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିକଟସ୍ଥ କୁମୁଣ୍ଡେ ଭାଲିଆଟିକ୍ରା ଖେଳପଡିଆରେ ଚାଲିଥିବା ବାରପାହାଡ କପଫୁଟବଲ ଟୁର୍ନାମେଣ୍ଟ ଉଦ୍ୟାପିତ ହୋଇଯାଇଛି। ରବିବାର ଫାଇନାଲ ଖେଳ ସକମା ଓ ତେନ୍ତୁଲିଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୦ ଗୋଲରେ ସକମାକୁ ହରାଇ ତେନ୍ତୁଲିଖୁଣ୍ଟି ଚାମ୍ପିୟନ ହୋଇଛି। ରେଫରି ସଞ୍ଜୀବ ସାହୁ ,ସୁଶାନ୍ତ ବାଗ ଓ ଖୁଜାର ମହମ୍ମଦ ଟୁର୍ନାମେଣ୍ଟର ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ରାଜେନ୍ଦ୍ର ଦୀପଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଣୀସର୍ଡା ସରପଞ୍ଚ ବାଳଗୋପାଳ ମହାକୁର ମୁଖ୍ୟଅତିଥି, ଶିକ୍ଷାବିତ୍ ଚମରା ଚୌହାନ, ଇଂ ଲୋକନାଥ ମହାନନ୍ଦ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ରନର ଅପ୍ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଇମ୍ପେରିୟାଲ କ୍ଲାସିକ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍ୟାପିତ

**ବଲାଙ୍ଗୀର,୧।୩(ବୀରେନ୍ଦ୍ର କୁମାର ଝାଙ୍କର)**

କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ଆୟୋଜିତ ଇମ୍ପେରିୟାଲ କ୍ଲାସିକ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍ୟାପିତ ହୋଇଛି। ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ସମ୍ବଲପୁରର ଶଙ୍କର ମେହେର ଓ ମହିଳା ବର୍ଗରେ ସମ୍ବଲପୁରର ଊର୍ମିଳା ବେହେରା ଚାମ୍ପିୟନ ଅଫ୍ ଚାମ୍ପିୟନ ଆଖ୍ୟା ହାସଲ କରିଥିଲେ। ଏଥିରେ ରାଜ୍ୟର ୧୯ଟି ଜିଲାର ୧୨୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ମେନ୍ ଫିଜିକ୍ ବିଭାଗରେ ଯାଜପୁରର ଲକ୍ଷ୍ମୀଧର ସାହୁ ପ୍ରଥମ, ବଲାଙ୍ଗୀରର ଅଭିଷେକ ବିଭାର ଦ୍ୱିତୀୟ, କଟକର ବିଷ୍ଣୁ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ମେନ ଫିଜିକ୍ ଟଲ କେଟାଗୋରିରେ ସମ୍ବଲପୁରର ତରୁଣ ମହାକୁର ପ୍ରଥମ, ରାୟଗଡାର ଡି. ଭେଙ୍କଟ ପ୍ରସାଦ ଦ୍ୱିତୀୟ, ଭଦ୍ରକର ଦୀପକ କୁମାର ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ସମ୍ବଲପୁରର ଊର୍ମିଳା ବେହେରା ପ୍ରଥମ, ବଲାଙ୍ଗୀରର ଶିବାନୀ ନାଏକ ଦ୍ୱିତୀୟ, ସମ୍ବଲପୁରର ପୂଜା ଗୁପ୍ତା ତୃତୀୟ, ରାୟଗଡାର ସସ୍ମିତା ମାଝି ଚତୁର୍ଥ ଏବଂ ନୂଆପଡାର ଯାଜ୍ଞସେନୀ ପଣ୍ଡା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ୫୫ କେଜିରୁ କମ୍ ଓଜନ ବର୍ଗରେ ପୁରୀର ଆଦିତ୍ୟ ନାରାୟଣ ରଣା ପ୍ରଥମ, ସମ୍ବଲପୁରର ଅକ୍ଷୟ କୁମ୍ଭାର ଦ୍ୱିତୀୟ, ଝାରସୁଗୁଡାର ଆଶୁ କୁମାର କେଶରୀ ତୃତୀୟ ସ୍ଥାନ ହାସଲ କରିଥିଲେ। ୬୦ କେଜିରୁ କମ୍ ବୟସ ବର୍ଗରେ କଳାହାଣ୍ଡିର ଦେବେନ୍ଦ୍ର ନାଏକ ପ୍ରଥମ, କେନ୍ଦ୍ରାପଡାର ତନ୍ମୟ ସାହୁ ଦ୍ୱିତୀୟ ଓ ବଲାଙ୍ଗୀରର ଅଭିଷେକ ବିଭାର ତୃତୀୟ ସ୍ଥାନ ହାସଲ କରିଥିଲେ। ୬୫ କେଜିରୁ କମ୍ ଓଜନ ବର୍ଗରେ ଯାଜପୁରର ଚନ୍ଦନ ବିଶ୍ୱାଳ ପ୍ରଥମ, ବଲାଙ୍ଗୀରର ବୁଲୁ ବାଗ ଦ୍ୱିତୀୟ, ସମ୍ବଲପୁରର ଜୟନ୍ତ ବାଗ ତୃତୀୟ ସ୍ଥାନ ହାସଲ କରିଥିଲେ। ୭୦ କେଜିରୁ କମ୍ ଓଜନ ବର୍ଗରେ ପୁରୀର ବିଜୟ ବଡପଣ୍ଡା ପ୍ରଥମ, ରାୟଗଡାର ଡି. ଭେଙ୍କଟପ୍ରସାଦ ଦ୍ୱିତୀୟ, କଟକର ସାଗର ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ୭୫ କେଜିରୁ କମ୍ ଓଜନ ବର୍ଗରେ ସମ୍ବଲପୁରର ପ୍ରକାଶ ସିଂ ପ୍ରଥମ, ଯାଜପୁରର ଲକ୍ଷ୍ମୀଧର ସାହୁ ଦ୍ୱିତୀୟ, ବଲାଙ୍ଗୀରର ଗଣେଶ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ୭୫ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସମ୍ବଲପୁରର ଶଙ୍କର ମେହେର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଖୋର୍ଦ୍ଧାର ରଘୁ ମାରାଣ୍ଡି ଦ୍ୱିତୀୟ ସ୍ଥାନ ଏବଂ ଯାଜପୁରର ମାନସ କୁମାର ବାରିକ ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ସଂକୀର୍ତ୍ତନ ବାଗ, ଅର୍ଜ୍ଜୁନ ଦୀପ, କୃଷ୍ଣଚନ୍ଦ୍ର ପାତ୍ର, ସନ୍ତୋଷ ମହାନ୍ତି, ବାଳକୃଷ୍ଣ ବାଗ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।


ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ପୁରସ୍କୃତ ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

**ପୁରୁଷ ବର୍ଗରେ ଶଙ୍କର, ମହିଳା ବର୍ଗରେ ଊର୍ମିଳା ଚାମ୍ପିୟନ ଅଫ୍ ଚାମ୍ପିୟନ**


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1173/Q/25-26

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
PLOT NO-493(P), PALASPALI, KHURDA, BHUBANESWAR-751020
**TENDER CALL NOTICE NO. 349(1)/CDA/2026, Dt. 23.02.2026**

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority

OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**
Panchayati Raj
Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863
**Notice No. : 982 Date : 26.02.2026**
**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME**

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.

The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of t**he Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir

OIPR-19001/19248/1/25-26/0001

**GOVERNMENT OF ODISHA**
No.25001/263/2526
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
e-Procurement for Building Works
Bid Identification No. : EERWJYP-Online -14/2025-26

Letter No.1283
Date : 23.02.2026

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : “B” & “C” Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

**ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକଙ୍କ ବୈଠକ**

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ୍ସ କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏକ ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୪ ମାର୍ଚ୍ଚ ୩୧ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବଞ୍ଚିତ ଥିବା ଏକ୍ସ କ୍ୟାଡର ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନ୍ୟାଶନାଲ ଇନକ୍ରିମେଣ୍ଟ ସହ ଆନୁଆଲ ଇନକ୍ରିମେଣ୍ଟ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସଞ୍ଜୟ ମିଶ୍ର, ସଞ୍ଜୟ ମଙ୍ଗରାଜ, ଯାଜ୍ଞସେନୀ ମଲ୍ଲିକ, ମନ୍ଦାକିନୀ କଅାଁର, ନରୋତ୍ତମ ରଣା, ରାଧାକାନ୍ତ ସନ୍ୟାସୀ, ମୁନସା ମେଣ୍ଡିଲି ଓ ଭଗବାନ ପଧାନ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ପିଲାମାନେ ଚାପମୁକ୍ତ ହୋଇ ପାଠ ପଢ଼ନ୍ତୁ

**ପ୍ରତାପପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ**

**ସୋନପୁର, ୧।୩(ମୃତ୍ୟୁଞ୍ଜୟ ଶତପଥୀ)**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର ସଦର ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଡଲି ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ଶିକ୍ଷାଧୀଶ ଡ. ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ବିଦ୍ୟାଳୟର ଉତ୍ତମ ଛାତ୍ରୀ ଡଲି ପରି ଅନେକ ଡଲି ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ସୋନପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡ. ଜ୍ୟୋତି ରଞ୍ଜନ ବହିଦାର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ି ମାତାପିତା ଓ ବିଦ୍ୟାଳୟର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗଦେଇ ଶିଶୁକୁ ଚାପମୁକ୍ତ ହୋଇ ଶିକ୍ଷା ଗ୍ରହଣ କରିବାକୁ ମାର୍ଗ ଦର୍ଶନ କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ସହ ଶିକ୍ଷା ନିରିକ୍ଷକ ପ୍ରଫୁଲ୍ଲ କୁମାର ଚାନ୍ଦ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ନୂତନ ଭାବେ ପ୍ରସ୍ତୁତ ଭୂଗୋଳ ଓ ବିଜ୍ଞାନ ପ୍ରୟୋଗଶାଳା ରମଣ କକ୍ଷକୁ ଉଦ୍‌ଘାଟନ କରିବା ସହିତ ବାର୍ଷିକ ମୁଖପତ୍ର ଡଲିକୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ପ୍ରଥମ ଛାତ୍ରୀ ଡଲି ବାଘଙ୍କ ନାମରେ ବାର୍ଷିକ ଉତ୍ସବ ସମର୍ପିତ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦ କହିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର କ୍ରିଷ୍ଣା ସେଠୀ ଓ ଛାତ୍ରୀ ଯସ୍ମିନ କଠାର, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନସିଂ କଠାର, ରବିନ୍ଦ୍ର ଆଡଜୁଆଡ଼ି, ଉମାକାନ୍ତ କଠାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟକୁ ଆସିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଗୋପେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା, ଏସ୍‌ଏମ୍‌ସି ସଭାପତି ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅକ୍ଷୟ କୁମାର ଜେନା, ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା, ଦୋଳଗୋବିନ୍ଦ ପଣ୍ଡା, ଜୟରାମ ପଣ୍ଡା, ଘନଶ୍ୟାମ ମିଶ୍ର, ସୀମାଞ୍ଚଳ ସାହୁ, ରେଆର ନିର୍ଦ୍ଦେଶକ ଅନଙ୍ଗ ନେଗୀ, ବିଦ୍ୟାଳୟ ପରିଚାଳନ କମିଟି ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ୨ ବାଇକ ମୁହାଁମୁହିଁ ଧକ୍କା, ଯୁବକ ମୃତ

**ନିଜ ବାହାଘର କାର୍ଡ ବାଣ୍ଟିବାକୁ ଯାଉଥିବାବେଳେ ମୃତ୍ୟୁ ହେଲା**

**ଅମରପାଲି, ୧।୩(ପୀତାମ୍ବର ସାହୁ)**


କୃଷ୍ଣଚନ୍ଦ୍ର ପ୍ରଧାନ।

ଆଠ ଦିନ ଥିଲା ବାହାଘର। ବାହାଘର ପାଇଁ ଭଉଣୀ ଘରକୁ ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଯାଇଥିଲେ। ଘରକୁ ଫେରିବା ବାଟରେ ବାଇକ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମୁର୍ଷୁଣ୍ଡୀ ନିକଟସ୍ଥ ବିଦ୍ୟୁତ୍ ଗ୍ରୀଡ ସମ୍ମୁଖରେ। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସମ୍ବଲପୁର ଜିଲା ରେଢାଖୋଲ ଥାନା ତ୍ରିବେଣପୁର ପଞ୍ଚାୟତ ଅରଖକୁଦ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ(୨୭)। ତାଙ୍କ ବିବାହ ସମ୍ବଲପୁର ଜିଲା ରେଢାଖୋଲ ଥାନା ବୁଟୁଖମନ ଗ୍ରାମରେ ଆଗାମୀ ୯ ତାରିଖରେ ହେବାକୁ ଦିନସ୍ଥିର ହୋଇଥିଲା। ରବିବାର ଗ୍ରାମର ସରୋଜ ପ୍ରଧାନ(୨୮)ଙ୍କ ସହ କୃଷ୍ଣଚନ୍ଦ୍ର ଏକ ବାଇକରେ ଭଉଣୀ ଘର ଯୁଧିଷ୍ଠିରପୁରକୁ ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇଥିଲେ। ଫେରିବା ବାଟରେ ବିବାହ ପାଇଁ କିଛି ସାମଗ୍ରୀ କିଣାକିଣି କରିବା ପାଇଁ ବୀରମହାରାଜପୁରକୁ ଯାଉଥିଲେ। ଏହି ସମୟରେ ମୁର୍ଷୁଣ୍ଡିର ଶିବା ଜଗଦଲା ଏକ ବାଇକରେ ବିପରୀତ ଦିଗରୁ ଆସୁଥିଲେ। ବୀରମହାରାଜପୁର–ଅମରପାଲି ରାସ୍ତାର ମୁର୍ଷୁଣ୍ଡୀ ନିକଟ ବିଦ୍ୟୁତ୍ ଗ୍ରୀଡ ସମ୍ମୁଖରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗାଡିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର କୃଷ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଗୁରୁତରଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମସାରକୁ ପଠାଇ ଦିଆଯାଇଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୫୦/୨୬) ରୁଜୁ ହୋଇଥିବା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆଲମାରି ଭାଙ୍ଗି ଟଙ୍କା, ସୁନା ଚୋରି

**୨ଜଣଙ୍କୁ ଥାନାକୁ ନେଇ ପୋଲିସର ପଚରାଉଚରା**

**ବୀରମହାରାଜପୁର, ୧।୩(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଲିର ଜଣେ ବ୍ୟକ୍ତିଙ୍କ ଘରୁ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରିର ଶିକାର ଗିରୀଶ ଚନ୍ଦ୍ର ମେହେର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ ଗିରୀଶଙ୍କ ଘରେ ୨ଜଣ ବଙ୍ଗାଳୀ ରାଜମିସ୍ତ୍ରୀ କାମ କରୁଥିଲେ। ମଧ୍ୟାହ୍ନରେ ଗିରୀଶ ଗାଧୋଇବାକୁ ଯାଇଥିଲେ। ଫେରିଲା ପରେ ଘର ଆଲମିରାର ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ତନଖି ପରେ ଭିତରେ ଥିବା ନଗଦ ୬୦ହଜାର ଟଙ୍କା, ସୁନାହାର, କାନଫୁଲ, ମଙ୍ଗଳସୂତ୍ର, ସୁନାମୁଦି ଆଦି ନ ଥିବା ଦେଖିବାକୁ ପାଇଥିଲେ। ଘରେ କାମ କରୁଥିବା ଲୋକଙ୍କୁ ସେ ଏ ନେଇ ପଚାରିଥିଲେ। ହେଲେ ସେମାନେ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ବଙ୍ଗାଳି ରାଜମିସ୍ତ୍ରୀଙ୍କୁ ଥାନକୁ ନେଇ ପଚରାଉଚରା କରୁଛି। ସୋମବାର ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବେ ବୋଲି ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୫୧/୨୬) ରୁଜୁ ହୋଇଥିବା ଏଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି।

# ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୧।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗ ପକ୍ଷରୁ ଘର ହିଁ ବିଦ୍ୟାଳୟର ତୃତୀୟ ସୋପାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆୟୁର୍ବେଦ ଡାକ୍ତର ସୁଦାମ ଦାରିଦ୍ରଭଞ୍ଜନ ଦାସ ଯୋଗଦେଇଥିଲେ। ନୂତନ ଶିଶୁଙ୍କ ମାତା ଓ ପିତା ୮୦ଜଣ ଉପସ୍ଥିତ ଥିଲେ। ଶିଶୁଙ୍କ ଶାରୀରିକ ବିକାଶରେ ରୋଗର ନିଦାନ, ଚିକିତ୍ସା ଓ ଔଷଧ, ଆହାର ବିହାର ବିଷୟ ଉପରେ ମୁଖ୍ୟ ଅତିଥି ଦାସ ପରାମର୍ଶ ଦେଇଥିଲେ। ଶିଶୁ ବାଟିକା ବିଭାଗର ଗୁରୁମା ଗୁରୁବାରି ଭାଷା ବିକାଶର କଳାଂଶ ନେଇଥିବା ବେଳେ ଜ୍ୟୋତ୍ସ୍ନା ଗୁରୁମା ବନ୍ଦନା ଓ ପ୍ରାର୍ଥନା ମଞ୍ଚ ପରିଚାଳନା କରିଥିଲେ। ଯଦୁ ଗୁରୁଜୀ ଅତିଥି ପରିଚୟପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜ୍ଞାନାତ୍ମକ ପାଠ ଦଶଟି ଘର ତିଆରି ଖାଦ୍ୟର ନମୁନା ରଖାଯାଇଥିଲା।

# ଚିତ୍ରକରଙ୍କ ସ୍ମୃତିରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର

**ବିନିକା, ୧।୩(ରାମ ଗୋପାଳ ବାଘ)**

ବିନିକା ଟାଉନ ହଲଠାରେ ଚିତ୍ରକାର କୃଷ୍ଣଚନ୍ଦ୍ର କୁମ୍ଭାରଙ୍କ ଶ୍ରଦ୍ଧାଞ୍ଜଳି ଉପଲକ୍ଷେ ରବିବାର ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଭାଜପା ଜିଲା ସଭାପତି ବେଣୁଧର ଦାସ, କୁଲି ମେହେର ସମାଜ ସଭାପତି ଘନଶ୍ୟାମ ମେହେର, ସାମାଜିକ କର୍ମୀ ବିକାଶ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ସାମାଜିକ କର୍ମୀ ଦିଲ୍ଲୀପ ସାହୁଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ଦାସ, ସମ୍ମାନୀତ ଅତିଥିଭାବେ ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ଭାଜପା ରାଜ୍ୟ କାରିଣୀ ସଦସ୍ୟ ବିଜୟ କୁମାର ମହାକୁଡ଼, ବଳରାମ ସୁନା, ନବକୃଷ୍ଣ ଦନ୍ତା, ଆନନ୍ଦ ବାରିକ, ଉଷା କୁମାରୀ ଯୋଗଦେଇ ସ୍ୱର୍ଗତ କୁମ୍ଭାରଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ଉପସ୍ଥିତ ଅଞ୍ଚଳବାସୀ ସ୍ୱର୍ଗତ କୁମ୍ଭାର ଓ ଆଇନଜୀବୀ ସ୍ୱର୍ଗତ ମହେନ୍ଦ୍ର ମହାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଥିଲେ। ମୁଖ୍ୟ ଅତିଥି ଦାସ ବିଧାୟକ ଓ ଏମ୍‌ପି ପାଣ୍ଠିରୁ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦେବାଶିଷ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତଦାନ ଓ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାର କର୍ମଚାରୀ ଯୋଗଦେଇ ୩୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ସେହିପରି ସମ୍ବଲପୁର ତ୍ରିଲୋଚନ ନେତ୍ର ଚିକିତ୍ସାଳୟ ଦ୍ୱାରା ୧୦୯ ଜଣ ଚକ୍ଷୁ ପରୀକ୍ଷା କରାଯାଇଥିଲା।

# ରାଜ୍ୟସ୍ତରୀୟ ଡୁମାଲ ବିକାଶ ସମାବେଶ ପ୍ରସ୍ତୁତି


ବୈଠକରେ ଡୁମାଲ ସମାଜର କର୍ମକର୍ତ୍ତା।

**ସୋନପୁର, ୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟସ୍ତରୀୟ ଡୁମାଲ ବିକାଶ ସମାବେଶ ପାଇଁ ସୋନପୁର ବ୍ଲକ ହରଡ଼ଖୋଲଠାରେ ଡୁମାଲ ସମାଜର ପ୍ରତିଷ୍ଠାତା ସଭାପତି ଦେବାର୍ଚ୍ଚନ ଚାଉଳିଆଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ସମ୍ପାଦକ କୃତ୍ତିବାସ ପଲିଆ ବୈଠକର ଆଭିମୁଖ୍ୟ ଉପରେ ଧାରଣା ଦେଇଥିଲେ। ବିଭିନ୍ନ ଆଲୋଚନାରେ ଜାତିର ଐତିହ୍ୟ, ସଂସ୍କୃତି, ପରମ୍ପରା, କୃଷି, ଗୋପାଳନ, ଶିକ୍ଷା, ଅର୍ଥନୈତିକ ବିକାଶ, ରାଜନୈତିକ ଅଧିକାର, ସାମ୍ବିଧାନିକ ଅଧିକାର, ସାମାଜିକ ସଂସ୍କାର, ନିଶା ନିବାରଣ, ଯୌତୁକ ପ୍ରଥା ବିଲୋପ, ନାରୀ ନିର୍ଯାତନା, ରକ୍ତଦାନ, ସେବା, ସମର୍ପଣ, ସହଯୋଗ ଓ ସୁରକ୍ଷା ଉପରେ ସମାଜର ବିକାଶ କିପରି ହୋଇପାରିବ ବୋଲି ମତ ରଖିଥିଲେ। ବିଭିନ୍ନ ଆଲୋଚନାରେ ଦୟା ସାଗର ମେଣ୍ଡଲି, ଅକ୍ରୁର କଲତା, ଶମ୍ଭୁ ଗିରି, ନିରଞ୍ଜନ ଗିରି, ହୃଷୀକେଶ ପ୍ରଧାନ, ଉମେଶ ପ୍ରଧାନ, ଉଦୟ ନାଥ ପ୍ରଧାନ, ସରୋଜ କୁମାର ଦଳବେହେରା, ସରୋଜ ମେସୱା, ମୋହନ କର୍ମୀ, ଗଦାଧର ମହାକୁଡ଼, ଚତୁର୍ଭୁଜ ବେହେରା, ତାରିଣୀ ପ୍ରସାଦ କର୍ଣ୍ଣ, ପ୍ରେମାନନ୍ଦ ପ୍ରଧାନ ଓ ବିପିନ ଜେନା ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୮ ତାରିଖ ରବିବାର ବୌଦ୍ଧ ଜିଲା ଜଗତୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ରାଜ୍ୟସ୍ତରୀୟ ବିକାଶ ସମାବେଶ ଆୟୋଜନ କରିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ଏକ ଆୟୋଜନ କମିଟି ଗଠନ କରାଯାଇଥିଲା। ମୁଖ୍ୟ ଆବାହକଭାବେ ଦେବାର୍ଚ୍ଚନ ଚାଉଳିଆ, ମୁଖ୍ୟ ସଂଯୋଜକ କୃତ୍ତିବାସ ପଲିଆ, ଆବାହକ ମଣ୍ଡଳୀ ସଦସ୍ୟ ବିଶିକେଶନ ପ୍ରଧାନ, ଉଦୟନାଥ ପ୍ରଧାନ, ଦୟାସାଗର ମେଣ୍ଡଲି, ପରମାନନ୍ଦ ପ୍ରଧାନ, ହୃଷୀକେଶ ପ୍ରଧାନ, ଉମେଶ ପ୍ରଧାନ ସହ ସଂଯୋଜକ ଭାବେ ଶମ୍ଭୁ ଗିରି, ସରୋଜ ମେସ୍ୱା, ନାରାୟଣ ଦନ୍ତା ଓ ସୁଦର୍ଶନ ମହାକୁଡ଼ଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

# ଦୋଳପୂର୍ଣ୍ଣିମା ପାଇଁ ୨୪ ପ୍ରହର ନାମଯଜ୍ଞ

**ବୀରମହାରାଜପୁର, ୧।୩(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୋଳଯାତ୍ରା ପାଇଁ ୨୪ ପ୍ରହର ନାମଯଜ୍ଞ ରବିବାର ସକାଳେ ଆରମ୍ଭ ହୋଇଛି। କର୍ତ୍ତାଭାବେ ବସନ୍ତ ମହାକୁଡ଼ ଓ ତାଙ୍କ ସ୍ତ୍ରୀ ପୁଷ୍ପା ମହାକୁଡ଼ କାର୍ଯ୍ୟ ତୁଲାଉଛନ୍ତି। ଯାତ୍ରା କମିଟିର କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ଦୈତାରୀ ମହାକୁଡ଼, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ଉପ ସଭାପତି ମନରଞ୍ଜନ ତରିଆ, ଉପଦେଷ୍ଟା ଦୟାନିଧି ହୋତା, ଦାମୋଦର ହୋତା, ସତ୍ୟବ୍ରତ ମିଶ୍ରଙ୍କ ସମେତ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ନାମଯଜ୍ଞ ପାଇଁ ୫୦ ସଙ୍କୀର୍ତ୍ତନ୍ୟ ଦଳ ସହିତ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସଙ୍କୀର୍ତ୍ତନ୍ୟ ଗାୟକ ଓ ବାୟକ ଗୁରୁ ସାମିଲ ହେଉଛନ୍ତି। ପୂର୍ଣ୍ଣାହୁତି ବୁଧବାର ହୋଲିଦିନ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ଅବସର ନେଲେ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ

**ବୀରମହାରାଜପୁର, ୧।୩(ଯୁଗଳ କିଶୋର ମିଶ୍ର)**


ଅଧ୍ୟାପିକାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଦୀର୍ଘ ୩୮ବର୍ଷ ଧରି ଅଧ୍ୟାପନା କରିବାପରେ ଶନିବାର ଚାକିରିରୁ ଅବସର ନେଇଛନ୍ତି ବୀରମହାରାଜପୁର ମହାବିଦ୍ୟାଳୟ ଇଂଲିଶ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ। ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଅଣ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀମତୀ ପୂଜାରୀ ୧୯୯୭ ମସିହାରେ କର୍ମଚାରୀ ମନୋନୟନ ପରିଷଦ ଦ୍ୱାରା ମନୋନୀତ ହୋଇ ସୋନପୁର ମହାବିଦ୍ୟାଳୟରେ ଯୋଗଦେଇଥିଲେ। ୨୦୧୭ ମସିହାରେ ସେଠାରୁ ବଦଳିହୋଇ ସେ ବୀରମହାରାଜପୁର ମହାବିଦ୍ୟାଳୟରେ ଯୋଗଦେଇଥିଲେ। ସେହିଦିନଠାରୁ ସେ ଏଠାରେ କାର୍ଯ୍ୟ କରି ଆସୁଥିଲେ। ଏହା ପୂର୍ବରୁ ସେ ପ୍ରାୟ ନଅ ବର୍ଷଧରି ବଲାଙ୍ଗୀରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଖରିଆର ମହାବିଦ୍ୟାଳୟଠାରେ ଅସ୍ଥାୟୀ ଭାବରେ ଅଧ୍ୟାପନା କରିଥିଲେ। ଶିକ୍ଷଦାନ ଶୈଳୀ ପାଇଁ ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷା କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମହଲରେ ସେ ଲୋକପ୍ରିୟ ଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-1173/Q/25-26

**OFFICE OF THE CHIEF EXECUTIVE CHILIKA DEVELOPMENT AUTHORITY**

PLOT NO-493(P), PALASPALI, KHURDA, BHUBANESWAR-751020

**TENDER CALL NOTICE NO. 349(1)/CDA/2026, Dt. 23.02.2026**

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority

OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**

Panchayati Raj

Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863

**Notice No. : 982 Date : 26.02.2026**

**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME**

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.

The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of the** Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir

OIPR-19001/19248/1/25-26/0001

# କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଗୁରୁତ୍ୱ

**ଇନଟାକ୍ ସୋନପୁର ଚାପ୍ଟର ସାଧାରଣ ପରିଷଦ ବୈଠକ**



ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଚାପ୍ଟରର କର୍ମକର୍ତ୍ତା।

**ସୋନପୁର, ୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ଇନଟାକ୍ ସୋନପୁର ଚାପ୍ଟରର ସାଧାରଣ ପରିଷଦ ବୈଠକ ସୋନପୁର ମହାନଦୀ ସାହିତ୍ୟ ସଂସଦ ସଭାଗୃହରେ ରବିବାର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚ୍ୟାପ୍ଟରର କାର୍ଯ୍ୟନିର୍ବାହୀ ସମିତି ଗଠନ ହୋଇଥିଲା। ସମିତି ସଦସ୍ୟଭାବେ ଚାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁ, ସହଆବାହକ ବନମାଳି ପଣ୍ଡା, ଅବସରପ୍ରାପ୍ତ ସିଡ଼ିଏମଓ ଡ଼ାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ, ଦେବକୀ ନନ୍ଦନ ମିଶ୍ର ଏବଂ ସିଦ୍ଧାର୍ଥ ଅଗ୍ରୱାଲ ମନୋନୀତ ହୋଇଥିଲେ। ବିଗତ ଦିନରେ ଚ୍ୟାପ୍ଟର ତରଫରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବା ସହ ଐତିହ୍ୟର ସୁରକ୍ଷା ଦିଗରେ ଚାପ୍ଟର ତାହାର କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ହେରିଟେଜ କ୍ଲବ ଗଠନ ସହ, ଐତିହ୍ୟ ପଦଯାତ୍ରା, ପ୍ରକୃତି ପଦଯାତ୍ରା, ସୁବର୍ଣ୍ଣପୁର ସହରରେ ଥିବା ମନ୍ଦିରଗୁଡ଼ିକର ପ୍ରସ୍ତାବିତ ଫର୍ମାଟରେ ତାଲିକା ପ୍ରସ୍ତୁତି, ଲୁପ୍ତପ୍ରାୟ ଐତିହ୍ୟର ସୁରକ୍ଷା ଓ ବୃତ୍ତ ପ୍ରସ୍ତୁତି, କର୍ମଶାଳା ଆୟୋଜନ ଆଦି କାର୍ଯ୍ୟକ୍ରମକୁ ନିୟମିତ ବ୍ୟବଧାନରେ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଶେଷ କରି ଛାତ୍ରୀଛାତ୍ରଙ୍କୁ ଐତିହ୍ୟ ସୁରକ୍ଷା ଦିଗରେ ସାମିଲ କରିବା ପାଇଁ ତାଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା। ବୈଠକରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢ଼ୀ, ଐତିହାସିକ ସୁଦାମ ନାଏକ, ବଳଦେବ ପ୍ରଧାନ, ଦେବାଶିଷ ପ୍ରଧାନ, ଡ. ମୀନକେତନ କୁମାର, କୈଳାଶ ଚାନ୍ଦ, ବିଭୂତି ଭୂଷଣ ଓତା, ବାଙ୍କା ବିହାରୀ ପଣ୍ଡା, ଦୁର୍ଯ୍ୟୋଧନ ମେହେର, ସତ୍ୟପ୍ରିୟ ମହଲା ଓ ବିଶ୍ୱଜିତ ମହାପାତ୍ର ଯୋଗଦେଇଥିଲେ।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

No.25001/263/2526

e-Procurement for Building Works

**Bid Identification No. : EERWJYP-Online -14/2025-26**

**Letter No.1283** **Date : 23.02.2026**

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

***N.B. : Any Addendum or Corrigendum will be available in the Website only.**

Sd./- Executive Engineer,
Rural Works Division, Jeypore

OIPR-25001/25160/1/25-26/0004

# ଡାହାଣି ସନ୍ଦେହ କରି ପୁତୁରା କରିଥିଲେ ହତ୍ୟା

## ସରୋଜିନୀ ଏକ୍କା ହତ୍ୟା ଘଟଣା

**କୁତ୍ରା, ୧।୩(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କିରିଙ୍ଗସିରା ପଞ୍ଚାୟତ ଝିରପାଣି ଖଡିଆଡିପା ଗ୍ରାମରେ ଶୁକ୍ରବାର ଘଟିଥିବା ହତ୍ୟାକାଣ୍ଡରେ ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତହେଲେ ଝିରପାଣି ଖଡିଆପଡାର ଆନନ୍ଦ ଏକ୍କା(୨୪)। ଡାହାଣି ସନ୍ଦେହ କରି ପୁତୁରା ହତ୍ୟା କରିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କଠାରୁ ହତ୍ୟାରେ ବ୍ୟବହୃତ ଏକ ଛୁରି ପୋଲିସ ଜବତ କରିଛି।

ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଆନନ୍ଦଙ୍କ ପିତା ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଏହାକୁ ନେଇ ଅଭିଯୁକ୍ତଙ୍କ ମନରେ ଅନ୍ଧବିଶ୍ୱାସ ଯାତ ହୋଇ ସରୋଜିନୀ ଏକ୍କାଙ୍କୁ ଡାହାଣୀ ବୋଲି ସନ୍ଦେହ କରିଥିଲେ। ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୭ ଫେବୃଆରୀରେ ସରୋଜନୀ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଆନନ୍ଦ ଘର ଭିତରକୁ ପ୍ରବେଶ କରି ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସରୋଜନୀଙ୍କ ପୁଅ ମା'ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ କୁତ୍ରା ପୋଲିସକୁ ଖବର ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଶନିବାର ସାଇଣ୍ଟିଫିକ ଟିମ ପକ୍ଷରୁ ଘର ଭିତରୁ ଆବଶ୍ୟକ ନମୁନା ସଂଗ୍ରହ କରାଯାଇଥିଲା। ପରେ କୁତ୍ରା ଓ ବଡଗାଁ ଥାନାରେ ୨ଟି ଦଳ ଗଠନ କରାଯାଇ ଘଟଣାର ତଦନ୍ତ ଚାଲିଥିଲା। କୁତ୍ରା ଥାନାର ଆଇଆଇସି ଲୋକେଶ୍ୱର ସାହୁଙ୍କ ନେତୃତ୍ୱରେ ଗଠିତ ଦଳ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି, ପଡ଼ୋଶୀଙ୍କ ବୟାନ ଆଧାରରେ ତଦନ୍ତକୁ ଆଗେଇ ନେଇଥିଲେ।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ କୁମଝରିଆ ପଞ୍ଚାୟତ ଠେଲିବାହାଲ ଗ୍ରାମ୍ୟ ରାସ୍ତାରେ ବୁଲୁଥିବା ଦନ୍ତା ହାତୀ।

# ଶିକ୍ଷକ ମହାସଂଘର ସାଧାରଣ ବୈଠକ




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

**ବଡ଼ଗାଁ, ୧।୩(ଅଶୋକ ଷଡଙ୍ଗୀ )**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରବିବାର ବ୍ଲକର ସମସ୍ତ ବର୍ଗର ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗଠିତ ବଡ଼ଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ତଥା ରାଜ୍ୟ ଷ୍ଟିଅରିଂ କମିଟି ସଭ୍ୟ ଧନଞ୍ଜୟ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଘର ଉପ ସଭାପତି ଦିଲୀପ ପୃଷେଟ, କରୁଣାକର କାଣ୍ଡି, ସହ ସମ୍ପାଦକ ମିତ୍ରଭାନୁ ସିଂ, ଜଗବନ୍ଧୁ କମାରଙ୍କ ସହିତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ବିଭିନ୍ନ ସମସ୍ୟା, ସଂଘର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସଂଘ ସମ୍ପାଦକ ପ୍ରେମ କୁମାର୍ ଦାସ କେଉଁ ଉଦ୍ଦେଶ୍ୟରେ ଧାରଣା ଦିଆଯାଇଥିଲା କହିଥିଲେ। ସଂଘ ସଭାପତି ଧନଞ୍ଜୟ ନାଏକ ରାଜ୍ୟ କମିଟିର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଫେବୃଆରୀ ୨୪ ତାରିଖ ହାଇ ପାୱାର କମିଟି ସହିତ ରାଜ୍ୟ କର୍ମକର୍ତ୍ତାଙ୍କ ହୋଇଥିବା ଆଲୋଚନା ଉପରେ ସୂଚିତ କରିଥିଲେ। ଶିକ୍ଷକଙ୍କ ପ୍ରମୁଖ ଦୁଇଟି ଦାବି ଉପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିବା ନେଇ ଜଣାଇଥିଲେ। ବୈଠକରେ ବଡ଼ଗାଁ ବ୍ଲକରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ।

# ଇବ୍ ନଗରରେ ୨୪ ପ୍ରହର ନାମଯଜ୍ଞ

**ସୁନ୍ଦରଗଡ଼, ୧।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସହର ଉପକଣ୍ଠସ୍ଥ ଇବ୍ ନଗର (ଆର.ଆର. ଆଇ.ଟି. କଲୋନି)ଠାରେ ସୃଜନୀ ଆନୁକୂଲ୍ୟରେ ଇବ୍ ନଗର ନାମଯଜ୍ଞ କମିଟି ତରଫରୁ ୨୮ତମ ଚବିଶ ପ୍ରହର ନାମଯଜ୍ଞ ଗତ୨୬ ତାରିଖଠାରୁ ଆରମ୍ଭ ହୋଇଯାଇଛି। ଚଳିତବର୍ଷ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ହିମାଂଶୁ ଭଇଁସାଲ ସପତ୍ନୀକ କର୍ତ୍ତା ଭାବେ ଏବଂ ବନ୍ଧପାଲିର ଜଗଦୀଶ ଠାକୁର ମୁଖ୍ୟ ପୂଜକ ଓ ଅରବିନ୍ଦ ଠାକୁର ସହଯୋଗୀ ପୂଜକ ଭାବରେ ମଣ୍ଡପରେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଗତ୨୬ ତାରିଖରେ ମହିଳା ଓ ପୁରୁଷମାନେ ଇବ୍ ନଦୀରୁ ପବିତ୍ର ଜଳ ଆଣିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୭ ସକାଳୁ ହରି ନାମ ଉଚ୍ଚାରଣ ସହିତ ନାମ ଆରମ୍ଭ ହୋଇଥିଲା । ଏହି ନାମଯଜ୍ଞ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବା ସହ ହରି ନାମ ଉଚ୍ଚାରଣ ସହିତ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ଅନୁଭୂତ ହୋଇଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ଥାନୀୟ ମହିଳାଙ୍କ ଦ୍ୱାରା ଛପନ ଭୋଗ ପ୍ରଭୁଙ୍କ ନିକଟରେ ଲଗା ଯାଇଥିଲା । ଆସନ୍ତା ୩ ତାରିଖ ଫଗୁଣ ପୂର୍ଣ୍ଣମୀ ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ସୋମବାର ନଗର ସଂକୀର୍ତ୍ତନ ସହ ଦଧି ହାଣ୍ଡି ଭଂଜନ ଓ ସାର୍ବଜନୀନ ଅନ୍ନ ପ୍ରସାଦ ସେବନ ଅନୁଷ୍ଠିତ ହେବ।

# ଖରାଦିନେ ସହରବାସୀଙ୍କ ଜଳକଷ୍ଟ ସମସ୍ୟା ଦୂର ହେବ



ଇବ୍ ନଦୀରେ ସ୍ଥାନୀୟ ନାଗରିକଙ୍କ ଉପସ୍ଥିତିରେ ବାଲିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି ସାମାଜିକକର୍ମୀ ସଞ୍ଜୟ ନନ୍ଦ।

## ଇବ୍ ନଦୀରେ ବାଲିବନ୍ଧ ନିର୍ମାଣ ପାଇଁ ହାତ ବଢ଼ାଇଲେ ସଞ୍ଜୟ

**ସୁନ୍ଦରଗଡ, ୧।୩ (ଜୟ ନାରାୟଣ ମେଣ୍ଡୁଲି)**

ଖରାଦିନ ନ ଆସୁଣୁ ଏବେ ସୁନ୍ଦରଗଡର ଜୀବନ ରେଖା କୁହାଯାଉଥିବା ଇବ ନଦୀର ଜଳଧାର ଶୁଖିଲାଣି। ନଦୀ ଉପରେ ନିର୍ଭର କରୁଥିବା ଲୋକେ ଜଳ କଷ୍ଟ ଭୋଗିବାର ସମ୍ଭାବନା ରହିଛି। ଏହାକୁ ଆଖି ଆଗରେ ରଖି ଚଳିତ ବର୍ଷ ମଧ୍ୟ ସହରର ଜଣାଶୁଣା ଯୁବ ବ୍ୟବସାୟୀ ତଥା ସାମାଜିକକର୍ମୀ ସଞ୍ଜୟ ନନ୍ଦ ଇବ୍ ନଦୀରେ ବାଲିବନ୍ଧ ନିର୍ମାଣ ପାଇଁ ପୁଣି ସହଯୋଗର ହାତ ବଢାଇଛନ୍ତି। ରବିବାର ସହରବାସୀଙ୍କ ଉପସ୍ଥିତିରେ ସଞ୍ଜୟ ଏହି ବାଲିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଖରାଦିନେ ଜଳ କଷ୍ଟର ସମସ୍ୟା ଦୂର ପାଇଁ ଖରାଦିନ ଆଗରୁ ପୌର ପ୍ରଶାସନ ନଦୀରେ ବାଲିବନ୍ଧ ନିର୍ମାଣ କରିବାକୁ ଲାଗିଲେ। ମାତ୍ର ଗତ ବର୍ଷ ବିହା ବାଏଲ ଉଚ୍ଛବ ସମୟରେ ସହରବାସୀଙ୍କ ଜଳକଷ୍ଟ ନିବାରଣ ପାଇଁ ବାଲିବନ୍ଧ ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ ମାତାରାନୀ ଟ୍ରାନ୍ସପୋର୍ଟର ମାଲିକ ତଥା ସମାଜସେବୀ ସଞ୍ଜୟ। ଠିକ ସମୟରେ କାମ ଆରମ୍ଭ କରି ନିଜ ଅର୍ଥରେ ସେ ବାଲିବନ୍ଧ ନିର୍ମାଣ କରି ସହରବାସୀଙ୍କ ପ୍ରସଂଶାଭାଜନ ହୋଇ ପାରିଥିଲେ। ଚଳିତ ବର୍ଷ ସାମ୍ଭାବ୍ୟ ଜଳକଷ୍ଟକୁ ଦୃଷ୍ଟିରେ ରଖି ନିଜ ଅର୍ଥରେ ସଞ୍ଜୟ ପୁଣି ଆରମ୍ଭ କରିଛନ୍ତି ବାଲିବନ୍ଧ ନିର୍ମାଣ। ସହରର କେତେଜଣ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ଅନୁରୋଧ ପାଇଲା ପରେ ତୁରନ୍ତ ଏହି ଦିଗରେ ପଦକ୍ଷେପ ନେଇଥିଲେ ସଞ୍ଜୟ, ଯାହାକୁ ସମସ୍ତେ ଭୂୟସୀ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଛନ୍ତି। ସଞ୍ଜୟ ସଦାସର୍ବଦା ସୁନ୍ଦରଗଡ଼ବାସୀଙ୍କ ପାଇଁ ତାଙ୍କ ଅବଦାନ ଜାରି ରଖିବେ ବୋଲି କହିଛନ୍ତି। ଆଗରୁ ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ସହଯୋଗ କରି ଜଣେ ଦରଦୀ ମଣିଷ ଭାବରେ ସେ ସମଗ୍ର ଅଞ୍ଚଳରେ ପରିଚିତ। ଏହି ଅବସରରେ ସଞ୍ଜୟଙ୍କ ସହିତ ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଆଶିଷ ଦେ, ସୁରଜ ଭୈଇଁସାଲ, ବିମଳ ବୋଷ, ଅନିଲ ମହାପାତ୍ର, ନରେନ୍ଦ୍ର ସିଂହ, ନେପାଳ ସାହୁ, ଶ୍ୟାମ ନନ୍ଦନ ସହାୟ, ଶିଶିର ପଟେଲ, ଘନଶ୍ୟାମ ସିଂହ, ଭିକି ପଟ୍ଟନାୟକ, ଅଭିଷେକ ମିଶ୍ର, କୁଳମଣି ମିଶ୍ର ଓ ଜୟନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଡ଼ାବାହାଲ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

**ସୁନ୍ଦରଗଡ, ୧।୩ (ଜୟ ନାରାୟଣ ମେଣ୍ଡୁଲି)**

ଭେଡାବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ଶିକ୍ଷାର ଗୁରୁତ୍ୱ, ଯୁବ ପିଢ଼ିଙ୍କ ନୈତିକ ମୂଲ୍ୟବୋଧ ଓ ଦକ୍ଷତା ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ଓ ଭେଡାବାହାଲ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ଯୋଗଦେଇ ଗୁରୁ ଶିଷ୍ୟଙ୍କ ସମ୍ପର୍କ ଏବଂ ଛାତ୍ରୀଛାତ୍ରମାନଙ୍କୁ କଠିନ ପରିଶ୍ରମ କରି ଜୀବନରେ ସଫଳତା ଅର୍ଜନ କରି ଦେଶର ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନୟନା ଦାଶ ସଭାରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସୌଭାଗ୍ୟ କୁମାର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଶ୍ୱେତା ନାଏକ ଓ ଅଧ୍ୟାପକ ରଞ୍ଜିତ ଏକ୍କା ସଭା ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶ୍ରୀ ସୀତାରାମ ଆଖଡ଼ା କମିଟିର ନୂତନ କମିଟି ଗଠନ



ଉପସ୍ଥିତ ଆଖଡ଼ା କମିଟିର ସଦସ୍ୟ ଓ ଅନ୍ୟମାନେ।

**ବନ୍ଧମୁଣ୍ଡା, ୧।୩(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଡିଜେଲ ଛକସ୍ଥିତ ଶ୍ରୀ ସୀତାରାମ ଆଖଡ଼ା କମିଟି ପକ୍ଷରୁ ରାମନବମୀକୁ ଦୃଷ୍ଟିରେ ରଖି ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଏକ ବୈଠକ ରବିବାର ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଆଖଡ଼ାର ସଦସ୍ୟ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ବୈଠକରେ ସମ୍ମତିକ୍ରମେ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ନୂତନ କମିଟିରେ ରମାକାନ୍ତ ପରିଡାଙ୍କୁ ଅଧ୍ୟକ୍ଷ, ଶେରୁ ଶର୍ମାଙ୍କୁ ଉପାଧ୍ୟକ୍ଷ, ଆଇ ରାଜା ରମେଶଙ୍କୁ ସଚିବ, ପବିତ୍ର ପ୍ରମାଣିକଙ୍କୁ ସହ-ସଚିବ, ସୁଶୀଲ ମାହାତୋଙ୍କୁ କୋଷାଧ୍ୟକ୍ଷ ଓ ରାଜେନ୍ଦ୍ର ରଜକଙ୍କୁ ସହ-କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ଏହା ସହିତ ସୁନୀଲ ସିଂହ, ଅମରଜିତ ରଜକ, ସୁଶାନ୍ତ ତାନ୍ତି, ଚନ୍ଦନ ପ୍ରସାଦ ଓ ଅଜୟ ଖଟୁଆଙ୍କୁ ଆଖଡ଼ା ପ୍ରଭାରୀ ଭାବେ ଚୟନ କରାଯାଇଛି। ସଲାହକାର ମଣ୍ଡଳରେ ପି. ଶ୍ୟାମଲ ରାଓ, ରାମ ପ୍ରସାଦ ଓରାମ, ଦିଲୀପ ପ୍ରଧାନ, ଏଲ୍ଡି ଓରାମ ଓ ସନ୍ତୋଷ ରାୟଙ୍କୁ ସ୍ଥାନ ଦିଆଯାଇଛି। ନବନିର୍ବାଚିତ କମିଟି ରାମନବମୀ ପର୍ବକୁ ଭବ୍ୟ, ଆକର୍ଷଣୀୟ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ସଂକଳ୍ପ ବ୍ୟକ୍ତ କରିଛନ୍ତି। ବୈଠକରେ ଆଗାମୀ ଦିନରେ ଆଖଡ଼ାରେ ପାରମ୍ପରିକ କ୍ରୀଡ଼ା ଓ ଶସ୍ତ୍ର ଅଭ୍ୟାସକୁ ନିୟମିତ ଭାବେ ଆରମ୍ଭ କରାଯିବ ବୋଲି ନିର୍ଣ୍ଣୟ ନିଆଯାଇଛି। ବୈଠକର ଶେଷରେ ସମସ୍ତ ସଦସ୍ୟ ପରସ୍ପର ସହିତ ସମନ୍ୱୟ ରକ୍ଷା କରି ସଫଳ ଆୟୋଜନ ପାଇଁ ସଂକଳ୍ପ ନେଇଥିଲେ।

# ଇସ୍ପାତ ସାହିତ୍ୟ ସଂସଦର କାର୍ଯ୍ୟକାରୀ କମିଟି ବୈଠକ

**ରାଉଲକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ରବିବାର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ଆବାହାକତ୍ୱରେ ଆୟୋଜିତ ବୈଠକରେ ମାର୍ଚ୍ଚ ୨୧ ତାରିଖରେ ହେବାକୁ ଥିବା ବିଶ୍ୱ କବିତା ଦିବସ ଏବଂ ସାଧାରଣ ପରିଷଦ ବୈଠକ ଉପରେ ଆଲୋଚନା ହୋଇଥିଲା। ଇସ୍ପାତ ସାହିତ୍ୟ ସଂସଦ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଇସ୍ପାତ କାରଖାନାରୁ ଅବସର ନେଇଥିବାରୁ ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଗଲା। ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ମଞ୍ଜୁଳା କୁମାରୀ ରଥ, ଡଲିରାଣୀ ବ୍ରହ୍ମା, ସତ୍ୟବ୍ରତ ଦାସ, ଚିତ୍ତରଞ୍ଜନ ବ୍ରହ୍ମା ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କ୍ଷୀର ମଗଧା ଗଉଡ଼ ସମାଜର ବାର୍ଷିକ ବନ୍ଧୁ ମିଳନ




ମଗଧା ଗଉଡ ସମାଜର ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସଂଘର କର୍ମକର୍ତ୍ତା।

**ସୁନ୍ଦରଗଡ, ୧।୩ (ଜୟ ନାରାୟଣ ମେଣ୍ଡୁଲି )**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କେନ୍ଦୁଡିହି ଗ୍ରାମରେ ୫୦୦ ଘର କ୍ଷୀର ମଗଧା ଗଉଡ (ଯାଦବ) ସମାଜ, ତୁମୁଲିଆସାପଡଗର ସର୍କଲ (ଗାଦି) ପକ୍ଷରୁ ବାର୍ଷିକ ବନ୍ଧୁ ମିଳନ ସମାରୋହ ରବିବାର ଆୟୋଜିତ ହୋଇଥିଲା। ସର୍କଲ ସଭାପତି କୈଳାଶ କଣ୍ଡାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପବାଚସ୍ପତି ଭୋଇ ତାଙ୍କ ଉଦ୍‌ବୋଧନରେ କହିଥିଲେ, ବନ୍ଧୁ ମିଳନ ସାମାଜିକ ଐକ୍ୟ ଓ ପରମ୍ପରାର ପ୍ରତୀକ। ମଗଧା ଗଉଡ ଯାଦବ ସମାଜ ଅଞ୍ଚଳର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ସେ ମହିଳାମାନଙ୍କୁ କାମଧେନୁ ଯୋଜନାର ସୁବିଧା ଉଠାଇ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରତିନିଧି ଅମୀର ନାଏକ, ରାମ ଚନ୍ଦ୍ର ପୋଢ଼, ଜୟମଙ୍ଗଳ ଖିଲାରିଙ୍କ ସହ ଛତିଶଗଡ଼ର ଜଗଦେବ ଯାଦବ, କ୍ରିଷ୍ଣା ଗୋପାଳ ଯାଦବ, ଜନକରାମ ଯାଦବ, ପ୍ରେମ ସାଗର ଯାଦବ ଆଦି ଯୋଗଦେଇ ଶିକ୍ଷାର ଉନ୍ନତିଉପରେ ମତ ପ୍ରକାଶ କରିଥିଲେ। କମିଟି ସଦସ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୈଳାଶ କଣ୍ଡାରି ପରିଚାଳନା କରିଥିବା ବେଳେ ବାବିଲି ଖରସେଲ ଧନ୍ୟବାଦ ପ୍ରଦାନ କରିଥିଲେ।


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
PLOT NO-493(P), PALASPALI, KHURDA, BHUBANESWAR-751020
**TENDER CALL NOTICE NO. 349(1)/CDA/2026, Dt. 23.02.2026**

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority
OIPR-8001/8138/1/25-26/0005

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।
ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00
ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-1173/Q/25-26

**ZILLA PARISHAD OFFICE, BALANGIR**
Panchayati Raj
Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863
**Notice No. : 982 Date : 26.02.2026**
**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME**

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.
The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.
1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of t**he Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir
OIPR-19001/19248/1/25-26/0001

**GOVERNMENT OF ODISHA**
No.25001/263/2526
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
e-Procurement for Building Works
Bid Identification No. : EERWJYP-Online -14/2025-26

Letter No.1283 Date : 23.02.2026
01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore
OIPR-25001/25160/1/25-26/0004

**ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ହିର୍ମା କଣ୍ଡାବିଜ୍ରାଠାରେ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ଫେବୃଆରୀ ୨୭ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ହୋମଯଜ୍ଞ, ଗମ୍ଭାରା ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ସୁନୀଲ ଗିହ୍ଵାନୀ ଓ ରୀତା ଗିହ୍ଵାନୀ ଦାୟିତ୍ୱ ତୁଲାଇଥିଲେ। ଝରିଆ ଗୋପାଳ ସମାଜର ସଭାପତି ବାସୁଦେବ ଭଇଂସା, ଉପସଭାପତି ଇନ୍ଦ୍ର ଭଇଁସା, ସମ୍ପାଦକ ଉମେଶ ବନ୍ଛୋର, କୋଷାଧ୍ୟକ୍ଷ ବଳରାମ ଭଇଂସାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ତୁମ୍ପେକେଲା, ହିର୍ମା, ତରେଇକେଲା, ରାଉତବନ୍ଧ, ହରେକୃଷ୍ଣପୁର, କଣ୍ଡାବିଜ୍ରା ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିଲେ।



# ଭଙ୍ଗାଯିବ ୨୦୦ ବିପଦସଙ୍କୁଳ କ୍ୱାର୍ଟର୍ସ

**ବ୍ରଜରାଜନଗର, ୧।୩ (ବିଜୟ ବରାଡ଼)**

## ଏଲ୍‌ସିଏଚ୍ କଲୋନି

### ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କଲେ କର୍ତ୍ତୃପକ୍ଷ

ମହାନଦୀ କୋଇଲା କମ୍ପାନୀ ଓରିଏଣ୍ଟ ଏରିଆ ଅଧୀନ ମଣ୍ଡଳିଆସ୍ଥିତ ଇନ୍ଦିରା ନଗର ଏଲ୍‌ସିଏଚ୍ କଲୋନିର ୨୦୦ କ୍ୱାର୍ଟର୍ସ ଭଙ୍ଗାଯିବ। ଏନେଇ କମ୍ପାନୀର ଓରିଏଣ୍ଟ ଏରିଆ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ୱାର୍ଟର୍ସଗୁଡ଼ିକ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହି କ୍ୱାର୍ଟର୍ସର ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏନେଇ ୨୦୧୭ ମସିହାରେ ରାଉରକେଲା ଏନ୍‌ଆଇଟି କର୍ତ୍ତୃପକ୍ଷ ତଦନ୍ତ କରି କ୍ୱାର୍ଟର୍ସ ଗୃହଗୁଡିକ ଭାଙ୍ଗିବା ପାଇଁ ମହାନଦୀ କୋଇଲା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଡ଼ମ୍ବନାର ବିଷୟ ଏଠାରେ ଥିବା ୨୦୦ କ୍ୱାର୍ଟର୍ସ ମଧ୍ୟରୁ ୧୮୦ଟି ପରିବାର ଉକ୍ତ ବିପଦସଙ୍କୁଳ ଗୃହରେ ବିନା ଅନୁମତିରେ ଜୋର୍ ଜବରଦସ୍ତ ରହିଆସୁଛନ୍ତି। ଉକ୍ତ ଗୃହ ଖାଲି କରିବା ପାଇଁ ଓରିଏଣ୍ଟ ଏରିଆ ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର କୁହାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଓରିଏଣ୍ଟ ଏରିଆ କର୍ତ୍ତୃପକ୍ଷ ଉକ୍ତ କ୍ୱାର୍ଟର୍ସ ଗୃହଗୁଡିକ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ରବିବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରିଛନ୍ତି। ବିନା ଅନୁମତିରେ ରହୁଥିବା ୧୮୦ଟି ପରିବାର ତୁରନ୍ତ କ୍ୱାର୍ଟର୍ସ ଖାଲି କରିବାକୁ ଓରିଏଣ୍ଟ ଏରିଆ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଏଥିଯୋଗୁ ଉକ୍ତ ପରିବାରଗୁଡ଼ିକ ବେସାହାରା ହୋଇଯିବେ ବୋଲି ମଣ୍ଡଳିଆ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିପଦସଙ୍କୁଳ ଗୃହଗୁଡିକ ଭଙ୍ଗା ନ ଗଲେ କେତେବେଳେ ଯେ ବଡ ଅଘଟଣ ଘଟିବ ତାହାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ଏନେଇ ଏମ୍‌ସିଏଲ୍ ଓରିଏଣ୍ଟ ଏରିଆ ମ୍ୟାନେଜର ଗୋପାଳ ପଣ୍ଡା କହିଛନ୍ତି, ଉକ୍ତ କ୍ୱାର୍ଟର୍ସଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଦୁର୍ଘଟଣା ଘଟିପାରେ। ସେଥିପାଇଁ କିଏ ଉତ୍ତରଦାୟୀ ରହିବେ। ବିନା ଅନୁମତିରେ ରହୁଥିବା ଲୋକମାନଙ୍କୁ ବାରମ୍ବାର କ୍ୱାର୍ଟର୍ସ ଖାଲି କରିବା ପାଇଁ କହିବା ସତ୍ତ୍ୱେ ସେମାନେ ଖାଲି କରୁନାହାନ୍ତି। ତେଣୁ ଡାକବାଜି ଯନ୍ତ୍ରଯୋଗେ ଘର ଖାଲି କରିବା ପାଇଁ ପୁନର୍ବାର ସେମାନଙ୍କୁ ଜଣାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଘର ଖାଲି କରାଯିବ ବୋଲି ସେ କହିଛନ୍ତି।




ବ୍ରଜରାଜନଗର ଇଣ୍ଟିଗ୍ରିଟି ଖେଳପଡିଆରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରାଉରକେଲା ଚାମ୍ପିୟନ

**ବ୍ରଜରାଜନଗର, ୧।୩(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳର ଇଣ୍ଟିଗ୍ରିଟି ଖେଳପଡିଆରେ ଚାଲିଥିବା ପ୍ରଥମ ପି. ଗିରିନାଥ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ବ୍ରଜରାଜନଗର ଆମ୍ବିଶନ କ୍ଲବ୍ ଓ ରାଉରକେଲାର ଜିମ୍‌ଖାନା କ୍ଲବ୍ ମଧ୍ୟରେ ହୋଇଥିଲା। ରାଉରକେଲା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୧୬୧ ରନ୍ କରିଥିଲା। ଏହାର ଜବାବରେ ବ୍ରଜରାଜନଗର ଟିମ୍ ୧୩୮ ରନ୍ କରି ପରାସ୍ତ ହୋଇଥିଲା। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ସୋଫିରାମ, ରୋହିତ ଓ କ୍ରିଷ୍ଣାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ, ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସିତାନୀ, ସାମାଜିକ କର୍ମୀ ଜୟନ୍ତ ଦୀକ୍ଷିତ ଯୋଗଦେଇ ଚାମ୍ପିୟନ ଓ ରନ୍‌ର ଅପ୍ ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ଆୟୋଜକ କମିଟି ପକ୍ଷରୁ ରବୀନ୍ଦ୍ର ସିଂ, ଟୁଟୁ ପରିଡ଼ା, ସରୋଜ ମହାନ୍ତି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ପ୍ରଭାରୀ ଓ ଅନ୍ୟ କର୍ମକର୍ତ୍ତା।

**ଝାରସୁଗୁଡ଼ା, ୧।୩ (ଆଶିଷ ରଞ୍ଜନ ଦାଶ)**

## ଜିଲା ଯୋଜନା ବୈଠକ

ଝାରସୁଗୁଡ଼ା ଜିଲା ବଡ଼ମାଲ ନିକଟସ୍ଥ ଭାଜପା କାର୍ଯ୍ୟାଳୟ ପରିସରରେ ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ଜିଲା ଯୋଜନା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳକୁ ସୁଦୃଢ଼ କରିବା, କାର୍ଯ୍ୟକର୍ତ୍ତାମାନଙ୍କ ପ୍ରଶିକ୍ଷଣ ଏବଂ ଆଗାମୀ ଦିନପାଇଁ ରଣନୀତି ପ୍ରସ୍ତୁତ କରାଯିବା ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚକାନନ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଝାରସୁଗୁଡ଼ା ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ, ପ୍ରେମସେନ ରାୟ, ନଭଲ ଅଗ୍ରୱାଲ, ସନ୍ତୋଷ ଯାଦବଙ୍କ ସମେତ ଭାଜପାର ବହୁ ସଂଖ୍ୟକ କର୍ମୀ ଯୋଗଦେଇଥିଲେ।

# ବାଣ ବିସ୍ଫୋରଣରେ ୨ ନାବାଳକ ଗୁରୁତର

**ଦେବଗଡ଼, ୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ଗୁଣ୍ଡିଆପାଲି ଗ୍ରାମରେ ରବିବାର ବାଣ ବିସ୍ଫୋରଣରେ ୨ ଜଣ ନାବାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୁଣ୍ଡିଆପାଲି ଗ୍ରାମର ବାରୁ ଭୋଇଙ୍କ ପୁଅ ପ୍ରିତମ ଭୋଇ(୧୧) ଏବଂ ଅବନୀ ବାଘଙ୍କ ପୁଅ ଶୁଭମ୍ ବାଘ(୧୧)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୪ଟାରେ ପ୍ରିତମ ଓ ଶୁଭମ୍ ଗାଁ ଦାଣ୍ଡରେ ଖେଳୁଥିବାବେଳେ ସେଠାରେ ପଡିଥିବା ଏକ ଅଫୁଟା ବାଣକୁ ଉଠାଇ ଫୁଟାଇବାକୁ ଉଦ୍ୟମ କରିଥିଲେ। ହେଲେ ଉକ୍ତ ବାଣ ହଠାତ୍ ଫୁଟିଯିବାରୁ ଶୁଭମ୍‌ଙ୍କର ହାତ ଓ ପ୍ରିତମଙ୍କ ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଚିକିତ୍ସାଲାଗି ସେମାନଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ଉଭୟଙ୍କର ଚିକିତ୍ସା ଜାରି ରହିଛି। ଆବଶ୍ୟକ ସ୍ଥଳରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି।

# ବେଲପାହାଡ଼ ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ

**ବେଲପାହାଡ଼, ୧।୩(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଞ୍ଚଳରେ ଆଗାମୀ ଦିନରେ ହୋଲି, ରମ୍‌ଜାନ୍ ଓ ରାମନବମୀ ପର୍ବ ପାଳନ କରାଯିବ। ତେବେ ଏହି ପର୍ବଗୁଡ଼ିକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ରବିବାର ସନ୍ଧ୍ୟାରେ ବେଲପାହାଡ଼ ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ପରସ୍ପର ମଧ୍ୟରେ ଭାଇଚାରା ବଜାର ରଖିବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ କୁହାଯାଇଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ବେଲପାହାଡ଼ ଥାନାଧିକାରୀ ବିକାଶ କଲେତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ଚିତ୍ତରଞ୍ଜନ ମହାନନ୍ଦିଆ, ଭବାନୀ ପ୍ରସାଦ ଲେଙ୍କା, ପ୍ରୀତିପ୍ରଭା କୁଲୁ, ଏଏସ୍‌ଆଇ ଗଲାଇ ବାର୍ଯ୍ୟୋଙ୍କ ସମେତ ଅନେକ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।



ବେଲପାହାଡ଼ ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି।

# ଘର ଭିତରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର, ଟଙ୍କା ଚୋରି

**ଦେବଗଡ଼, ୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ କୋରଡ଼ପୋଶି ଗ୍ରାମର ଶୈଳେନ୍ଦ୍ରୀ ସାହୁ (୫୫)ଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୈଳେନ୍ଦ୍ରୀ ଘରେ ଏକାକୀ ରହୁଥିଲେ। ଗତ ୨୭ ତାରିଖରେ ସେ ଘର କବାଟରେ ତାଲା ପକାଇ ଗ୍ରାମରେ ଚାଲିଥିବା ଯଜ୍ଞ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୯ଟାରେ ସେଠାରୁ ଫେରିବା ପରେ ଘରର ଗ୍ରୀଲ୍ ଖୋଲା ରହିଥିବାବେଳେ ଭିତରେ ଥିବା ଆଲମାରି ଭଙ୍ଗାଯାଇଥିବା ସେ ଦେଖିଥିଲେ। ଯାଞ୍ଚ କରିବାରୁ ଆଲମାରୀରେ ଥିବା ପ୍ରାୟ ୧୨୦ ଗ୍ରାମ୍ ସୁନା ୪୦୦ ଗ୍ରାମ୍‌ର ରୂପା ଗହଣା ସମେତ ୧ ଲକ୍ଷ ୬୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶୈଳେନ୍ଦ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଅଧିକ ତଦନ୍ତ ପାଇଁ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ଏନେଇ କୁଣ୍ଢେଇଗୋଳା ଥାନା ଅଧିକାରୀ ଜୋହନ କୁଜୁର କହିଛନ୍ତି, ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ସାମାଜିକ ସଦ୍‌ଭାବନା ବୈଠକ

**କୋଲାବିରା, ୧।୩(ସଞ୍ଜୟ ପୂଜାରୀ)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ରବିବାର ଅପରାହ୍ନରେ କୋଲାବିରା ମିନି ଷ୍ଟାଡିୟମ ନିକଟ ସାର୍ବଜନୀନ ଉପକାରିତା କେନ୍ଦ୍ରରେ ସଦ୍‌ଭାବନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆର୍‌ଏସ୍‌ଏସ୍‌ର ପଶ୍ଚିମ ପ୍ରାନ୍ତ ପ୍ରଚାରପ୍ରସାର ପ୍ରମୁଖ ମହେଶ୍ୱର ବେହେରା, କୋଲାବିରା ଖଣ୍ଡ ସଂଘ ପରିଚାଳକ ରାଜେଶ ସାହୁ, ପ୍ରାନ୍ତ ମନ୍ତ୍ରୀ କ୍ରୀଡ଼ା ଭାରତୀ ଓଡ଼ିଶା ପଶ୍ଚିମ ପ୍ରାନ୍ତ ପୃଥୀନାଥ ସୁଧାଂଶୁ ପ୍ରମୁଖ ଯୋଗଦେଇ ବୈଠକ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ହିନ୍ଦୁ ସମାଜରେ ଉଚ୍ଚ ନୀଚର କୌଣସି ସ୍ଥାନ ନାହିଁ । ସବୁ ଜାତି ସମାନ। ସବୁ ଜାତିଙ୍କ ପଥ ଅଲଗା ମାତ୍ର ସମସ୍ତଙ୍କ ଲକ୍ଷ ଗୋଟିଏ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିରେ ବିକାଶ ପ୍ରଧାନ, ଅଶୋକ ସାହୁ, ସୁକାନ୍ତ ସାହୁ, ଡୋଳାମଣି ପ୍ରଧାନ, ଲିଙ୍ଗରାଜ ପଟେଲଙ୍କ ସମେତ ଅନ୍ୟମାନେ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ।



ବୈଠକରେ ଉପସ୍ଥିତ ସଦସ୍ୟ।

# ୫୦ ଦିନ ବିତିଲା, ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

**ଦେବଗଡ଼, ୧।୩(ଶଶାଙ୍କ ଶେଖର ଝାଙ୍କର)**

## ୧ କୁଇଣ୍ଟାଲ ଗଞ୍ଜେଇ, ସ୍କର୍ପିଓ ଜବତ ଘଟଣା

ଦେବଗଡ଼-ରିଆମାଳ ୫୩ ନମ୍ବର ଜାତୀୟ ରାଜପଥରେ ଗତ ଜାନୁଆରୀ ୪ ତାରିଖ ବିଳମ୍ବିତ ରାତିରେ ଗଞ୍ଜେଇ ଚୋରାଚାଲାଣବେଳେ ଏକ ସ୍କର୍ପିଓ ପୋଲିସ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଦେବଗଡ଼ ପୋଲିସ ଉକ୍ତ ସ୍କର୍ପିଓ ସହ ସେଥିରେ ଥିବା ୧ କୁଇଣ୍ଟାଲ ୬ କେଜି ଗଞ୍ଜେଇ, ଓ୍ୱାକିଟକି ଜବତ କରିଥିଲା। ଇତିମଧ୍ୟରେ ଘଟଣାକୁ ୫୦ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରୁ ଏକ ସ୍କର୍ପିଓରେ ଦେବଗଡ଼ ପଟକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ପୋଲିସ ଟିମ୍ ୫୩ ନମ୍ବର ଜାତୀୟ ରାଜପଥର ଚିକିଣିଘାଟିଠାରେ ପିସିଆର୍ ଭ୍ୟାନ୍ (ନଂ.ଓଡି୦୫ଏନ-୮୯୪୮) ନେଇ ଛକି ରହିଥିଲା। ଗଞ୍ଜେଇ ବୋଝେଇ ସ୍କର୍ପିଓ ରିଆମାଳ ପାରିହୋଇ ଦେବଗଡ଼ ଅଭିମୁଖେ ଆସୁଥିବାବେଳେ ରିଆମାଳ ଥାନା ଅଧିକାରୀ ବିନୟ କେରକେଟ୍ଟା ଏହାକୁ ପିଛା କରିଥିଲେ। ଏଣେ ଦେବଗଡ଼ ପୋଲିସ ଟିମ୍ ଚିକିଣିଘାଟି ଦୁର୍ଗା ମନ୍ଦିର ନିକଟରେ ଉକ୍ତ ସ୍କର୍ପିଓକୁ ଅଟକାଇବା ନିମନ୍ତେ ରାସ୍ତା ଅବରୋଧ କରିଥିଲା। ହେଲେ ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓ ଅଟକିବା ପରିବର୍ତ୍ତେ ପିସିଆର୍ ଭ୍ୟାନ୍‌ର ଡାହାଣ ପାର୍ଶ୍ୱକୁ ଧକ୍କା ଦେଇ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲା। ତେବେ ସ୍କର୍ପିଓ ବାମପାର୍ଶ୍ୱ ପଛ ଚକାରେ ପିସିଆର୍ ଭ୍ୟାନ୍‌ର ଫୁଟ୍ ରେଷ୍ଟ ପଶିଯିବାରୁ ସ୍କର୍ପିଓ ଚକ ଫାଟିଯାଇଥିଲା। ଏଥିଯୋଗୁ ଗାଡ଼ିଟି ଅଧିକ ଦୂର ଯାଇ ନ ପାରି ମୋହିନୀପୁର ଛକ ନିକଟରେ ଅଟକି ଯାଇଥିଲା। ଏହି ସୁଯୋଗରେ ଗାଡ଼ିରେ ଥିବା ନିଶା ବ୍ୟବସାୟୀମାନେ ଖସି ପଳାଇଥିଲେ। ସ୍କର୍ପିଓ ଧକ୍କାରେ ପିସିଆର୍ ଭ୍ୟାନ୍‌ର ଆଂଶିକ କ୍ଷତି ହୋଇଥିବାବେଳେ ପୋଲିସ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଏନେଇ ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ପ୍ରୟାସ ପାୱାରକୁ ହରାଇ ବିଦ୍ୟା ଭିକ୍ଟର ଚାମ୍ପିୟନ

**କୋଲାବିରା, ୧।୩(ସଞ୍ଜୟ ପୂଜାରୀ)**

## ମନୋଜ ନାଏକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ସ୍ୱର୍ଗତ ମନୋଜ କୁମାର ନାଏକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୋଲାବିରା ମିନିଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଶିକ୍ଷକମାନଙ୍କୁ ନେଇ ବିଦ୍ୟା ଭିକ୍ଟର, ପ୍ରୟାସ ପାୱାର, ଶିକ୍ଷା ଷ୍ଟ୍ରାଇକର୍ସ ଓ ଜ୍ଞାନ ଗ୍ଲାଡିଏଟର ନାମରେ ୪ଟି ଟିମ୍ ଗଠନ କରାଯାଇ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଇକେରା ବିଇଓ ହିମାଂଶୁ ବାଗ୍, ସମ୍ମାନିତ ଅତିଥି ଭାବେ କୋଲାବିରା ଅତିରିକ୍ତ ବିଇଓ ନିର୍ମଳା ଶତପଥୀ ଯୋଗଦେଇଥିଲେ। ବିଦ୍ୟା ଭିକ୍ଟର ଓ ପ୍ରୟାସ ପାୱାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବିଦ୍ୟା ଭିକ୍ଟର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୬୭ ରନ୍ କରିଥିଲା। ଏହାର ଜବାବରେ ପ୍ରୟାସ ପାୱାର ୧୦ ଓଭରରେ ୧୫୫ ରନ୍ କରିଥିଲା। ବିଦ୍ୟା ଭିକ୍ଟରର ବିଶ୍ୱଜିତ୍ ଚୌଧୁରୀ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଥିଲେ। ପ୍ରୟାସ ପାୱାରର ରଞ୍ଜନ ପଟେଲ ବେଷ୍ଟ କିପର, ରାଜେଶ ଭୋଇ ବେଷ୍ଟ ବ୍ୟାଟର, ମୁଚୁକୁନ୍ଦ ସିଂ ବେଷ୍ଟ ବୋଲର ଓ ବୟୋଜ୍ୟେଷ୍ଠ ଖେଳାଳି ସୁରେଶ ସାହୁଙ୍କୁ ବେଷ୍ଟ ଫିଲଡ଼ର ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଲଇକେରା ବିଇଓ ହିମାଂଶୁ ବାଗ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲଇଡ଼ା ବାସିନ୍ଦା ତଥା କୋଲାବିରା ବ୍ଲକ୍‌ର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ମନୋଜ କୁମାର ନାଏକଙ୍କ ସ୍ମୃତିଚାରଣ କରିଥିଲେ ଓ ତାଙ୍କ ପୁଅ ତଥା ଶିକ୍ଷକ ଲିଙ୍କନ ନାଏକ ଶିକ୍ଷକ ସଂଘର ସହଯୋଗରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କୋଲାବିରା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ, ସମ୍ବଲପୁରର ସାମାଜିକ କର୍ମୀ ସାଜନ ଅଗ୍ରୱାଲ, ଜିଲା ଶିକ୍ଷକ ସଂଘ ଉପଦେଷ୍ଟା ରାଜକିଶୋର ଜେନା, ବ୍ଲକ୍ ଶିକ୍ଷକ ସଂଘ ସଭାପତି ସରୋଜ ଟଣ୍ଡକାର, ଲଇକେରା ବ୍ଲକ୍ ଶିକ୍ଷକ ସଂଘ ସଭାପତି ଦେବେନ୍ଦ୍ର ରନବିଡା, ଜିଲା ଶିକ୍ଷକ ସଂଘ ଉପଦେଷ୍ଟା ଅଶୋକ ସାହୁ, ବରିଷ୍ଠ ଶିକ୍ଷକ ଯୋଗେଶ୍ୱର ସେନାପତି, ସିଆର୍‌ସିସି ଶିଶିର ନାଏକ, ଶିକ୍ଷକ ଲିଙ୍କନ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥି ବିଜୟୀ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCIP-EI-KUR-547, ତା.23.02.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଧାକିଶୋରପୁର ଏବଂ ନରାଜ ମାର୍ଥାପୁର ଠାରେ EI ସହିତ CCIPରେ VDUର ପ୍ରତିଫଳନ।

ଟେଣ୍ଡର ମୂଲ୍ୟ (₹): 1,09,89,188.42, EMD (₹) : 2,05,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.03.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-1173/Q/25-26

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
PLOT NO-493(P), PALASPALI, KHURDA, BHUBANESWAR-751020
TENDER CALL NOTICE NO. 349(1)/CDA/2026, Dt. 23.02.2026

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority
OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**
Panchayati Raj
Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863
**Notice No. : 982 Date : 26.02.2026**
INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.
The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of t**he Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir
OIPR-19001/19248/1/25-26/0001

**GOVERNMENT OF ODISHA**
No.25001/263/2526
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
e-Procurement for Building Works
Bid Identification No. : EERWJYP-Online -14/2025-26

Letter No.1283 Date : 23.02.2026

01. Name of the work : Building works, 02. Total Number of works : 10 (Ten) Nos., 03. Approximate Estimated Cost : Rs.33.90 Lakhs to Rs.67.80 Lakhs (approximately), 04. Class of Contractor : "B" & "C" Class, 05. Period of Completion : Within 06 to 09 Months, 06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/14/ RWD-JYP/2025-26 | 10 Nos. | 05.03.2026 at 10.00 A.M. | 11.03.2026 upto 5.00 P.M. | 10.03.2026 at 01.30 P.M. | 12.03.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Jeypore
OIPR-25001/25160/1/25-26/0004

# ଡଙ୍ଗରିଆ କନ୍ଧଙ୍କ ନିୟମରାଜା ପର୍ବ ସମ୍ପନ୍ନ

ଲାଞ୍ଜିଗଡ, ୧।୩(ରମେଶ ଚନ୍ଦ୍ର ନାୟକ)



ନିୟମରାଜା ପର୍ବରେ ସାମିଲ ଜନସାଧାରଣ।

**■ ଆଦିମ ସଂସ୍କୃତି ଓ ପ୍ରକୃତି ସୁରକ୍ଷାର ଅନନ୍ୟ ପରିଚୟ ନିୟମରାଜାଙ୍କ ପୂଜା**

**■ ନିୟମଗିରି ପାହାଡ଼ ସୁରକ୍ଷା ପାଇଁ ଆଦିବାସୀଙ୍କ ବଜ୍ରଶପଥ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଓ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସୀମାନ୍ତରେ ଥିବା ଡଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ନିୟମଗିରି ପାହାଡ଼ ଶିଖରରେ ଥିବା ଧଙ୍ଗରାଭଙ୍ଗା ଠାରେ ନିୟମରାଜା ପର୍ବ ପାଳନ ଫେବୃଆରୀ ୨୭ ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ବେଳେ ତାହା ରବିବାର ସମ୍ପନ୍ନ ହୋଇଯାଇଛି। ନିୟମଗିରି ପାହାଡ଼ ଶିଖରରେ ଥିବା ଡଙ୍ଗରିଆ କନ୍ଧ ଧଙ୍ଗରାଭଙ୍ଗା ଠାରେ ନିୟମରାଜାଙ୍କ ଦୀର୍ଘ ବର୍ଷ ଧରି ପୂଜା କରି ଆସୁଛନ୍ତି । ଏଥିରେ ଜିଲା ଏବଂ ରାଜ୍ୟ ବାହାରୁ ହଜାର ହଜାର ମହିଳା ଓ ପୁରୁଷଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏହି ପର୍ବ ପ୍ରତିବର୍ଷ ମାଘ ମାସରେ ଅନୁଷ୍ଠିତ ହୋଇଥାଏ। ଏହି ଆଦିବାସୀମାନେ ପର୍ବତ ଉପରେ କାନ୍ଦୁଲ, ମାଣ୍ଡିଆ, କୋଳଥ, ମକା, କମଳା, କଦଳୀ, ସପୁରୀ ଆଦି ଚାଷକରି ନିଜର ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ ବହୁ ରାଷ୍ଟ୍ରୀୟ କମ୍ପାନୀ ହାତରେ ଖଣିକୁ ରାଜ୍ୟ ସରକାର ଶାଗମାଛ ଦରରେ ଟେକିଦେଇ ଆଦିବାସୀଙ୍କ ଜୀବନ ଜୀବିକାକୁ ଛଡ଼ାଇ ନେବା ପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି ତାକୁ ଡଙ୍ଗରିଆ ଓ ଝରଣୀଆ ଆଦିବାସୀ ଦୀର୍ଘ ବର୍ଷ ହେଲା ତୀବ୍ର ବିରୋଧ କରିଆସୁଛନ୍ତି। ଜଳ,ଜମି, ଜଙ୍ଗଲ, ଭାଷା, ସଂସ୍କୃତି, ଜୀବନ ଜୀବିକା ଓ ପ୍ରାକୃତିକ ପରିବେଶ ସୁରକ୍ଷା ନିମନ୍ତେ ନିୟମ ରାଜାଙ୍କୁ ଆରାଧନା କରି ଆସୁଛନ୍ତି। ଏହି ଦୁଇ ଜିଲାର ଲୋକଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସଙ୍ଗଠନ, ସମାଜସେବୀ ଏହି ପର୍ବ ଦେଖିବା ପାଇଁ ପ୍ରବଳ ଭିଡ ଜମାଇଥା'ନ୍ତି। ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନଙ୍କ ବିଭିନ୍ନ ପର୍ବ ମଧ୍ୟରୁ ଏହା ମୁଖ୍ୟ ପର୍ବ ବୋଲି ସମସ୍ତଙ୍କୁ ନିମନ୍ତ୍ରଣ କରିଥା'ନ୍ତି। ଡଙ୍ଗରିଆମାନେ ନିୟମଗିରି ପରବ ବା ନିୟମରାଜା ପରବ ବୋଲି ଡଙ୍ଗରିଆ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନାଚ ଗୀତର ଆସର ଜମାଇ ପୂଜା ଆଡ଼ମ୍ବରରେ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ନିୟମଗିରି ଅଞ୍ଚଳସ୍ଥିତ ୧୧୨ରୁ ଉର୍ଦ୍ଧ ଗ୍ରାମର ଝରଣିଆ ଓ ଆଦିବାସୀ ସମେତ ବିଭିନ୍ନ ସଙ୍ଗଠନ ଏହି ପର୍ବରେ ସମବେଶ ହୋଇ ରକ୍ତ ଚାଉଳ ଧରି ମରିବୁ ପଛେ ଛାଡ଼ିବୁ ନାହିଁ ନିୟମଗିରି ପାହାଡକୁ। ସୁରକ୍ଷା ଦେବା ଆମ ଦାୟିତ୍ୱ କୌଣସି ପ୍ରକାରେ ଧ୍ୱଂସ ହେବାକୁ ଦିଆଯିବ ନାହିଁ ବୋଲି ବଜ୍ରଶପଥ ନେଇଥିଲେ ଆଦିବାସୀ ମାନେ। ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନଙ୍କ ବିଶ୍ୱାସ ରହିଛି, ସେମାନଙ୍କ ଆରାଧ ଦେବତା ନିୟମରାଜାଙ୍କୁ ବଳିଦେଇ ସନ୍ତୁଷ୍ଟ କଲେ ସମସ୍ତ ରୋଗ କଷ୍ଟରୁ ମୁକ୍ତି ମିଳିବା ସହ ସେମାନଙ୍କ ଫସଲ ଉତ୍ପାଦନ ବଢ଼ିଥାଏ। ତେଣୁ ପ୍ରତିବର୍ଷ ଭଳି ଚଳିତବର୍ଷ ନିୟମଗିରି ପର୍ବତ ଶିଖର ଉପରେ ଥିବା ନିୟମରାଜାଙ୍କ ଧରଣୀପେନୁ ଠାରେ ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ପୂଜାର୍ଚ୍ଚନା କରିବା ସହ ପାରମ୍ପରିକ ପୋଷାକ ଓ ଅସ୍ତ୍ରଶସ୍ତ୍ର ଧରି ନାଚଗୀତ କରିଥିଲେ। ଉକ୍ତ ପର୍ବରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୂଷାରେ ସଜ୍ଜିତ ହୋଇ ସେମାନେ ସକାଳୁ ପୋଢବଳି ସମେତ ବୋଦା, ପାରା, କୁକୁଡ଼ା ବଳି ଦେଇ ଦେବତାଙ୍କୁ ଆବାହନ କରିଥିଲେ ଓ ଏଥିପୂର୍ବରୁ ଶୁଭଖମ୍ବ ପାଖରେ ବାଉଁଶ ପାଟିଆ କୁଲାରେ ମନ୍ଥୁରା ଚାଉଳରେ ବନ୍ଦାପନା କରିବାପରେ ଆଦିବାସୀ ତଥା ଓ ଝରଣିଆ କନ୍ଧ ଯୁବକମାନେ ଟାଙ୍ଗୀ ଟାଙ୍ଗିଆ ଧରି ନୃତ୍ୟ କରିବା ସହିତ ପୋଢ଼, ବୋଦା ଓ କୁକୁଡ଼ା ବଳି ଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି ନିୟମରାଜା ପର୍ବରେ ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ସିକକା, ଦଧି ପୁଷିକା, ଲେଲିନ କୁମାର, ଖଣ୍ଡୁଳ ମାଳି ସୁରକ୍ଷା ସମିତି କାର୍ତ୍ତିକ ମାଝୀ, ସମ୍ପାଦକ ବ୍ରିଟିଶ କୁମାର, ସିପିଆଇ ସଞ୍ଜୟ ସୁନାନୀ, ରାଜେଶ ଯାନୀ, ଦାସ ନଦୀବାଲିଆ, ଡ୍ରିଂଜୁ ହିକକା, ନିରଞ୍ଜନ, ସାହିବୁ ପୁଷିକା, କୃଷ୍ଣ ହିକକା, କୁଣଜି କୁଟ୍ରିକା, ନବଘନ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଏଥିରେ ବିଭିନ୍ନ ଜନ ଆନ୍ଦୋଳନ ସଙ୍ଗଠନ, ସ୍ୱେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀ, ସମସ୍ତ ସଂଗ୍ରାମୀ ନେତା, କର୍ମକର୍ତ୍ତା ଯୋଗ ଦେଇଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା



କୃତୀ ଛାତ୍ରୀଛାତ୍ରଙ୍କ ସହ କୁଳପତି ନିବେଦିତା ନାଥ।

## ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା

ଭବାନୀପାଟଣା, ୧।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସମୟରେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ବିଶ୍ୱବିଦ୍ୟାଳୟକୁ ନୂତନ ପରିଚୟ ଦେଇଛନ୍ତି। ଚଳିତବର୍ଷ ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ୨୦୨୫-୨୦୨୬ (କ୍ରୀଡା) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ପର୍ବରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କ୍ରୀଡାବିତମାନଙ୍କୁ କ୍ରୀଡା ଦ୍ୱାରା ମଣିଷର ଶାରୀରିକ ଓ ମାନସିକ ବିକାଶ ସହିତ ରାଷ୍ଟ୍ରର ସମୃଦ୍ଧି କିଭଳି ହୁଏ, ତାହା ବଖାଣିଥିଲେ । ଏହି ପ୍ରତିଯୋଗିତାରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ବ୍ୟାଡମିଣ୍ଟନ ଯୁଗ୍ମ (ପୁରୁଷ) ସୁବ୍ରତ ପ୍ରଧାନ ଓ ବିକାଶ ଧରୁଆ ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ), କ୍ୟାରମ (ପୁରୁଷ)ରେ ସମୀର ମହାରଣା ପ୍ରଥମ ସ୍ଥାନ (ସ୍ୱର୍ଣ୍ଣ ପଦକ), ବ୍ୟାଡମିଣ୍ଟନ ଯୁଗ୍ମ (ମହିଳା) ରୋଜାଲିନ ନାଏକ ଓ ଭାରତୀ ଭୋଇ ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ), କ୍ୟାରମ (ମହିଳା)ରେ ଜୟଶ୍ରୀ ବେହେରା ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ) ହାସଲ କରି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଛନ୍ତି। ସୁବ୍ରତ ପଟ୍ଟନାୟକ, ଭାରତୀ ଭୋଇ ଓ ରୋଜାଲିନ ନାଏକ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟ, ଜୁନାଗଡର, ସମୀର ମହାରଣା ଓ ଜୟଶ୍ରୀ ଭୋଇ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓ ବିକାଶ ଧରୁଆ ଆଦର୍ଶ ସ୍ନାତକ ଡିଗ୍ରୀ ମହାବିଦ୍ୟାଳୟ, ଖରିଆର, ନୂଆପଡାର ଅଟନ୍ତି। ଏ ଖବର ପ୍ରଚାରିତ ହେବାପରେ ବିଶ୍ୱବିଦ୍ୟାଳୟ ତଥା ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର କର୍ମଚାରୀମାନେ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କଳାହାଣ୍ଡି କେବଳ କଳା ପାଇଁ ନୁହଁ; କ୍ରୀଡା କ୍ଷେତ୍ରରେ ମଧ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

# ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ରିଷିଡା, ୧।୩(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କୁମ୍ଭାରପଡ଼ାଠାରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ହେଉଛି। ଏଥିପାଇଁ ରବିବାର ଶତାଧିକ ମହିଳା ଓ ପୁରୁଷ ସଂକୀର୍ତ୍ତନ ସହିତ ନଗର ପରିକ୍ରମା କରି ମହାଆଡମ୍ବରରେ କଳସଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜକ କମିଟିର ପ୍ରହଲ୍ଲାଦ ବାରିକ, ହୁଦାନନ୍ଦ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ସରପଞ୍ଚ ସେବତୀ ରଣା, ମନୋଜ ରଣା, ରୋହିତ ରଣା, ଜଗମୋହନ ରଣା, ନନ୍ଦକିଶୋର ରଣା, ହିମାଂଶୁ ରଣା, ବାଞ୍ଛାନିଧି ରଣା, ଅକ୍ଷୟ ରଣା, ପିତ ରଣା, ଧର୍ମାନନ୍ଦ ରଣା, କ୍ଷୀରସାଗର ରଣା, ସଭାପତି, ଯଜ୍ଞ କର୍ତ୍ତା ଦାୟୀତ୍ୱରେ କରୁଣାକର ରଣା ସହ ଧର୍ମପତ୍ନୀ ପୁଷ୍ପମଞ୍ଜରୀ ରଣା, ପୂଜକ ପ୍ରଶାନ୍ତ ମିଶ୍ର ପୂଜା ସମ୍ପାଦନ କରିଥିଲେ। କୁମ୍ଭାରପଡ଼ାର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦିଗହରା ଦିଶା ବୈଠକ



ଦିଶା ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଉଛି।

ନୂଆପଡା, ୧।୩ (ମକାରୁ ବେମାଲ)

ନୂଆପଡା ଜିଲା ସଦଭାବନା ସଭାଗୃହ ଠାରେ ଶନିବାର ସନ୍ଧ୍ୟାରେ ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ସଭା (ଦିଶା) ବୈଠକ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଏମ୍‌ପି ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଜିଲା ପ୍ରଶାସନ ଜିଲାରେ ଆୟୋଜିତ ଦିଶା ବୈଠକକୁ ଗୁପ୍ତ ଭାବରେ ଲୁଚିଛପି ଆୟୋଜନ କରିଥିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କଳାହାଣ୍ଡିରୁ ଏମ୍‌ପି ଆସି ଦିଶା ବୈଠକ ଆୟୋଜନ କରିଥିଲେ। ହେଲେ ଜିଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦିଶା ବୈଠକ ପାଇଁ ସୂଚନା ନ ଦେବାରୁ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନୂଆପଡା ଜିଲା ପ୍ରଶାସନ କେବେ ଠାରୁ ଏଭଳି ଗୁପ୍ତ ଭାବରେ ଲୁଚିଛପି ବୈଠକ ଆୟୋଜନ କରିବାକୁ ଲାଗିଲେଣି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୟରେ ସୂଚନା ଦିଆଗଲା ନାହିଁ କି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଦିଗହରା ଦିଶା ବୈଠକ ବୋଲି କହୁଛନ୍ତି। ଦିଶା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାବେଳେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ସମୀକ୍ଷା ହୋଇଥାଏ। କେନ୍ଦ୍ରୀୟ ଅନୁଦାନ ସହ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା ହୋଇଥାଏ। ଦିଶା ବୈଠକର ଏଜେଣ୍ଡାରେ ଏମିତି କଣ ଥିଲା, ଏହି ବୈଠକକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ନ ଦେଇ ଦୂରେଇ ରଖାଗଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁଯାୟୀ ବୈଠକରେ ସମସ୍ତଙ୍କୁ ଜିଲାପାଳ ମଧୁସୁଦନ ଦାଶ ସ୍ୱାଗତ କରିଥିଲେ। ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ଘରଡିହ, ବାସଗୃହ, ବିଦ୍ୟୁତ, ପାନୀୟ ଜଳ, ସଡ଼କ, ଶ୍ରମ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି, ଖାଦ୍ୟ ଯୋଗାଣ, ଶିଳ୍ପ ଆଦି ସଭାରେ ଆଲୋଚନା ହୋଇଥିଲା। ଏମପି ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ । ଏହିସବୁ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଏମ୍‌ପି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ନିଜ ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ। ଏହା ଉପରେ ବିଭାଗୀୟ ଅଧିକାରୀମାନେ କଣ ପଦକ୍ଷେପ ନିଆ ଯାଇଛି ବୋଲି ଜାଣିବାକୁ ଚାହିଥିଲେ । ହେଲେ ବୈଠକରେ ବିଧାୟକ କେଉଁ କେଉଁ ସମସ୍ୟା ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ତାର ତଥ୍ୟ ନ ଥିବା ବେଳେ ବିଭାଗୀୟ ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇଥିଲେ କି ନାହିଁ । ତାହା ମଧ୍ୟ ଜଣାପଡି ନାହିଁ। ପ୍ରକାଶଥାଉକି ଯେଉଁସବୁ ସମସ୍ୟା ଉପରେ ବୈଠକରେ ଆଲୋଚନା କରିଥିଲେ। ସେହି ସମସ୍ୟାଗୁଡିକ ଜିଲାରେ ଲାଗି ରହିଛି। ଏହିସବୁର ପୋଲ ଗଣମାଧ୍ୟମ ପ୍ରତିନିଧିମାନେ ଖୋଲିଦେବେ ବୋଲି ସୂଚନା ଦିଆଗଲା ନାହିଁ କି ନିମନ୍ତ୍ରଣ କରାଗଲା ନାହିଁ ବୋଲି ସବୁଠି ଚର୍ଚ୍ଚା ହେଉଛି।

# ନିଶାମୁକ୍ତ ଭାରତ ପାଇଁ ସଚେତନତା

ନୂଆପଡ଼ା, ୧।୩ (ମକାରୁ ବେମାଲ)

ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ କୋମନା ବ୍ଲକର ବିଭିନ୍ନ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ଗାଁରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ଶେଷଦେବ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ସର୍ବ ପ୍ରଥମେ ପଣ୍ଡରାପଥର ଗାଁରେ ଏକ ଶୋଭାଯାତ୍ରା କରି ନିଶାମୁକ୍ତ ଭାରତ ଉପରେ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହାପରେ କୋମନା ବ୍ଲକର ବିଭିନ୍ନ ଅଞ୍ଚଳର ଗାଁ ଗୁଡିକ ହେଲା ତରବୋଡ, ଜଟଗଡ, କରଙ୍ଗାଭଟା, ନାଏକପଡା, ଗଡଗଡ ବାହାଲି, ଚୌକପଡା, ଜେଠୁପାଲି, କୁରେଶ୍ୱର, ଧୁମାଭଟା ଆଦି ଗାଁରେ ଶୋଭାଯାତ୍ରା ସଚେତନ କରିଥିଲେ। ଗାଁରେ ଛତୁ ଫୁଟିଲା ଭଳି ମଦକୋଠି ଖୋଲୁଥିବାରୁ ଯୁବପିଢୀ ନିଶାଶକ୍ତ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ଅତ୍ୟଧିକ ନିଶା ସେବନ ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗାଁଗାଁରେ ମଦ, ଗଞ୍ଜେଇ,ଅଫିମ, ଡ୍ରଗ୍ସ ଭଳି ନିଶା ଦ୍ରବ୍ୟରୁ ଦୂରେଇ ରହିଲେ ସୁସ୍ଥ ସମାଜ ଗଠନ କରି ସୁଖରେ ସଂସାର ଚାଲିବ ବୋଲି ମଦର ଟେରେସା ସେବା ସଙ୍ଗଠନ ଅଭିନବ ପ୍ରୟାସ କରି ଅଭିଯାନ ଜାରି ରଖିଛନ୍ତି। ଏହି ସମୟରେ ତେଜୁରାମ ତାଣ୍ଡି, ସତ୍ୟବ୍ରତ ସାମଲ, ନୁରଧର ପ୍ରଧାନ, ନଳିନୀ ମାଝି, ମାଳତି ଲତା ବନଗୋଲା, ଫକୀର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ଶୋଭାଯାତ୍ରାରେ ନଗର ପରିଭ୍ରମଣ କରୁଛନ୍ତି।

# ଜାତୀୟ ବିଜ୍ଞାନ ଦିବସ ପାଳିତ



ଖଡ଼ିଆଳ, ୧।୩(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନଚକ୍ର ଏବଂ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷକ ଦ୍ୱୟ ପ୍ରଭୁଦତ୍ତ ପୁରୋହିତ ଓ ରାଜଶ୍ରୀ ଦଣ୍ଡସେନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବିଜ୍ଞାନଚକ୍ର ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରୀ ମଡେଲ ପ୍ରଦର୍ଶନ କରିଥିଲେ। ଜାତୀୟ ବିଜ୍ଞାନ ଦିବସ ଅନ୍ତର୍ଗତ ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଗୌରୀ ଶଙ୍କର ଦୁବେ, ରତନ ସିଂ ବାରିକ, ବିଷ୍ଣୁ ପ୍ରସାଦ ମେହେର, ସଂଯୁକ୍ତା ନାଗ ସହଯୋଗ କରିଥିଲେ। ଶିକ୍ଷକ ଗୌରୀ ଶଙ୍କର ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ

ଭବାନୀପାଟଣା, ୧।୩
(ଉତ୍ତମ କୁମାର ଦାଶ)

**■ ଜରାୟୁ ଗ୍ରୀବା କର୍କଟ ରୋକିବାକୁ ଅଭିନବ ପଦକ୍ଷେପ**

**■ ଜିଲାର ୧୨୪୪୬ ହିତାଧିକାରୀଙ୍କୁ ଟିକା ପ୍ରଦାନର ଲକ୍ଷ୍ୟ**

କଳାହାଣ୍ଡି ଜିଲା ଭବାନୀପାଟଣା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଜିଲାସ୍ତରୀୟ ଏଚପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ହରେକୃଷ୍ଣ ଶତପଥି, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଡିପିଏମ ଦିଲୀପ ଦୁବେ, ଲୋକସଭା ସାଂସଦ ପ୍ରତିନିଧି ନରହରି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାର ପକ୍ଷରୁ ରବିବାର ମାର୍ଚ୍ଚ ୧ ଠାରୁ ଆସନ୍ତା ୩ ମାସ ଯାଏଁ ଏହି ଏଚପିଭି ଟିକାକରଣ ବିଶେଷ ଅଭିଯାନ ଆରମ୍ଭ କରାଯାଉଛି। ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ୧୪ ବର୍ଷ ବୟସ୍କ କନ୍ୟାମାନଙ୍କୁ ଏଚପିଭି (ଜରାୟୁ ଗ୍ରୀବା କର୍କଟ) ସଂକ୍ରମଣରୁ ସୁରକ୍ଷା ଦେବା। ଏଚପିଭି ଭାଇରସ ମହିଳାମାନଙ୍କ ମଧ୍ୟରେ ଗର୍ଭାଶୟ ମୁଖ କ୍ୟାନ୍ସରର ପ୍ରମୁଖ କାରଣ। ଏହି ଟିକା ନେଲେ ଭବିଷ୍ୟତରେ ଏହି ମାରାତ୍ମକ ରୋଗରୁ ରକ୍ଷା ମିଳିବ। ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲାର ୧୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡିଏଚଏଚ, ଏସଡିଏଚ ଏବଂ ଭବାନୀପାଟଣା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପ୍ରଥମ ପର୍ଯ୍ୟାୟରେ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାର ଚୟନ କରାଯାଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ପ୍ରଦାନ କରାଯିବ। ଜିଲାର ୧୨ ହଜାର ୪୪୬ ଜଣ ହିତାଧିକାରୀଙ୍କୁ ଏହି ଟିକା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି।




ଏଚପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ କରାଯାଉଛି।

# କଳାହାଣ୍ଡି ଲେଖିକା ସଂଘର ରୌପ୍ୟ ଜୟନ୍ତୀ ସମାରୋହ



ଯୁବକବି ଐଶ୍ୱର୍ଯ୍ୟା ପ୍ରଧାନଙ୍କର କବିତା ସଂକଳନ ଶେଷ ଭୋଗ' ଉନ୍ମୋଚିତ ହେଉଛି।

ଭବାନୀପାଟଣା, ୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡିଲେଖିକା ସଂଘର ୨୫ତମ ବାର୍ଷିକ ଉତ୍ସବ ତଥା ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଲେଖିକା ସଂଘର ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନରେ କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ସାରଳା ପୁରସ୍କାରପ୍ରାପ୍ତ ତଥା ସଂସ୍କୃତିବିତ ଜୟନ୍ତ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପୁଷ୍ପମିତ୍ରା କାନୁନଗୋ, ସୁଦର୍ଶନ ଦାସ ଯୋଗଦେଇଥିଲେ। ଏହି ଅବସରରେ ସରସତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜବିହାରର 'ବ୍ରଜ କଣ୍ଠଶିଳ୍ପୀ' ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସଂଘମିତ୍ରା କାନୁନଗୋ। ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡା ସାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦିକା କଳ୍ପନା ରଥ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂଘର ମୁଖପତ୍ର 'କଳ୍ପିତା'ର ଶୁଭ ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ଅବଦାନ ପାଇଁ ଡ. ପଲ୍ଲିଶ୍ରୀ ପଟ୍ଟନାୟକଙ୍କୁ 'ସାହିତ୍ୟ ସମ୍ମାନ', କବି ଦୀପ୍ତି ମୁଣ୍ଡଙ୍କୁ 'ଯୁବକବି ସମ୍ମାନ', ତ୍ରିବେଣୀ ବିଶୋୟୀଙ୍କୁ 'ସମାଜସେବୀ ସମ୍ମାନ' ଏବଂ କସ୍ତୁରୀ ଜାଲଙ୍କୁ 'ମାତୃଶ୍ରୀ ସମ୍ମାନ', ସୁନିତା ଦାସଙ୍କୁ 'ସୁଗୃହିଣୀ ସମ୍ମାନ', ଚିତ୍ରଶିଳ୍ପୀ ସ୍ମିତାରାଣୀ ଚୌଧୁରୀ 'ପ୍ରଚ୍ଛଦପଟ ଶିଳ୍ପୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ପାଇଁ କଳାହାଣ୍ଡିଜିଲା ଛାତ୍ରୀ ମାଟ୍ରିକ ଗାର୍ଲସ ଟପର ଶ୍ରିୟାଂଶ୍ରୀ ସାହୁ, ଜିଲାର ଶ୍ରେଷ୍ଠ କ୍ରୀଡାବିତ ହସ୍ତରି ଶବର, ପୋଲ ଭଲ୍ଟ ଓ ହାଇଜମ୍ପ ପାଇଁ ରୌପ୍ୟ ପଦକ ପ୍ରାପ୍ତ ମିକି କହଁରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ରୌପ୍ୟ ଜୟନ୍ତୀ ସମାରୋହରେ କଳାହାଣ୍ଡି ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଏବଂ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସ୍ୱର୍ଣ୍ଣକାନ୍ତି ବୈକାର ଏବଂ ମୀନତି ପ୍ରଧାନ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଅଜୟ ମିଶ୍ର, ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ଓ ଗବେଷକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ସବିତା ପଟ୍ଟନାୟକ ଏବଂ ପୂର୍ବତନ ସଦସ୍ୟ ଓଡିଶା ସାହିତ୍ୟ ଏକାଡେମୀ ସତ୍ୟନାରାୟଣ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅତିଥି ପରିଚୟ ପ୍ରଦାନ କରିଥିଲେ ସବିତା ଶତପଥୀ। ଏହି ଅବସରରେ କଳାହାଣ୍ଡିର ଅଭିଳାଷ ମହାନ୍ତି, ଉତ୍ସବାନନ୍ଦ ମିଶ୍ର, ଗଜେନ୍ଦ୍ର ଡାକୁଆ, ନରେଶ ଚନ୍ଦ୍ର ପଣ୍ଡା ଏବଂ ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ୫ଜଣ ବୀର ସୈନିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବକବି ଐଶ୍ୱର୍ଯ୍ୟା ପ୍ରଧାନଙ୍କର କବିତା ସଂକଳନ 'ଶେଷ ଭୋଗ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବନଶ୍ରୀ ଦାଶ ଏବଂ ସୁମତି ମୁଣ୍ଡ ପରିଚାଳନା କରିଥିଲେ। ଲେଖିକା ସଂଘର ସଦସ୍ୟା ଆନନ୍ଦିନୀ ପାତ୍ର, ସ୍ୱର୍ଣ୍ଣକାନ୍ତି ବୈକାର, ସଂଘମିତ୍ରା କାନୁନଗୋ, ରୀତା ପାଟ୍ଟଯୋଶୀ, ମଞ୍ଜୁରାଣୀ ରଥ, ମୀନା ମୁଣ୍ଡ, ମୀନତି ପ୍ରଧାନ, ଐଶ୍ୱର୍ଯ୍ୟା ପ୍ରଧାନ, ଦୀପ୍ତି ମୁଣ୍ଡ, ବିଳାସିନୀ ମହାପାତ୍ର, ଝରଣା ପାଢୀ, ସୁଚିସ୍ମିତା ରାଉତ, କବିତା ମୁଣ୍ଡ, ମମତା ପଟ୍ଟନାୟକ, ଅନୁପମା ମହାପାତ୍ର, ମମତା ସାହୁ, ନାହେଦା ସାହିନ, ନିବେଦିତା ମହାନ୍ତି, ପ୍ରିୟଦର୍ଶିକା ପ୍ରଧାନ, ସବିତା ଦାଶ, ସନ୍ଧ୍ୟାରାଣୀ ବେହେରା, ସଂଯୁକ୍ତା ମୁଣ୍ଡ, ରଶ୍ମିରାଣୀ ରଥ, ସୌଦାମିନି ଭୋଇ, ତପସ୍ୱିନୀ ପଣ୍ଡା, କବିତା ମୁଣ୍ଡ, ଲୀନା ଦାସ, ସସ୍ମିତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୁମତି ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସବିତା ଦାସଙ୍କ ଦ୍ୱାରା ଶାନ୍ତିପାଠ ସହ ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

### ଆସୁଛି ଦୋଳ ପୂର୍ଣ୍ଣିମା

# ହଜିନି ଶାକରପଟି ଭୋଗ ପରମ୍ପରା

**ବରଗଡ଼, ୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ଐତିହ୍ୟ ସଂସ୍କୃତି ଓ ପରମ୍ପରା ଅନନ୍ୟ। ତେବେ ଏହି ପର୍ବ ଯେତିକି ପାଖେଇ ଆସୁଛି, ଲୋକଙ୍କ ମଧ୍ୟରେ ସେଭଳି ଉତ୍କଣ୍ଠା ବଢି ଚାଲିଛି। ଗାଁଠୁ ସହର ଚଳଚଞ୍ଚଳ ହୋଇପଡ଼ିଛି। ଏହି ପର୍ବରେ ପ୍ରତ୍ୟେକ ଘରେ ଓ ଦେବାଦେବୀ ମନ୍ଦିର ଗୁଡ଼ିକରେ ନୂଆଁ ବନ୍ୟଜାତ ଫଳ ଆମ୍ବ, ଚାର, ମହୁଲ ସହିତ ଗୁଡ଼ରେ ତିଆରି ଶାକରପଟିକୁ ଭୋଗ ଲଗାଯାଏ। ତେବେ ଶାକରପଟି ଭୋଗ କ୍ୱଚିତ୍ ଜାଗାରେ ପ୍ରସ୍ତୁତ ହୁଏ। ବର୍ଷକରେ ଥରେ ଏହି ସାକରପଟିର ଚାହିଦା ରହିଥାଏ। ଏହି ଦୃଷ୍ଟିରୁ ବରଗଡ଼ ଜିଲାର ଗୁଡ଼ିଆ ସମ୍ପ୍ରଦାୟ ଲୋକେ ଶାକରପଟି ଭୋଗ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଜିଲା ଅତାବିରା ବ୍ଲକ ଲସ୍ତଲା ଗ୍ରାମର ଗୁଡ଼ିଆ ସମ୍ପ୍ରଦାୟର ଲୋକ ଏହି ବୃତ୍ତିକୁ ବଞ୍ଚାଇ ରଖି ଆସିଛନ୍ତି। ପୂର୍ବ ପୁରୁଷରୁ ଶାକରପଟି ତିଆରିକୁ ନିଜର କୌଳିକ ବୃତ୍ତି ଭାବେ ଆଦରି ନେଇଥିବା ଏହି ଗୁଡ଼ିଆ ପରିବାର ପ୍ରତିବର୍ଷ ଏହିଦିନକୁ ଅପେକ୍ଷା କରି ରହିଥାନ୍ତି ଏବଂ ଗୋଟିଏ ମାସ ପୂର୍ବରୁ ଏହି କାମରେ ଲାଗି ପଡ଼ିଥାନ୍ତି। ଗୋଟିଏ ଦିନରେ ୧୫ରୁ ୨୦ କେଜି ପର୍ଯ୍ୟନ୍ତ ଶାକରପଟି ତିଆରି କରିଥାନ୍ତି। ଫଗୁଣ ପୂର୍ଣ୍ଣିମା ଏବଂ ଚୈତ୍ର ମାସରେ ଏହାର ଚାହିଦା ଥିବାରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହିତ ଛତିଶଗଡ଼ ରାଜ୍ୟରୁ ବେପାରିମାନେ ଶାକରପଟି ନେବାକୁ ଏହି ଲସ୍ତଲା ଗ୍ରାମକୁ ଆସିଥାନ୍ତି। ତେବେ ଭଲ ଗୁଡ଼ ଓ କାଠର ଅଭା ସାଙ୍ଗକୁ ପରିଶ୍ରମ ମୁତାବକ ଉଚିତ ଲାଭ ମିଳୁନଥିବା ଅଭିଯୋଗ କରିଛନ୍ତି। ଏଣୁ ଗ୍ରାମର ଅନେକ ଗୁଡ଼ିଆ ସଂପ୍ରଦାୟ ପରିବାର ଶାକରପଟି ତିଆରି ଛାଡ଼ି ଦେଇଥିବା ଦେଖିବାକୁ ମିଳିଛି। ତଥାପି ଗ୍ରାମର କିଛି ଗୁଡ଼ିଆ ସମ୍ପ୍ରଦାୟର ଲୋକେ ଏହାକୁ ବଞ୍ଚାଇ ରଖିଛନ୍ତି। ଶାକରପଟି ଭୋଗ ଫାଲଗୁନ ପୂର୍ଣ୍ଣମୀ ଦିନ ବିଭିନ୍ନ ମନ୍ଦିରରେ ମୁଖ୍ୟ ଭୋଗ ରୂପେ ଲାଗି ହୋଇଥାଏ। କେବଳ ପୂର୍ଣ୍ଣମୀ ଦିନ ନୁହଁ, ଚୈତ୍ରମାସର ମଙ୍ଗଳବାର ହେଉଥିବା ମା ମଙ୍ଗଳାଙ୍କ ପୂଜାରେ ଭୋଗ ରୂପେ ଏହି ଭୋଗ ଲାଗିହୁଏ। ପଶ୍ଚିମ ଓଡ଼ିଶାରେ ଏହାର ଚାହିଦା ବେଶୀ ରହିଥିବା ବେଳେ ଗୁଡ଼ିଆ ସମ୍ପ୍ରଦାୟର ଲୋକେ ଏହାକୁ ତିଆରି କରିଥାନ୍ତି। ପ୍ରଥମେ ଭେଲା ଗୁଡକୁ ଅଳ୍ପ ପରିମାଣର ପାଣି ଦେଇ ମାଟି ହାଣ୍ଡି ଦ୍ୱାରା ନିଆଁରେ ଫୁଟାଯାଏ। ଗୁଡ଼ ଫୁଟି ଗଲା ପରେ ତାକୁ ତେଲ ଦିଆଯାଇଥିବା ପଥର ଶିଳରେ ଢଳାଯାଇ ଥଣ୍ଡା କରାଯାଏ। ଥଣ୍ଡା ହେବା ପରେ ତାକୁ ଏକ ଗୋଜିଆ ଖମ୍ବରେ ରଖି ଟଣାଯାଏ। ଧୀରେ ଧୀରେ ଏହାର ରଙ୍ଗ ପରିବର୍ତ୍ତନ ହୋଇ ସୁନା ରଙ୍ଗ ପରି ଦେଖାଯାଏ। ଏହାପରେ ନିଆଁରେ ଦେଖାଇ ତାକୁ ସୁତା ପରି ବାହାର କରାଯାଏ ଏବଂ ତାକୁ ବିଭିନ୍ନ ଆକୃତି ଦେଇ ଶାକରପଟି ତିଆରି କରାଯାଏ। ଶାକରପଟି ତିଆରି ହେବାପରେ ତାକୁ ଓଦା କନାରେ ଗୋଡ଼ାଇ ଥଣ୍ଡା କରାଯାଏ ଓ ପରେ ତାକୁ ଖରାରେ ଶୁଖାଇ ବଜାରକୁ ବିକ୍ରୟ କରିବା ପାଇଁ ନିଆଯାଏ। ଏହି କାମରେ ପରିବାରର ଛୋଟ ଛୁଆଠାରୁ ଆରମ୍ଭକରି ବୃଦ୍ଧ ପର୍ଯ୍ୟନ୍ତ ନିୟୋଜିତ ରହିଥାନ୍ତି।


ବରଗଡ଼ ଜିଲା ଅତାବିରା ବ୍ଲକ ଲସ୍ତଲା ଗ୍ରାମରେ ଗୁଡ଼ରେ ନିର୍ମିତ ଶାକରପଟି ଭୋଗ ପ୍ରସ୍ତୁତି ଚାଲିଛି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଗିରଫ


ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

**ପାଇକମାଳ, ୧।୩(ବଢ଼ ଶତପଥୀ)**

ପାଇକମାଳ ପୋଲିସ ଶନିବାର ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଗିରଫ କରି ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାଇକମାଳ ଥାନା ଚେରଙ୍ଗାଝାଞ୍ଜର ହରି ମାଝୀ (୪୧)। ଫେରାର ଥିବା ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ଗାଁର ଦିଲୀପ କୁମାର ଚନ୍ଦନ ବୋଲି ଜଣାପଡ଼ିଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ମଧ୍ୟାହ୍ନରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପାଇକମାଳ ପୋଲିସକୁ ଖବର ମିଳିଥିଲା। ପାଇକମାଳ ପୋଲିସ ଝାରମୁଣ୍ଡା ବିଜୁ ଏକ୍ସପ୍ରେସ ୱେ ଛକ ନିକଟରେ ନାକା ଚେକିଂ କରିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଆସୁଥିବା ଏକ ବାଇକ୍ (ଓଡି ୨୬ ବି ୫୭୬୨)ରେ ହରି ମାଝୀ ବାଇକ ଚଳାଉଥିଲେ ଓ ପଛରେ ଦିଲୀପ କୁମାର ଚନ୍ଦନ ବସିଥିଲା। ବାଟରେ ପୋଲିସକୁ ଦେଖି ପଛରେ ବସି ଥିବା ଦିଲୀପ ଚନ୍ଦନ ଫେରାର ମାରିଥିବା ବେଳେ ହରି ମାଝୀ ଧରାପଡ଼ିଥିଲେ। ତାଙ୍କ ବାଇକ ଚେକିଂ କରିବାରୁ ସିଲ୍ ହୋଇଥିବା ପ୍ୟାକେଟରେ ୭ କେଜି ଗଞ୍ଜେଇ ବାହାରିଥିଲା। ହରିଙ୍କୁ ଗିରଫ ସମୟରେ ୭ କେଜି ଗଞ୍ଜେଇ, ନଗଦ ୫୮୦ ଟଙ୍କା, ଏକ ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛି। ଉଭୟଙ୍କ ନାମରେ ପାଇକମାଳ ଥାନାରେ ନଂ. ୪୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଥିବା ଦିଲୀପକୁ ପୋଲିସ ଗିରଫ କରିବା ପାଇଁ ଖୋଜୁଛି।

## କୋଶଳିଆ ମାଳୀ ସମାଜର ବାର୍ଷିକ ସଭା

**ଝାରବନ୍ଧ, ୧।୩(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ କୋଶଳିଆ ମାଳୀ ସମାଜର ବାର୍ଷିକ ସାଧାରଣ ସଭା ବଳିଡ଼ିପାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଳୀ ସମାଜର ସଭାପତି ରାଜେନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ସମସ୍ତ ଜାତିଭାଇ ଯୋଗଦାନ କରି କୋଶଳିଆ ମାଳୀ ସମାଜର ବିକାଶ ତଥା ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ। ସମାଜରେ ବିବାହ ହେଉଥିବା ବର କନ୍ୟାଙ୍କ ବିବାହ ପଞ୍ଜୀକରଣ ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବରେ ରାଜେନ୍ଦ୍ର ପଟେଲ, ଉପସଭାପତି ଡୋଳାମଣି ନାୟକ, ସାଧାରଣ ସମ୍ପାଦକ ଲିଙ୍ଗରାଜ ପଟେଲ, ତରୁଣ ପଟେଲ, କୋଷାଧ୍ୟକ୍ଷ ଶିବ ପ୍ରସାଦ ପଟେଲ, ଗଣେଶ୍ୱର ପଟେଲ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ବ୍ରହ୍ମା ପଟେଲ, ମହେନ୍ଦ୍ର ପଟେଲ, ସୁବଲାଲ ପଟେଲ, ତୀର୍ଥ ପଟେଲ, ଭାଗବତିଆ ପଟେଲ ମନୋନୀତ ହୋଇଛନ୍ତି। ନୂତନ କମିଟିକୁ ଉପଢୌକନ, ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା। କୋଶଳିଆ ମାଳୀ ସମାଜର ଭବନ ନିର୍ମାଣ ପାଇଁ ବ୍ରହ୍ମା ପଟେଲ ଜମି ଦାନ କରିଛନ୍ତି। ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସରକାରଙ୍କ ବଜେଟ ଐତିହାସିକ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

### ବୌଦ୍ଧ ଭାଜପାର ଖବରଦାତା ସମ୍ମିଳନୀ

**ବୌଦ୍ଧ, ୧।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ରବିବାର ଦଳୀୟ କାର୍ଯ୍ୟାଳୟଠାରେ ଜିଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ବଜେଟକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ଉପସଭାପତି ଡ. ଯତିନ ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ବଜେଟକୁ ଏକ ଐତିହାସିକ ବଜେଟ ବୋଲି କହିଥିଲେ। ଏହି ବଜେଟ ସମସ୍ତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ବିଭିନ୍ନ କ୍ଷେତ୍ର ଏବଂ ଯେଉଁ ସମ୍ବଳ ଓଡିଶା ସରକାରଙ୍କ ପାଖରେ ରହିଛି ତାର କିଭଳି ସୁବିନିଯୋଗ କରି ସର୍ବାଧିକ ଲାଭ ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ ସେ ନେଇ ଆଲୋଚନା କରିଥିଲେ। ଚଳିତ ବଜେଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ହୋଇଥିବାବେଳେ ପ୍ରାୟ ୨୦ ହଜାର କୋଟି ଟଙ୍କା ଅଧିକ ବ୍ୟୟ ବରାଦ କରାଯାଇଛି। ୧ ଲକ୍ଷ ୮୦ ହଜାର କୋଟି ଟଙ୍କା କାର୍ଯ୍ୟକ୍ରମ ପାଇଁ ବ୍ୟୟ କରାଯିବ। କୃଷିକ୍ଷେତ୍ର ପାଇଁ ୪୨.୪୯୨ କୋଟି ଟଙ୍କା ବ୍ୟୟ ବରାଦ ରହିଛି ବୋଲି ମହାନ୍ତି କହିଥିଲେ। ଏହାସହ ପର୍ଯ୍ୟଟନ, ମଧୁବାବୁ ପେନସନ, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ସମେତ ୪ଟି ବିଶ୍ୱବିଦ୍ୟାଳୟ, ୨ଟି ଇଞ୍ଜିନିୟରିଂ କଲେଜ, ୨ଟି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ବିଭିନ୍ନ କ୍ଷେତ୍ରକୁ ଦୃଷ୍ଟି ଦେଇ ବଜେଟରେ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଜିଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲା, ପୂର୍ବତନ ଜିଲା ସଭାପତି ବିପ୍ରଚରଣ ମହାନ୍ତି ଉପସ୍ଥିତ ଥିଲେ।

## ଜଗଦଳପୁର ଥାନାରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ଦାବି

**ପଦ୍ମପୁର, ୧।୩(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ସୀମାନ୍ତବର୍ତ୍ତୀ ଜଗଦଳପୁର ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଚାଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ଜଗଦଳପୁର ଥାନାରେ ମାସେ ହେବ ଥାନାଧିକାରୀ ପଦ ଖାଲି ପଡ଼ିଛି। ଫଳରେ ଏଠାରେ ଆଇନ ଶୃଙ୍ଖଳା ବାଧାପ୍ରାପ୍ତ ହେଉଛି। ଥାନାରେ ଅଧିକାରୀ ଏବଂ ଆବଶ୍ୟକ ପୋଲିସ କର୍ମଚାରୀଙ୍କ ଅଭାବ ଦୃଷ୍ଟିଗୋଚର ହେଉଥିବାରୁ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି ହେଉଛି। ସୂଚନା ଅନୁସାରେ, ବର୍ତ୍ତମାନ ୮ ଜଣ କନଷ୍ଟେବଲ ଓ ୩ ଜଣ ସବ-ଇନ୍ସପେକ୍ଟର କାର୍ଯ୍ୟରତ ଥିବା ବେଳେ ଥାନା ଅଧିକାରୀ ପଦବୀ ଖାଲି ପଡ଼ିଥିବା ସହିତ କେତେକ କନଷ୍ଟେବଲ ଓ ସହାୟକ କର୍ମଚାରୀ ପଦବୀ ଖାଲି ରହିଛି। ଶୈବପୀଠ ଦେବଦର୍ହାକୁ ଦୈନନ୍ଦିନ ହଜାର ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ସହ ଏଠାରେ ଏବଂ ଗ୍ରାମାଞ୍ଚଳରେ ଆଇନଶୃଙ୍ଖଳା ଘଟଣାରେ ତୁରନ୍ତ ପଦକ୍ଷେପ ନେବାରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଆବଶ୍ୟକ ପଦବୀ ପୂରଣ କରିବାକୁ ଦାବି ହେଉଛି।

## ବିଜ୍ଞାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଛାତ୍ରୀମାନେ ବିଜ୍ଞାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ସୋହେଲା, ୧।୩(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ କନଗାଁ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଚିନ୍ତାମଣି ପାତ୍ର ନିଜ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ହାଇସ୍କୁଲ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧିତ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାହାସ ବିହାରୀ ସାହୁ ଏହି ସଭାରେ ସଭାପତିତ୍ୱ କରିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ଶ୍ୟାମ କୁମାର ବାରିକ, ସୁଦାମ ବାରିକ, ଡୋଳାମଣି ସାହୁ, ନୀଳମଣି ପଧାନ ମଞ୍ଚାସୀନ ଥିଲେ। ଡ. ଭୁବନେଶ୍ୱର ପଧାନ ସଭା ପରିଚାଳନା କରିଥିଲେ। ପରିଚାଳନା ମଣ୍ଡଳୀ ସଦସ୍ୟଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପାତ୍ରଙ୍କୁ ସମଗ୍ର କନଗାଁରେ ଏକ ଶୋଭାଯାତ୍ରାରେ ନେଇ ଘରେ ଘରେ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏହାପରେ ତାଙ୍କୁ ତାଙ୍କର ଗୃହଗ୍ରାମ କେନ୍ଦପାଲିକୁ ନିଆଯାଇଥିଲା।

## ଚୈତ୍ର ବାସନ୍ତିକ ପୂଜାର ପ୍ରସ୍ତୁତି ବୈଠକ

**ପାଇକମାଳ, ୧।୩ (ବଢ଼ ଶତପଥୀ)**

ନୃସିଂହନାଥ ବିନ୍ଧ୍ୟବାସିନୀ ମନ୍ଦିର ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟବାସିନୀ ବିଂଝାଲ ସମାଜର ଚୈତ୍ର ବାସନ୍ତିକ ପୂଜାର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଟ ସଭାପତି ହୃଷୀକେଶ ବରିହା ସଭାପତିତ୍ୱ କରିଥିଲେ। ସଭାରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ବ୍ଲକର ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ପୂଜା କିପରି ଶାନ୍ତି ଶୃଙ୍ଖଳାରେ ହେବ ଏନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ


ବୈଠକରେ ଆଲୋଚନା ଚାଲିଛି।

ହୃଷୀକେଶ ବରିହା, ଦେବରାଜ ବରିହା, ପ୍ରେମାନନ୍ଦ ବରିହା, ଅଇତରାମ ବରିହା, ନନ୍ଦଲାଲ ବରିହା, ବିଲାଧର ଭୁଏ, ବାସୁଦେବ ବରିହା, ଗୋପାଳ ବରିହା, ସନତରାମ ବରିହା, ହରେକୃଷ୍ଣ ମହାଲିଙ୍ଗ, ରାଧେଶ୍ୟାମ ବରିହା, ମନୋହର ବରିହା, ଝାଙ୍କରୁ ବରିହା, ଦୁଗୁରୁ ବରିହା, ଚମ୍ପେଶ୍ୱର ବାଗ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ହୋଲି ପାଇଁ ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ, ୧।୩(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ଥାନା ପରିସରରେ ହୋଲି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଥାନା ଅଧିକାରୀ ଶୁକ୍ର ମାଝିଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଅନୁଷ୍ଠିତ ହୋଇଥିଲା। ଆଗାମୀ ହୋଲି ପର୍ବରେ କେମିକାଲ ରଙ୍ଗ ବ୍ୟବହାର ନ କରି ଅବିରରେ ହୋଲି ପର୍ବ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ହୋଲି ଦିନ ସମସ୍ତ ଗାଁ ଗଣ୍ଡାରେ ନିଶାଦ୍ରବ୍ୟ ଖାଇ ବିଶୃଙ୍ଖଳା ସୃଷ୍ଟି ହେଉଥିବାରୁ ପୋଲିସ ପାଟ୍ରୋଲିଂକୁ ବଢ଼ାଇବା ପାଇଁ ସଚେତନ ନାଗରିକ ଥାନା ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଝାରବନ୍ଧ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ରୋଶନ ଅଗ୍ରୱାଲ, ମାନଭଞ୍ଜନ ବେହେରା, ପ୍ରମୋଦ ରାୟ, ହେମନ୍ତ ଚରଣ ସାହୁ, ସମାଜସେବୀ ଜୟକୁମାର ନିଗମ, ଗୋବିନ୍ଦ ପଟେଲଙ୍କ ସମେତ ସମସ୍ତ ଗାଁର ମୁରବି ତଥା, ସାମ୍ବାଦିକ ସଂଘ ଉପସ୍ଥିତ ଥିଲେ ।

## ମହାନଦୀରେ ବୁଡ଼ି ନାବାଳକ ମୃତ

**ବୌଦ୍ଧ, ୧।୩(ଅଜିତ କୁମାର ବାରିକ)**

ବୌଦ୍ଧ ମହାନଦୀ କୁଳିପଡା ଘାଟରେ ରବିବାର ଗାଧୋଇବାବେଳେ ଜଣେ ନାବାଳକ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସୁଦସାହିର ଆଦିତ୍ୟ ଭଞ୍ଜ । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ସୁଦସାହିର ଆଦିତ୍ୟ ରବିବାର ମହାନଦୀର କୁଳିପଡା ଘାଟକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ହଠାତ୍ ପାଣି ବୁଡି ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାଇପଲାକୁ ହରାଇ ଢେଙ୍କିମୁଣ୍ଡା ଚାମ୍ପିୟନ

### ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ପାଇକମାଳ, ୧।୩(ବଢ଼ ଶତପଥୀ)**

ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୬ଷ୍ଠ ଜୟ ବୁଢ଼ାରଜା କ୍ରିକେଟ କପ ରବିବାର ଉଦ୍ଯାପିତ ହୋଇଯାଇଛି। ରବିବାର ଦୁଇଟି ସେମିଫାଇନାଲ ସମେତ ଫାଇନାଲ ମ୍ୟାଚ ଖେଳାଯାଇଛି। ପ୍ରଥମ ସେମିଫାଇନାଲରେ ଛିନପାଣିକୁ ହରାଇ ସାଇପଲା ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଭୂତମୁଣ୍ଡାକୁ ହରାଇ ଢେଙ୍କିମୁଣ୍ଡା ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଢେଙ୍କିମୁଣ୍ଡା ଓ ସାଇପଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଢେଙ୍କିମୁଣ୍ଡା ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା। ନେପାଳ ମାଝୀ ଓ ହେମାନନ୍ଦ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଯଦୁମଣି ମାଝୀ ସ୍କୋରର ଥିବା ବେଳେ କୈଳାସ ମାଝୀ ଓ ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ଅତିଥି ଭାବେ ଗ୍ରାମ୍ୟ କମିଟି ସଦସ୍ୟ ଜଗଦୀଶ ନାୟକ, ଲବ ପଟେଲ, ଭଗବାନ ମାଝୀ, ଲଳିତ ଜଗତ, ଫିରୋଜ ମହମ୍ମଦ, ମନ୍ମଥ ମହାନ୍ତି, ଭୋଜରାଜ ପଟେଲ, ଅଜିତ ପ୍ରଧାନ, ମିହିର ମହାନ୍ତି, ବିହାରୀ ପଟେଲ, ବାଳମୁକୁନ୍ଦ ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ଅମୀୟ ପ୍ରଧାନ, ଆଶିଷ ପ୍ରଧାନ, ଯଦୁମଣି ମାଝୀ, ଚକ୍ରଧର ପ୍ରଧାନ, ସାର୍ଥକ ମହାନ୍ତି, ହେମନ୍ତ ମାଝୀ, ଭରତ ଧରୁଆ, ସରକୁ ବାରିକ, ଦିଲ୍ଲୀପ ବଢେଇ, ନୂତନ ନାଗ ସମେତ କ୍ଲବର କର୍ମକର୍ତ୍ତାମାନେ ପରିଚାଳନା ସହଯୋଗ କରିଥିବା ବେଳେ ଶେଷରେ ଅଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

## ପୁରୁଣା ପାଠାଗାରକୁ ଭାଙ୍ଗିଲା ପ୍ରଶାସନ

**ବରଗଡ଼, ୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ଅଧୀନରେ ରହିଥିବା ସ୍ଥାନୀୟ ସରକାରୀ ଡାକ୍ତରଖାନା ସମ୍ମୁଖସ୍ଥ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାର ଜମିକୁ ଗତ ୧୮ତାରିଖ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ସ୍ଥାନରେ ଏକ ପାଠାଗାର କିମ୍ବା ସର୍ବସାଧାରଣଙ୍କ ସୁବିଧାରେ ଲାଗୁଥିବା ଅନୁଷ୍ଠାନ ତିଆରି କରି ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ବରଗଡ଼ ପୌର ପରିଷଦକୁ ଦିଆଯିବା ଏବଂ ନୂତନ ଭବନକୁ ବାଲୁଙ୍କୀ ଦାଶଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ନାମରେ ନାମିତ କରାଯିବା ପାଇଁ ଅଗ୍ରଗାମୀ ଯୁବକ ସଂଘ ଜିଲାପାଳଙ୍କୁ ନିବେଦନ କରିଥିଲା। ତେବେ ଅବ୍ୟବହୃତ ଭାବେ ଦୀର୍ଘବର୍ଷ ଧରି ପଡ଼ି ରହିଥିବା ସେହି ପାଠାଗାରକୁ ପ୍ରଶାସନ ଭାଙ୍ଗି ଦେଇଛି। ତେବେ ସେହି ସ୍ଥାନକୁ ଜନ ହିତରେ ପ୍ରଶାସନ କିଭଳି ଉପଯୋଗ କରିବ, ସେଥିପ୍ରତି ଏବେ ସଭିଙ୍କ ନଜର ରହିଛି।


ବାଲୁଙ୍କୀ ଦାଶ ସ୍ମୃତି ପାଠାଗାରକୁ ଭଙ୍ଗା ଯାଉଛି।

ସୂଚନା ମୁତାବକ, ୧୯୪୬ରେ ତତ୍କାଳୀନ ବରଗଡ଼ର ଭଦ୍ରବ୍ୟକ୍ତିମାନେ ସହରରେ ଏକ ପାଠାଗାରର ଆବଶ୍ୟକତା ଅନୁଭବ କରି ମାଫିଦାର ଏବଂ ଗୌନ୍ତିଆମାନଙ୍କୁ ଜଣାଇବାରୁ ସେମାନେ ସ୍ଥାନୀୟ ସରକାରୀ ଡାକ୍ତରଖାନା ସମ୍ମୁଖସ୍ଥ ଉକ୍ତ ୮ ଡେସିମିଲ ଜମିଦାନ କରିଥିଲେ ଏବଂ ସେଠାରେ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାର ନିର୍ମିତ ହୋଇଥିଲା। ଏହା ପାର୍ଶ୍ୱସ୍ଥ ଜମିକୁ ଭଡ଼ା ଦିଆଯାଇ ସେଥିରେ ପାଠାଗାର ରକ୍ଷଣାବେକ୍ଷଣ ହେଉଥିଲା। ପରବର୍ତ୍ତୀ ସମୟରେ ସହରର ଯୁବକମାନେ ଅଗ୍ରଗାମୀ ଯୁବକ ସଂଘ ଗଠନ କରି ସେହି ଭବନରେ ଏକତ୍ରିତ ହେଉଥିଲେ। ୧୯୭୫ରେ ଅଗ୍ରଗାମୀ ଯୁବକ ସଂଘର ନିଜସ୍ୱ ଭବନ ସ୍ଥାପନ ହେବା ପରେ ସେଠାରେ ଯୁବକ ସଂଘ ତରଫରୁ ବାଲୁଙ୍କୀ ଦାଶ ସ୍ମୃତି ପାଠାଗାରକୁ ନିୟମିତ ପରିଚାଳନା କରାଯାଉଥିଲା। କାଳକ୍ରମେ ଉକ୍ତ ଭବନଟି ମରାମତି ଅଭାବରୁ ବିପଦସଙ୍କୁଳ ଅବସ୍ଥାକୁ ଆସିଯିବାରୁ ୨୦୧୦ରୁ ସେଠାରେ ଆଉ ପାଠାଗାର ଚାଲୁ ନ ଥିଲା। ଉକ୍ତ ଭବନର ପୁନରୁଦ୍ଧାର କିମ୍ବା ପୁନଃ ନିର୍ମାଣ ପାଇଁ ଯୁବକ ସଂଘର ଆର୍ଥିକ ସମ୍ବଳ ନ ଥିଲା। ସହରର ବିଭିନ୍ନ ଅନୁଷ୍ଠାନ, ଭଦ୍ରବ୍ୟକ୍ତି, ତଥା ଗୌନ୍ତିଆ ଏବଂ ମାଫିଦାରମାନଙ୍କ ବଂଶଧରଙ୍କ ସହ ପରାମର୍ଶ ପରେ ଉକ୍ତ ସ୍ଥାନଟିକୁ ଜନ କଲ୍ୟାଣ ଲାଗି ଜିଲା ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘର ସଭାପତି ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଥିଲେ ଏବଂ ପାଠାଗାର ଜମି ଦାନ ନେଇ ସମ୍ମତିପତ୍ର ପ୍ରଦାନ କରିଥିଲେ।

# ଏଆଇ ଅଧିକ ସରଳ, ସୁଦୂରପ୍ରସାରୀ ହେବା ଦରକାର

## ଅନ୍ତର୍ଜାତୀୟ ଏଆଇ ସମ୍ମିଳନୀରେ ମତପ୍ରକାଶ



ପାନ୍ଥନିବାସରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୧।୩(ସଙ୍ଗୀତା ଜେନା)

ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସରଳୀକରଣରେ ଆର୍ଟିଫିସିଆଲ୍ ଇଣ୍ଟିଲିଜେନ୍ସ (ଏଆଇ) ପ୍ରମୁଖ ସହାୟକ ହୋଇଛି। ଚିକିତ୍ସା, ସଙ୍ଗୀତ, କୃଷି, ଖାଦ୍ୟ, ଶିକ୍ଷା ସମେତ ପ୍ରାୟ ସବୁକ୍ଷେତ୍ରରେ ଏହାର ସହଭାଗିତା ରହୁଛି। କାର୍ଯ୍ୟରେ ପାରଦର୍ଶିତା, ରେକର୍ଡ ସଂଗ୍ରହ ବଜାୟ ରଖାଯାଉଛି। ଇଞ୍ଜିନିୟରିଂ ଓ ପ୍ରଯୁକ୍ତି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରୁଛି। ଏଆଇ, ମେଶନ୍ ଲର୍ନିଂକୁ ଲୋକ ଆଦୃତ କରିବାର ଆବଶ୍ୟକତା ରହିଛି। ସ୍ମାର୍ଟ ଫୋନ୍ ହେଉ ଅବା କୌଣସି କ୍ଷେତ୍ରରେ ସାଧାରଣ ଲୋକଙ୍କ କାମରେ ଲାଗିବା ପାଇଁ ଏଆଇକୁ ଅଧିକ ସରଳ, ସୁଦୂରପ୍ରସାରୀ କରିବା ଦରକାର। ସେକ୍ଟର-୫ସ୍ଥିତ ପାନ୍ଥନିବାସରେ କଳୁଙ୍ଗାର ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆର୍‌ଆଇଟି) ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାଶନାଲ କନଫରେନ୍ସ ଅନ୍ ଇଣ୍ଟେଲିଜେଣ୍ଟ କମ୍ପ୍ୟୁଟିଂ, ନେଟ୍‌ୱର୍କ, ଡାଟା ଆନାଲିଟିକ୍ ଆଣ୍ଡ୍ ସଷ୍ଟେନେବଲ ଇଞ୍ଜିନିୟରିଂ ରିସର୍ଚ୍ଚ (ଆଇସିଆଇସିଏନ୍ ଡିଏ-ଏସ୍‌ଇଆର୍‌ଏସ୍)ର ଦ୍ୱିଦିବସୀୟ କାର୍ଯ୍ୟକ୍ରମରେ ଅତିଥି ବକ୍ତାମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଗତ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉଭୟ ଅନଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ଅତିଥିମାନେ ଯୋଗ ଦେଇଥିଲେ। ଆର୍‌ଆଇଟି ଅଧ୍ୟକ୍ଷା ରଶ୍ମିତା ଟେଟେ ଓ ଉପାଧ୍ୟକ୍ଷା ପ୍ରଫେସର ଡ. ଇପ୍ସିତା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଆଇ ସମ୍ପର୍କିତ ଦଳଗତ ଆଲୋଚନାଚକ୍ରରେ ଏନ୍‌ଆଇଟି ରାଉରକେଲାର କେମିକାଲ୍ ଇଞ୍ଜିନିୟରିଂର ଆସୋସିଏଟ୍ ପ୍ରଫେସର ହରମୋହନ ଜେନା, ଏନ୍‌ଆଇଟି ଏଫ୍‌ଟିବିଆଇର ଅଧ୍ୟକ୍ଷ ସୁବ୍ରତ ପଣ୍ଡା, ବିଏସ୍‌ଏନ୍‌ଏଲ୍ ଏସଡ଼ିଇ ସଞ୍ଜୀତ ରାଓ ଡୋରା, ଏଫ୍‌ଟିବିଆଇ ସିଇଓ ଚିରଞ୍ଜୀବୀ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଲୋଚନା ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିଲା। ଏଫ୍‌ଟିବିଆଇ ସିଇଓ ସାମଲ ଷ୍ଟାର୍ଟଅପ୍ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହ ଉଦ୍ୟୋଗ ପ୍ରତି ସଂଯୁକ୍ତ ହେବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ପରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ବିବେକ କୁମାର ଓ ପଵନ ତିୱାରୀ ଓ ୱାରାଙ୍ଗଲ୍ ଏସ୍. ଆର୍ ବିଶ୍ୱବିଦ୍ୟାଳୟର ଆକାଶ ମିଶ୍ରଙ୍କୁ ଶ୍ରେଷ୍ଠ ଉପସ୍ଥାପନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ୧୦ରୁ ଊର୍ଦ୍ଧ୍ୱ ପେପର ଓ ପୋଷ୍ଟର ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସପାଲ ନିବେଦିତା ନନ୍ଦଙ୍କ ସମେତ ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଶାନ୍ତିଶୃଙ୍ଖଳା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ

## ଆମ ପୋଲିସ ବୈଠକ

ରାଉରକେଲା,୧।୩(ଦିନେଶ ମିଶ୍ର)

ସେକ୍ଟର-୩ ଥାନା ପରିସରରେ ଆମ ପୋଲିସ ବୈଠକ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ଆଇ ରବୀନ୍ଦ୍ର କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ସେକ୍ଟର-୩ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ହେଲେ ସମସ୍ତଙ୍କ ସହାୟତା ଜରୁରୀ ବୋଲି ଭୋଇ କହିଥିଲେ। ବୈଠକରେ ଚୋରି, ଦ୍ରୁତ ଗାଡି ଚାଳନା କରୁଥିବା ଚାଳକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ନାଇଟ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିଲେ। ଆଗକୁ ବାସନ୍ତୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନେଇ ବିଚାରବିମର୍ଶ ହୋଇଥିଲା। ସେକ୍ଟର-୧ ଅଞ୍ଚଳରେ ଥିବା ଏଚ୍ ବ୍ଲକ ପାର୍କରେ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଏହାକୁ ରୋକିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ଆମ ପୋଲିସ ସଦସ୍ୟ ସଞ୍ଜୀବ ନାୟକ, ପି. ସି. ପାତ୍ର, ଇନ୍ଦୁମତୀ କିଷାନ, ବାସନ୍ତୀ ପରିଷଦ ସଭାପତି ରାମଚନ୍ଦ୍ର ଗୌଡଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବାସୁଦେବପୁର ଜନକଲ୍ୟାଣ ପରିଷଦର ରଜତ ଜୟନ୍ତୀ



ରୌପ୍ୟ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ରାଉରକେଲା,୧।୩ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ ସ୍ଥିତ ମଧୁ ମଣ୍ଡପରେ ରବିବାର ବାସୁଦେବପୁର ଜନକଲ୍ୟାଣ ପରିଷଦର ରୌପ୍ୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଡା. ରବିନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଓ ଐତିହାସିକ ତଥା ଗବେଷକ ଡକ୍ଟର ଅଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଭଦ୍ରକ ଜିଲା ବାସୁଦେବପୁରର ଐତିହ୍ୟ କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଭାରତବର୍ଷର ଇତିହାସ ଏବଂ ସଂସ୍କୃତିରେ ଏକ ସ୍ୱତନ୍ତ୍ର ତଥା ଗୌରବମୟ ସ୍ଥାନ ଅଧିକାର କରିଛି। ବାସୁଦେବପୁରର ନାମ ନେଲେ ପ୍ରଥମେ ମନକୁ ଆସେ ରକ୍ତତୀର୍ଥ ଇରମ୍‌ର କଥା। ବାସୁଦେବପୁର ଅଞ୍ଚଳ ଓଡ଼ିଆ ସାହିତ୍ୟକୁ ଅନେକ ମୂଲ୍ୟବାନ ରତ୍ନ ପ୍ରଦାନ କରିଛି, ଯେଉଁଥିରେ ସ୍ୱାଧୀନତା ସମୟର ଜାତୀୟତାବାଦୀ ଚେତନା ଭରି ରହିଛି ବୋଲି ସେମାନେ କହିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଉଦୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦସ୍ୟା ସସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ବେଳାଭୂମି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଉଜ୍ୱଳ ପ୍ରଦୀପ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।




ବୋତଲରେ ପେଟ୍ରୋଲ ବିକ୍ରି ମନା ଥିବାରୁ ରାଉରକେଲାର ଏକ ପମ୍ପରେ ଜଣେ ଲୋକ ନିଜ ସ୍କୁଟିରେ ଆଣିଥିବା ବୁଲେଟ୍ ଟାଙ୍କିରେ ତେଲ ଭର୍ତ୍ତି କରୁଛନ୍ତି।

# ଓଡ଼ିଆ ଶ୍ରୁତଲିଖନ ପ୍ରତିଯୋଗିତା, ଭାଗନେଲେ ୬୦ ଛାତ୍ରୀଛାତ୍ର

ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)




ପ୍ରତିଯୋଗିତାରେ ଉପସ୍ଥିତ ଅତିଥିଗଣ।

ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ଶବ୍ଦଲିଖନ, ଶୁଦ୍ଧ ପଠନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସେବାବିରତ ଶିକ୍ଷକ ତଥା କବି ଡଃ ନିଶିକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁ ସାହିତ୍ୟିକ ତଥା ଲେଖକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶ୍ରମର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଏଭଳି ପ୍ରତିଯୋଗିତା ଯୋଗୁ ଓଡ଼ିଆ ଭାଷା ସାହିତ୍ୟର ଗୌରବ ବୃଦ୍ଧି ପାଇବ ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଓ ବୈଦିକ ବିଦ୍ୱାନ ଶରତ କୁମାର ଦେହୁରୀ ପିଲାମାନଙ୍କୁ ନୀତି ଉପଦେଶ ଦେଇଥିଲେ। ବରିଷ୍ଠ ଶିଶୁ ସାହିତ୍ୟିକ ସତ୍ୟବ୍ରତ ଦାସ ପ୍ରାଥମିକ ସ୍ତରରୁ ପିଲାମାନଙ୍କ ମନରେ ଭାଷାପ୍ରୀତି ଜାଗ୍ରତ କରାଇଲେ ଆଗାମୀ ପିଢିକୁ ଦିଗ୍‌ଦର୍ଶନ ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଭାଷା ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ। ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷିତ କରାଇଲେ ଆମ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ସମୃଦ୍ଧ ହେବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଆରତି ଦାଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବବିତା ସାହୁ, ସଞ୍ଜୁଲତା ମହାପାତ୍ର, ପୁଷ୍ପାଞ୍ଜଳି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଲାଠିକଟା ବ୍ଲକ୍ ଅଧୀନ ବିଭିନ୍ନ ସ୍କୁଲର ୬୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ରାଉରକେଲା,୧।୩(ଦିନେଶ ମିଶ୍ର)

ସେକ୍ଟର-୭ସ୍ଥିତ ପ୍ରଗତି ଉତ୍କଳ ସଂଘ ପରିସରରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୧୪୨ତମ ଶ୍ରାଦ୍ଧ ବାର୍ଷିକୀ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଫେସର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ବୈପ୍ଳବିକ ଅନୁଚିନ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବର୍ତ୍ତମାନର ଯୁବପିଢ଼ିଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ତଥା ସମାଜ ଗଠନରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ଭାରତ ଭୂଷଣ ମହାନ୍ତି, ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକାରୀ ସଦସ୍ୟା ରଶ୍ମି ସାହୁ ସଭା ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଚ୍ଚନା ପାତ୍ର ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଶିବିରରେ ପ୍ରମାଣପତ୍ର ସହିତ ଛାତ୍ରୀଗଣ।

ରାଉରକେଲା,୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଗତ ୧୯ତାରିଖରୁ ଚାଲିଥିବା ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପ୍ରଶିକ୍ଷିକା ଜୟା ସିଂ, ନିକି କୁଶ୍ୱାହା, ଦୁଲାରୀ ମୁଣ୍ଡାରୀ ଏବଂ ରିତିକା ମହତୋ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଉପରେ ତାଲିମ ଦେଇଥିଲେ। ମହାବିଦ୍ୟାଳୟର ସେଲ୍‌ଫ ଡିଫେନ୍ସ କ୍ଲବର କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ରୋଜି ମଲ୍ଲିକ ଏବଂ ବବିତା ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଇପ୍‌ସିବା ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନେଇ ସମ୍ପୂର୍ଣ୍ଣ ଶସକ୍ତ ହେବାକୁ ପରାମର୍ଶ ଦେଇଥିଲେ। ପରେ ମହାବିଦ୍ୟାଳୟର ପ୍ରଶାସନିକ ବିଭାଗ ମୁଖ୍ୟ ଡ. ମାନସ କୁମାର ବେହେରା, ଶିକ୍ଷା ବିଭାଗ ମୁଖ୍ୟ ପ୍ରକାଶ ସୁରୀନ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

# ଅବସରପ୍ରାପ୍ତ ପ୍ରାଧ୍ୟାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଉରକେଲା,୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତନଗରସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟ ସଭାଗୃହରେ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ବିଜୟଲକ୍ଷ୍ମୀ ଦେଓ ଅବସର ନେଉଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶଙ୍କ ସଭାପତିତ୍ୱ କରି ଦେଓଙ୍କ ମହାବିଦ୍ୟାଳୟ ପ୍ରତି ରହିଥିବା ଅବଦାନର ସ୍ମୃତିଚାରଣ କରିଥିଲେ। ପରେ ଅଧ୍ୟାପିକା ରୋମା ସାହୁ, ଅର୍ପିତା ମହାପାତ୍ର, ଅଧ୍ୟାପକ ବିଜୟ କୁମାର ପାଢୀ, ଗୋଲକ ବିହାରୀ ଦଳ ବେହେରା, ରଶ୍ମିଜା ଖାତୁନ, ଡକ୍ଟର ଦିବ୍ୟାକାନ୍ତି ବିଲୁଙ୍ଗ, ମମତାରାଣୀ ଚାନ୍ଦ, ମହାଶ୍ୱେତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଦୀପ୍ତି ରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ବୈଦେହୀ ମାଝୀ, ସ୍ମୃତି ସ୍ୱରୂପା ରାଉତରାୟ ସହଯୋଗ କରିଥିଲେ। ଅଧ୍ୟାପିକା ଅପର୍ଣ୍ଣା ଧର ମାନପତ୍ର ପଠନ ଓ ଅଧ୍ୟାପକ ବିଜୟ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ପିଏସ୍‌ବି ଆନ୍ତଃ-ଷ୍ଟିଲ୍ ବାସ୍କେଟବଲ ଚାମ୍ପିୟନଶିପ୍ ଆରମ୍ଭ

ରାଉରକେଲା,୧।୩ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ଆୟୋଜିତ ଷ୍ଟିଲ୍ ପ୍ଲାଣ୍ଟ ସ୍ପୋର୍ଟସ ବୋର୍ଡ ଆନ୍ତଃ-ଷ୍ଟିଲ୍ ବାସ୍କେଟବଲ୍ ଚାମ୍ପିୟନଶିପ୍ ସେକ୍ଟର-୬ସ୍ଥିତ ଇସ୍ପାତ ବାସ୍କେଟବଲ କମ୍ପ୍ଲେକ୍ସରେ ଆରମ୍ଭ ହୋଇଛି। ଆଭ୍ୟନ୍ତରୀଣ ଅଡିଟ୍ ବିଭାଗର ସିଜିଏମ ଜି. ଏସ୍. ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି. କେ. ଜୋଜୋ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଉଦୀୟମାନ ଖେଳାଳିମାନଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବା ସହ ଦଳଗତ କାର୍ଯ୍ୟ ଏବଂ କ୍ରୀଡା ବିନିମୟକୁ ପ୍ରୋତ୍ସାହିତ କରେ ବୋଲି ସିଜିଏମ୍ ଦାସ ମତବ୍ୟକ୍ତ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ଆୟୋଜକ ଆର୍‌ଏସ୍‌ପି ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ଟାଟା ଷ୍ଟିଲ୍, ଜେଏସ୍‌ଡବ୍ଲ୍ୟୁ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆର୍‌ଏସ୍‌ପି ଦଳ ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ ଦଳକୁ ୯୩-୮୯ ପଏଣ୍ଟରେ ପରାସ୍ତ କରିଥିଲା। ଟାଟା ଷ୍ଟିଲ୍ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ଜେଏସ୍‌ଡବ୍ଲ୍ୟୁ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଆର.ଏନ. ପାଢୀ ଉଦଘାଟନୀ ଅଧିବେଶନ ସଂଯୋଜନା କରିଥିଲେ। କ୍ରୀଡା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ବୁଧୁ ସିଂ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ଆବଶ୍ୟକତାଠୁ ଅଧିକ ମାଇନିଂ ଉତ୍ତୋଳନ ପାପ ସଦୃଶ: ପ୍ରଫୁଲ୍ଲ ସାମନ୍ତରା

## ରାଉରକେଲାରେ ଲୋକ ଅଧିକାର ଯାତ୍ରା

ରାଉରକେଲା, ୧।୩(ସଙ୍ଗୀତା ଜେନା)




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ବାହାରିଥିବା ଲୋକ ଅଧିକାର ଯାତ୍ରା ରବିବାର ଅପରାହ୍ନ ୪ଟାରେ ରାଉରକେଲାରେ ପହଞ୍ଚିଛି। ଏହି ଯାତ୍ରାକୁ ଗାଙ୍ଗପୁର ମଜଦୁର ୟୁନିୟନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଯାତ୍ରାର ନେତୃତ୍ୱ ନେଉଥିବା ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଲେ, ବର୍ତ୍ତମାନ ସମୟରେ ଓଡ଼ିଶାରେ ଚାଲିଥିବା ଅବିଚାରିତ ମାଇନିଂର ଆମେ ବିରୋଧ କରୁଛୁ। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଯେତିକି ମାଇନିଂର ଆବଶ୍ୟକତା ରହିଛି, ତାହାଠାରୁ ଅଧିକ ଉତ୍ତୋଳନ ପାପ ସଦୃଶ। ପୂର୍ବରୁ ଯେତିକି ଖଣି ଖୋଳିବାକୁ ଅନୁମତି ଦିଆଯାଇଛି, ସେତିକି ଉତ୍ତୋଳନ ସାରିବା ପୂର୍ବରୁ ପୁଣି ଖଣି ଲିଜ୍ ଦିଆଯାଇ ଲୁହାପଥରଠାରୁ ଆରମ୍ଭ କରି କୋଇଲା, କ୍ରୋମ୍, ମାଙ୍ଗାନିଜ, ବକ୍ସାଇଟ ସବୁ କିଛି ଖଣି କର୍ପୋରେଟମାନଙ୍କ ହାତରେ ଟେକି ଦିଆଯାଉଛି। ଏବେ ପୁଣି ୪୯ଟି ଖଣି କମ୍ପାନୀମାନଙ୍କୁ ଦେବା ପାଇଁ ସ୍ଥିର ହୋଇଥିବା ଜଣାପଡ଼ିଛି। ଯଦି ଏଭଳି କରାଯାଏ ତେବେ ୨୦୩୬ ବେଳକୁ ଯେତେବେଳେ ଓଡ଼ିଶାକୁ ଶହେ ବର୍ଷ ପୂରିବ, ଆମ ରାଜ୍ୟରେ ଏୟାରପୋର୍ଟ ଥିବ, ଆଠ ଥାକିଆ ରୋଡ୍ ଥିବ, ହେଲେ ଜଳ, ଜଙ୍ଗଲ, ଜମି ପ୍ରାକୃତିକ ସମ୍ପଦ ଶେଷ ହୋଇ ରାଜ୍ୟର ଅର୍ଦ୍ଧାଧିକ ଅଞ୍ଚଳ ମରୁଭୂମି ପାଲଟି ଯାଇଥିବ। ସୁନ୍ଦରଗଡ଼ ଜିଲାର ବରସୁଆଁ ଅଞ୍ଚଳରେ ଦୁମାଳ ଗାଁରେ କମ୍ପାନୀ କୁରାଡ଼ି ନାଳ ଜଳ ସ୍ରୋତକୁ ରୋକି ନିଜ ବ୍ୟବହାରରେ ଲଗାଇଛି। ଖଣ୍ଡାଧାର ଜଳପ୍ରପାତର ଧାରାକୁ ରୋକି କମ୍ପାନୀ ପାଣି ନେଉଛି ବୋଲି ସାମନ୍ତରା କହିଥିଲେ। ଗାନ୍ଧୀବାଦୀ ନେତା ତଥା ଯାତ୍ରାର ସଂଯୋଜକ ଡା. ବିଶ୍ୱଜିତଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ବୀରମିତ୍ରପୁର ବିଧାୟକ ରୋହିତ ଜୋଶେଫ ତିର୍କୀ କହିଲେ, ପରିବେଶ ପ୍ରକୃତିର ଅବିଚାରିତ ଲୁଟ୍ ବନ୍ଦ ନ ହେଲେ ଆଦିବାସୀ ବନବାସୀମାନେ ଉଦ୍‌ବାସ୍ତୁ ହୋଇଯିବେ। ଏ ବାବଦରେ ସେ ବିଧାନସଭାରେ ପ୍ରଶ୍ନ କରିବେ ବୋଲି କହିଥିଲେ। ଅଭିଯାତ୍ରୀ ଦଳରେ ରହିଥିବା ସର୍ବେଶ୍ୱର ସାହୁ, ସୁଶାନ୍ତ ମହାନ୍ତି, ଲକ୍ଷ୍ମଣ ନାୟକ, ରାଜକିଶୋର ସୁନାନୀ, ସୁକାନ୍ତ ପ୍ରଧାନ, ବିଜୟ ସିଂଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ଲୋକ ଅଧିକାର ଯାତ୍ରା ଲାଞ୍ଜିବେର୍ଣ୍ଣା ଅଭିମୁଖେ ଯାଇଥିଲା।

## ସଂକ୍ଷେପରେ

### ବୁର୍ଲା ବ୍ରାହ୍ମଣ ସମାଜର ମାସିକ ବୈଠକ

ସମ୍ବଲପୁର, ୧।୩(ପ୍ରମୋଦ ବହିଦାର)

ବୁର୍ଲା ନୃସିଂହ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିମ୍‌ସାରର ପୂର୍ବତନ ପ୍ରଫେସର ଡା. ରାଶେଶ୍ୱରୀ ପାଣିଗ୍ରାହୀ ଓ ବ୍ରାହ୍ମଣ ସମାଜର ସକ୍ରିୟ ସଦସ୍ୟ ଟୁଲୁ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାବାଦ ଚଳିତ ବର୍ଷ ସମ୍ବଲପୁର ଜିଲାରେ ନୂତନ ଭାବେ ସରକାରୀ ଓକିଲ ନିଯୁକ୍ତ ହୋଇଥିବା ବୁର୍ଲାର ପ୍ରସନ୍ନ କୁମାର ସାହୁ, ଆଶୁତୋଷ ବିଶି, ମୁକୁଲ୍ ଦାଶ୍, ଆଶିଷ ପଟ୍ଟନାୟକ, ନମ୍ରସ୍ କାନ୍ତ ପଟ୍ଟନାୟକ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ବ୍ରାହ୍ମଣ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମାଜ ସଭାପତି ଯୁଧିଷ୍ଠିର ପତିଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁନିଲ୍ ଆଚାର୍ଯ୍ୟଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମାର୍ଗଦର୍ଶକ ଉପଦେଷ୍ଟା ପ୍ରଫେସର ସାଧୁଚରଣ ପଣ୍ଡା, ଉପସଭାପତି ଇଂ. ଦୀନଦୟାଲ ଶର୍ମା ଉପସ୍ଥିତ ଥିଲେ। ଅନୁଷ୍ଠାନ କୋଷାଧ୍ୟକ୍ଷ ହରିଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ମଞ୍ଚ ଅଭିନେତା ଶାଶ୍ୱତ ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୧।୩(ବି.ଶଙ୍କର)

ବିଶିଷ୍ଟ ମଞ୍ଚ ଅଭିନେତା ଶାଶ୍ୱତ ପୂଜାରୀଙ୍କୁ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ରବିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଗୁଡେଶ୍ୱର ମନ୍ଦିର ନିକଟରେ ଶୋକସଭା ଆୟୋଜିତ ହୋଇଥିଲା । ପରିଷଦ ସଭାପତି ଡ. ସୁରୁବାବୁ ମେହେର ଏଥିରେ ଅଧକ୍ଷତା କରିଥିଲେ। ଏହି ସଭାରେ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା, ସହସମ୍ପାଦକ ବିରୂପାକ୍ଷ ପ୍ରଧାନ, ପ୍ରଶାନ୍ତ ମହାରଣା, ସୂର୍ଯ୍ୟ ପାଣିଗ୍ରାହୀ, ଦେବାର୍ଚ୍ଚନ ଠାକୁର, ଅଶୋକ କୁମାର ମିଶ୍ର ପ୍ରମୁଖ ସଦସ୍ୟ ସ୍ୱର୍ଗତ ପୂଜାରୀଙ୍କ ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ତାଙ୍କର ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା ।

### ରଘୁନାଥ ଜୀଉ ମନ୍ଦିରର ରତ୍ନମୁଦ ଉତ୍ସବ

ନାକଟିଦେଉଳ, ୧।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଗ୍ରାମରେ ରହିଥିବା ବହୁ ପୁରାତନ ଶ୍ରୀ ରଘୁନାଥ ଜୀଉ ମନ୍ଦିର ନୂତନ ମନ୍ଦିରର ରତ୍ନମୁଦ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମସ୍ଥଳରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ । ଗ୍ରାମର ଦୁର୍ଯ୍ୟୋଧନ ସାହୁ ଏବଂ ଜୟନ୍ତୀ ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ନାମ ସଂକୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା।

# ଆତ୍ମବିଶ୍ୱାସ, ପେସାଦାର ଆଭିମୁଖ୍ୟକୁ ଗୁରୁତ୍ୱ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ପବ୍ଲିକ ପ୍ରସିକ୍ୟୁଟରମାନେ।

**ପବ୍ଲିକ ପ୍ରସିକ୍ୟୁଟରଙ୍କ ଇଣ୍ଡକ୍ସନ ପ୍ରଶିକ୍ଷଣ ଶିବିର**

ସମ୍ବଲପୁର, ୧।୩(ପ୍ରମୋଦ ବହିଦାର)

ନୂତନ ଆପରାଧିକ ଆଇନ ଅନୁସାରେ ଦାୟିତ୍ୱ ପାଳନ କରିବା ସମୟରେ ପ୍ରତ୍ୟେକ ପବ୍ଲିକ ପ୍ରସିକ୍ୟୁଟର(ପିପି)ଙ୍କୁ ଆତ୍ମବିଶ୍ୱାସ, ଶିଷ୍ଟାଚାର ତଥା ପେସାଦାର ଆଭିମୁଖ୍ୟ ଅବଲମ୍ବନ କରିବା ଆବଶ୍ୟକ। ସମ୍ବଲପୁରଠାରେ ଆୟୋଜିତ ନନକ୍ୟାଡର ପିପିଙ୍କ ଦୁଇଦିନିଆ ଇଣ୍ଡକ୍ସନ ଓ ରିଫ୍ରେଶର୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ଏସ୍‌ପି ମୁକେଶ କୁମାର ଭାମୁ ଏହା କହିଛନ୍ତି। ସ୍ଥାନୀୟ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନବନିଯୁକ୍ତ ପିପିଙ୍କ ସହିତ କାର୍ଯ୍ୟରତ ପ୍ରସିକ୍ୟୁଟରମାନଙ୍କର ବୃତ୍ତିଗତ କୁଶଳତା ବୃଦ୍ଧି, ନୂତନ ଆପରାଧିକ ଆଇନ ବିଷୟରେ ଗଭୀର ଜ୍ଞାନ ଆହରଣ ଏବଂ ତଦନ୍ତ ଓ ଅଭିଯୋଗ ପକ୍ଷରେ ସୁଦୃଢ଼ ସମନ୍ୱୟ ସ୍ଥାପନ କରିବା ଏହି ପ୍ରଶିକ୍ଷଣ ଶିବରର ଲକ୍ଷ୍ୟ। ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଏବଂ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ଶିବିରରେ ପ୍ରଥମ ଦିନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ରେ ହୋଇଥିବା ପ୍ରମୁଖ ପରିବର୍ତ୍ତନ ତଥା ପିପିମାନଙ୍କ ଭୂମିକା, ସ୍କ୍ରୁଟିନି ସମୟସୀମା, ପୁରୁଣା ଓ ନୂତନ ଆଇନର ତୁଳନାତ୍ମକ ବିଶ୍ଳେଷଣ, ପୀଡ଼ିତମୁଖୀ ପ୍ରାବଧାନ ଓ ଜାମିନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଶେଷରେ ମୁକ୍ତ ଆଲୋଚନା ଓ ପ୍ରଶ୍ନୋତ୍ତର ସତ୍ର ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିନରେ ଇଲେକ୍ଟ୍ରୋନିକ୍ ସାକ୍ଷ୍ୟ ପ୍ରବନ୍ଧନ(ବିଏସ୍ଏ), ଫରେନସିକ୍ ସାକ୍ଷ୍ୟ, ମେଡିକାଲ୍ ସାକ୍ଷ୍ୟ, ପରୀକ୍ଷା ଓ ପ୍ରତିପରୀକ୍ଷା ପ୍ରଣାଳୀ, ନୂତନ ଆପରାଧିକ ବ୍ୟବସ୍ଥାରେ ଟ୍ରାୟାଲ୍ ମ୍ୟାନେଜମେଣ୍ଟ, ପ୍ରଭାବଶାଳୀ ଫାଇନାଲ୍ ଆର୍ଗୁମେଣ୍ଟ ପ୍ରସ୍ତୁତି ଏବଂ ଇ-ପ୍ରୋସକ୍ୟୁଶନ୍ ଓ ଆସିଜେଏସ୍ ପ୍ଲାଟଫର୍ମ ବିଷୟରେ ପ୍ରସିକ୍ୟୁଟରଙ୍କୁ ମାର୍ଗଦର୍ଶନ ଦିଆଯାଇଥିଲା।

## ଗୁଣ୍ଡିଖାଇ ପାଇଁ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପ୍ରସ୍ତୁତି



ମନ୍ଦିରରେ ଗୁଣ୍ଡିଖାଇ ପାଇଁ ନୂଆଫଳ ପ୍ରଦାନ କରାଯାଉଛି।

ସମ୍ବଲପୁର, ୧।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଦାନୀପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଫାଲଗୁନ ପୂର୍ଣ୍ଣିମା ଗୁଣ୍ଡିଖାଇ ପର୍ବ ପାଳନ ପାଇଁ ରବିବାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଗୁଣ୍ଡିଖାଇ ଦିନ ନୂଆଫଳ ପ୍ରଥମେ ରଣେଶ୍ୱର ରାମଚଣ୍ଡୀଙ୍କୁ ଅର୍ପଣ କରାଯାଏ। ଏଥିପାଇଁ ପୂର୍ବାହ୍ନରେ ସମ୍ବଲପୁର ଗୋପାଳମାଳର ଗୋଲାପ ବାରିକ ପଳାସ ଫୁଲ, ପଳାସ ପତ୍ର, ପଳାସ ପତ୍ରର ଦନା, ଆମ୍ବ, ମହୁଲ, ଚାର, ଚଣା ଗୁଡ଼ ଏବଂ ସାକରପଟି ସଂଗ୍ରହ କରି ମନ୍ଦିର ପୂଜକଙ୍କୁ ଅର୍ପଣ କରିଛନ୍ତି । ମଙ୍ଗଳବାର ପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ଥିବାରୁ ଏହି ଦିନ ସକାଳ ସୂର୍ଯ୍ୟ ଉଦୟ ଆଗରୁ ବିଶେଷ ପୂଜା ସହ ଦେବଦେବୀଙ୍କୁ ଗୁଣ୍ଡି ଭୋଗ ଅର୍ପଣ କରିବା ସହ ପୂଜା କାର୍ଯ୍ୟ ସମାପନ ହେବ ବୋଲି ମନ୍ଦିର ପୂଜକ ଦେବୀ ପ୍ରସାଦ ଭୋଇ ସୂଚନା ଦେଇଛନ୍ତି।



ଜିଲାସ୍ତରୀୟ ଦୋଳ ଉତ୍ସବ ଅବସରରେ କୁଚିଣ୍ଡାରେ ଝରିଆ ଗଉଡ କଲ୍ୟାଣ କମିଟି ପକ୍ଷରୁ ରବିବାର ବାହାରିଥିବା ସାଂସ୍କୃତିକ ଶୋଭାଯାତ୍ରା।

## କାପାସିଟି ବିଲଡିଂ ତାଲିମ କାର୍ଯ୍ୟକ୍ରମ

ନାକଟିଦେଉଳ, ୧।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ କାପାସିଟି ବିଲଡିଂ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରୋଦ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କିସିଣ୍ଡା ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ, ଫୁଲକୁସୁମ ନେତାଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ ଏବଂ ପାଣିମୁରା ସିଆରସିସି ଅଶ୍ୱଥମା ଗଡ଼ତ୍ୟା ଯୋଗଦେଇଥିଲେ । ଏଥିରେ ବିନୋଦ ପଟେଲ ଏବଂ ସାଗର ପଟେଲ ତାଲିମଦାତାଭାବେ ଯୋଗଦେଇ ଏଲଇଡି ବଲବର ମରାମତି ଏବଂ ପ୍ରସ୍ତୁତି କିପରି କରାଯାଏ ତାହା ଶିକ୍ଷଣ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ସମସ୍ତଙ୍କୁ ପ୍ରମାଣପତ୍ର ସହିତ ଗୋଟିଏ ଲେଖାଏ ଏଲଇଡି ବଲବ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗୋମିତା ପ୍ରଧାନ ସଂଯୋଜନା କରିଥିବା ବେଳେ ଶିକ୍ଷୟତ୍ରୀ ସୀମାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ

ସମ୍ବଲପୁର, ୧।୩(ବି.ଶଙ୍କର)

ଜିଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ(ଏଚ୍‌ପିଭି) ସଂକ୍ରମଣର ନିରାକରଣ ପାଇଁ ଟୀକାକରଣ ଅଭିଯାନ ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁଭାରମ୍ଭ ହୋଇଛି । ଏହି ଟୀକାକରଣ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଟୀକା ଦ୍ୱାରା ଆଗାମୀ ଦିନରେ ଜରାୟୁ ଗ୍ରୀବା କର୍କଟ ରୋଗକୁ ଅଟକାଇ ଯାଇପାରିବ । ପ୍ରଥମ ପର୍ଯ୍ୟାୟରେ ୩୯ ହଜାର ଟୀକା ଆସିଥିବା ବେଳେ ଆଗକୁ ମୋଟ ୧୧ହଜାର ଟୀକାକରଣର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ଆସନ୍ତା ୩ ମାସ ପର୍ଯ୍ୟନ୍ତ ଚାଲିବ । ସମସ୍ତ ୧୪ ରୁ ୧୫ ବର୍ଷ ବୟସ ବାଳିକାମାନେ ଏହି ଟୀକା ନେବେ ବୋଲି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ଦାସ ସୂଚିତ କରିଛନ୍ତି । ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡାକ୍ତର ସୁଧାଂଶୁ ପଣ୍ଡା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ବୃନ୍ଦାବତୀ ସାହୁ, ଡାକ୍ତର ଅବନୀନ୍ଦ୍ର ସାହୁ, ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଭବାନୀ ଶଙ୍କର ସାହୁଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଟିକାକରଣ ଅଭିଯାନକୁ ବିଧାୟକ ଜୟନାରାୟଣ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

## ସଙ୍ଗଠନ ସୁଦୃଢ଼ ହେଲେ ହକ୍ ହାସଲ ସହଜ ହେବ

**ଝରିଆ ଗଉଡ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ**

କୁଚିଣ୍ଡା, ୧।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ଝରିଆ ଗଉଡ କଲ୍ୟାଣ କମିଟି ତରଫରୁ କୁଚିଣ୍ଡାସ୍ଥିତ ଝରିଆ ଗଉଡ ଭବନ ପରିସରରେ ରବିବାର ଜିଲାସ୍ତରୀୟ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଜିଲା ସଭାପତି ବିରଞ୍ଚି ଦର୍ଶାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଗଉଡ ସମାଜ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ସଙ୍ଗଠନକୁ ସୁଦୃଢ଼ କରି ହକ୍ ହାସଲ ପାଇଁ ଲଢେଇ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଜିଲା କମିଟି ଉପଦେଷ୍ଟା ଖୁସିରାମ କଉଡ଼ି, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ କାଉନସିଲର ଶୁଶିଳ କର, ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ଜିଲା ଉପସଭାପତି ସନାତନ ଭଇଁଷା, ମଦନ ମୋହନ ଭଇଁଷା, ସରୋଜ ପରୁଆ, ମହିଳା ସଭାନେତ୍ରୀ ଚିନୁପମା ଭଇଁଷା, ଯମୁନା ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଦେବାନନ୍ଦ କର୍ସେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିମାନେ ୨୦୨୫ ମାଟ୍ରିକ ଓ ଯୁକ୍ତ ୨ ବାର୍ଷିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୭ଜଣ ଛାତ୍ରୀଛାତ୍ରଙ୍କୁ ଝରିଆ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକ ସୁସଜ୍ଜିତ ରଥରେ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ଝରିଆ ଗଉଡ ଭବନକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଯୁବ ସଙ୍ଗଠକ ଡୋଳାମଣି ଷଣ୍ଢ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ଏନଏସି ସଭାପତି ସୁରେନ୍ଦ୍ର ରାଉତ, ବ୍ଲକ ସଭାପତି ପରମାନନ୍ଦ ଷଣ୍ଢ, ହେମନ୍ତ ବଗର୍ତ୍ତି, ଚୂଡ଼ାମଣି ମାକର, ରାଜକୁମାର ରକ୍ସା, ଲିଙ୍କନ ଦର୍ଶା, ଜିତେନ୍ଦ୍ର ଭଇଁଷା, ଅଭିଲାଷ ବାଘ, ପିଣ୍ଟୁ ରକ୍ସା, ପ୍ରଶାନ୍ତ ହଂସ, ତ୍ରିଲୋଚନ ଭଇଁଷା, ସଦାଶିବ ଦର୍ଶା ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦୋଳ ଉତ୍ସବରେ ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲାରୁ ବହୁସଂଖ୍ୟକ ମହିଳା ପୁରୁଷ ସାମିଲ ହୋଇଥିଲେ।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ନାକଟିଦେଉଳ, ୧।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ଶିଶୁ ବାଟିକା ପ୍ରମୁଖ ସୁଶ୍ରୀ ପ୍ରଭାସିନୀ ମେହେର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ବିଷୟରେ ମାର୍ଗଦର୍ଶନ ଦେଉଥିଲେ। ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ସାହୁ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟର ମାର୍ଗଦର୍ଶନ ଦେଇଥିଲେ। ମନସ୍ୱିନୀ ସାହୁ ଅତିଥି ପରିଚୟ କରିଥିବା ବେଳେ ସୁଶ୍ରୀ ସୀମା ସାହୁ ବୋଧକଥା କହିଥିଲେ। ଅତିଥି ସୁଶ୍ରୀ ପ୍ରଭାସିନୀ ମେହେର ଶିଶୁ ଶିକ୍ଷାର ଭାରତୀୟ ସଂସ୍କୃତି ବିଷୟରେ କହିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା ଶିକ୍ଷାର ବର୍ତ୍ତମାନ ସ୍ଥିତି ବିଷୟରେ କହିଥିଲେ।

## ସାଂସ୍କୃତିକ ଉତ୍ସବ ପ୍ରତିଭାକୁ ଉଭାସିତ କରେ

**ସୁଇଟରେ ବାର୍ଷିକ ସାଂସ୍କୃତିକ ଉତ୍ସବ**

ସମ୍ବଲପୁର, ୧।୩(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ(ସୁଇଟ୍)ର ବାର୍ଷିକ ସାସ୍କୃତିକ ଉତ୍ସବ ଆଭାହନ-୨୦୨୬ ଶନିବାର ରାତିରେ ପାଳିତ ହୋଇଛି। ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ନଳିନୀ କାନ୍ତ ବଡପଣ୍ଡା ସ୍ୱାଗତ ଭାଷଣରେ କହିଥିଲେ, ସାସ୍କୃତିକ କାର୍ଯ୍ୟକଳାପ ଛାତ୍ରୀଛାତ୍ରଙ୍କ ମନୋବୃତ୍ତି, ସୃଜନଶୀଳତା ଓ ବ୍ୟକ୍ତିତ୍ୱ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଏପରି ଉତ୍ସବ କ୍ୟାମ୍ପସରେ ଏକତା, ସମନ୍ୱୟ ଓ ସହଯୋଗର ଭାବନାକୁ ଆହୁରି ଦୃଢ଼ କରିଥାଏ । ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ଜେନା କହିଥିଲେ, ଆଭାହନ ପରି ସାଂସ୍କୃତିକ ଉତ୍ସବ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଉଭାସିତ କରିବାରେ ଏକ ଉତ୍କୃଷ୍ଟ ମଞ୍ଚ । ଏପରି କାର୍ଯ୍ୟକ୍ରମ ସେମାନଙ୍କୁ ନିଜ କ୍ଷମତା ଆବିଷ୍କାର କରିବା ସହ ଦଳୀୟ ସମନ୍ୱୟ, ଆତ୍ମବିଶ୍ୱାସ ଓ ନେତୃତ୍ୱଗୁଣର ବିକାଶରେ ପ୍ରେରଣା ଯୋଗାଇଥାଏ । ସମ୍ମାନିତ ଅତିଥି ବୁର୍ଲାସ୍ଥିତ ଭିସୁଟ କୁଳପତି(ଇନଚାର୍ଜ) ପ୍ରଫେସର ଜୟଦେବ ରଣା କହିଥିଲେ, ସାସ୍କୃତିକ ମଞ୍ଚ ଛାତ୍ରୀଛାତ୍ରଙ୍କ ମନୋବୃତ୍ତିକୁ ସମୃଦ୍ଧ କରି ସୃଜନଶୀଳତାକୁ ଉତ୍ସାହିତ କରେ। ଶିକ୍ଷା ସହ ସଂସ୍କୃତିର ସମନ୍ୱୟ ହିଁ ସତ୍ୟ ସାର୍ଥକ ଶିକ୍ଷାର ପରିଚୟ । ମୁଖ୍ୟ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର କହିଥିଲେ, କଠିନ ପରିଶ୍ରମ ଯଥେଷ୍ଟ ନୁହେଁ। ଯଥାଚିତ ଯୋଜନା, ସମୟର ସଠିକ୍ ବ୍ୟବହାର ଓ ଲକ୍ଷ୍ୟ ପ୍ରତି ଅତୁଟ ଏକାଗ୍ରତା ସଫଳତାର ମୂଳ ଚାବି। ନିୟମିତତା ଓ ଶୃଙ୍ଖଳାକୁ ଆଦର୍ଶ ଭାବେ ଗ୍ରହଣ କରି ଅଟଳ ସଂକଳ୍ପ ସହ ଆଗେଇଲେ ଯେକୌଣସି ସ୍ୱପ୍ନକୁ ସାକାର କରି ହେବ ବୋଲି ପ୍ରଫେସର ମିଶ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ସାଂସ୍କୃତିକ ସନ୍ଧ୍ୟା କଳା, ସୁର ଓ ନୃତ୍ୟର ମିଶ୍ରଣରେ ଏକ ଆକର୍ଷଣୀୟ ପରିବେଶ ସୃଷ୍ଟି କରିଥିଲା। ସୋଲୋ ଓ ଯୁଗଳ ସଙ୍ଗୀତର ମଧୁର ସୁର, ଓଡ଼ିଆ ଭଜନର ଭକ୍ତିମୟ ପରିବେଶ ଏବଂ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟର ଆକର୍ଷଣୀୟ ପ୍ରଦର୍ଶନ ମଞ୍ଚକୁ ଜୀବନ୍ତ କରିଦେଇଥିଲା। ପ୍ରଥମରୁ ଚତୁର୍ଥ ବର୍ଷ ଛାତ୍ରୀଛାତ୍ରମାନଙ୍କର ଏକତ୍ର ପ୍ରଦର୍ଶନ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା । ଶେଷରେ ସୁଇଟ୍ ସାଂସ୍କୃତିକ କ୍ଲବ ସହ ଉପାଧକ୍ଷ ଡ.ଅନ୍ଵେଶ କୁମାର ଦାଉତା ଧନ୍ୟବାଦ କରିଥିଲେ।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନର ବାର୍ଷିକ ସାଂସ୍କୃତିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଫୋକ୍ ଏକାଦଶ ଚାମ୍ପିୟନ, ନ୍ୟୁଜ ୱାରିୟର୍ସ ରନରଅପ୍

**ସମ୍ବଲପୁର ସେଲିବ୍ରିଟି ଲିଗ୍ କ୍ରିକେଟ**

ସମ୍ବଲପୁର, ୧।୩(ପ୍ରମୋଦ ବହିଦାର)

ସମ୍ବଲପୁର କମିଶନର୍ସ କଲୋନୀ କ୍ରିକେଟ୍ କ୍ଲବ(ସିସିସିସି) ପଡ଼ିଆରେ ଚାଲିଥିବା ସମ୍ବଲପୁର ସେଲିବ୍ରିଟି ଲିଗ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନ ସାଢ଼େ ୪ଟାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଲିଗ ପର୍ଯ୍ୟାୟ ମ୍ୟାଚରେ ଦୁଇ ଶ୍ରେଷ୍ଠ ଦଳ ଭାବେ ଫୋକ୍ ଏକାଦଶ ଓ ନ୍ୟୁଜ୍ ୱାରିୟର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ଫୋକ୍ ଏକାଦଶ ୬ଉଇକେଟରେ ନ୍ୟୁଜ ୱାରିୟର୍ସକୁ ପରାସ୍ତ କରି ଚାମ୍ପିୟନ ହେଇଥିଲା। ଫୋକ ଏକାଦଶ ଟସ୍ ଜିଣି ନ୍ୟୁଜ୍ ୱାରିୟର୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନ୍ୟୁଜ୍ ୱାରିୟର୍ସ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ୍ ବିନିମୟରେ ୭୮ ରନ୍ କରିଥିଲା। ଜବାବରେ ଫୋକ ଏକାଦଶ ୭.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଫୋକ୍ ଏକାଦଶର ରାଜକୁମାର ବେସନ୍ ମ୍ୟାଚର୍ ଶେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହା ସେ ପ୍ରତିଯୋଗିତା ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳିଭାବେ ପରୁସ୍କୃତ ହୋଇଥିଲେ। ଫୋକ୍ ଏକାଦଶର ସଚିନ ସିରିଜ୍‌ର ଶ୍ରେଷ୍ଠ ବୋଲର ବିଜେଡିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ପୂର୍ବତନ ନଗରପାଳ ସିଦ୍ଧାର୍ଥ ସାହା, ହରଜିତ ସିଂ ଭୁର୍ଜି, ସ୍ୱାଧୀନ ପଣ୍ଡା, ଗାର୍ଗୀ ଶତପଥୀ, ଅରୁଣ ତରିଆ, ସତ୍ୱେନ୍ ଦାଶ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିବା ସହ ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ଏହି ଅବସରରେ ଫୋକ୍ ଏକାଦଶର ୬ ବର୍ଷ ବୟସ୍କ ଖେଳାଳି ଅନିକେତ ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସମ୍ବଲପୁର ସେଲିବ୍ରିଟି ଲିଗ୍‌ର ଆୟୋଜକ କମିଟି ସଦସ୍ୟ ନନ୍ଦକିଶୋର ସାହୁ, ବିପ୍ଳବ ତନସନା, ସରୋଜ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ଫୋକ୍ ଏକାଦଶ ଦଳର ଖେଳାଳିମାନେ।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଆସି ଜୀବନ ଗଲା


ମୃତ ରାହୁଲ ମହାରଣା



ଗିରଫ ୩ ଅଭିଯୁକ୍ତ, ଘଟଣାସ୍ଥଳରୁ ଜବତ ମଦ ବୋତଲ ଓ ଚାଖଣା।

**ଭୁବନେଶ୍ୱର,୧।୩(ତ୍ରିନାଥ ମହାନ୍ତି)**

ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଶନିବାର ରାତିରେ ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ହତ୍ୟା ଘଟଣା ଉପରୁ ପରଦା ହଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନୁହେଁ, ବରଂ ହଠାତ୍ ଗଣ୍ଡଗୋଳରୁ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି ଖବରଦାତା ସମ୍ମିଳନୀରେ ରବିବାର ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଜଣେ ଯବାନଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯବାନ ସଂଗ୍ରାମ କେଶରୀ ବେହେରା, ତାଙ୍କ ପୁତୁରା ସଂଗ୍ରାମ ବେହେରା ଓରଫ କୁନା ଏବଂ ସମରେନ୍ଦ୍ର ବେହେରା ଓରଫ ମୁନା। ସେମାନଙ୍କ ନିକଟରୁ ଦୁଇଟି ବାଇକ୍ ଏବଂ ଏକ ଛୁରି ଜବତ କରାଯାଇଛି। ପୋଲିସ ଏକ ହତ୍ୟା ମାମଲା(ନଂ-୧୪୪/୨୬) ରୁଜୁ କରି ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଏସିପି ସେନାପତି ସୂଚନା ଦେଇଛନ୍ତି। ରବିବାର ସକାଳୁ ପୋଲିସ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଫୋରେନ୍‌ସିକ୍ ଟିମ୍ ସେଠାରେ ପଡ଼ିଥିବା ରକ୍ତ ନମୁନା, ଚପଲ, ମଦ ବୋତଲ ଏବଂ ଚାଖଣା ଜବତ କରି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ଏଥିସହ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ୟୁଟ୍ୟୁବରଙ୍କୁ ଛୁରି ଭୁସି ହତ୍ୟା ଘଟଣା**
- ମଦ ପିଇବା ବେଳେ ଦୁଇ ଗୋଷ୍ଠୀ ଭିତରେ ହୋଇଥିଲା କଥା କଟାକଟି
- ଯବାନଙ୍କ ସହ ଦୁଇ ପୁତୁରାଙ୍କୁ ଗିରଫ କଲା ପୋଲିସ
- ପୂର୍ବଶତ୍ରୁତା ନୁହେଁ, ହଠାତ୍ ଗଣ୍ଡଗୋଳରୁ ହତ୍ୟା:ଏସିପି

ଏସିପିଙ୍କ କହିବା ଅନୁସାରେ, ସଂଗ୍ରାମ ସେନାରେ ଯବାନ ଥିବାବେଳେ ସମରେନ୍ଦ୍ର ଓ କୁନା ତାଙ୍କର ପୁତୁରା। ସମସ୍ତଙ୍କ ଘର କଟକ କାନପୁରରେ ହୋଇଥିବାବେଳେ ଜିଜିପିରେ ସଂଗ୍ରାମ ଘର ଭଡ଼ା ନେଇ ରହୁଥିଲେ। ଶନିବାର ରାତି ପ୍ରାୟ ୯ଟା ୩୦ମିନିଟରେ ଜିଜିପି ହାଇସ୍କୁଲ ପଡ଼ିଆରେ ଦୁଇ ଗୋଷ୍ଠୀ ମଦ ପିଉଥିଲେ। ଗୋଟିଏ ଗୋଷ୍ଠୀରେ ରାହୁଲ, ଶିବା ଏବଂ ଅନ୍ୟ ଦୁଇ ଜଣ ବସିଥିବାବେଳେ ଅନ୍ୟ ଗୋଷ୍ଠୀରେ ଯବାନ ସଂଗ୍ରାମ ଏବଂ ତାଙ୍କ ଦୁଇ ପୁତୁରା ବସି ପିଉଥିଲେ। ଶିବାଙ୍କ ଫୋନ କଲ୍ ଆସିବାରୁ ସେ କଥା ହୋଇ ଅଭିଯୁକ୍ତମାନେ ବସିଥିବା ସ୍ଥାନ ପାଖଦେଇ ଚାଲିଯାଇଥିଲେ। ଶିବା ଫୋନରେ କଥା ହେଲା ବେଳେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଥିଲେ। ଏହା ଶୁଣି ସଂଗ୍ରାମ ବିରୋଧ କରିଥିଲେ। ଫଳରେ ଶିବା ଓ ସଂଗ୍ରାମଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ସଂଗ୍ରାମ ଏବଂ ଦୁଇ ପୁତୁରା ଶିବାଙ୍କୁ ମାଡ଼ ମାରିଥିଲେ। ଏହାଦେଖି ଶିବାଙ୍କୁ ବଞ୍ଚାଇବାକୁ ସେଠାରେ ରାହୁଲ ପହଞ୍ଚିଥିଲେ। ଅଭିଯୁକ୍ତମାନେ ରାହୁଲଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସଂଗ୍ରାମ ଓ ତାଙ୍କ ବଡ଼ ପୁତୁରା ରାହୁଲଙ୍କୁ ଧରିଥିବା ଅବସ୍ଥାରେ ସାନ ପୁତୁରା ମୁନା ଏକ ଛୁରିରେ ତାଙ୍କ ଛାତିକୁ ଭୁସି ଦେଇଥିଲେ। ଛାତିରେ ଗଭୀର କ୍ଷତ ହୋଇଥିବାରୁ ପ୍ରବଳ ମାତ୍ରାରେ ରକ୍ତ ବୋହିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାହୁଲ ତଳେ ପଡ଼ି ଯାଇଥିବାବେଳେ ସଂଗ୍ରାମ ଏବଂ ଦୁଇ ପୁତୁରା ସେଠାରୁ ଫେରାର ହୋଇଯାଇଥିଲେ। ରାହୁଲଙ୍କୁ ସାଙ୍ଗମାନେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଖବର ପାଇ ମୃତଦେହ ଜବତ ସହ କ୍ୟାପିଟାଲ ହସ୍ପିଟାଲକୁ ମୃତଦେହ ପଠାଇଥିଲା। ଡିସିପି ଜଗମୋହନ ମୀନା ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଜିଜିପିରେ ପୋଲିସ ଖବରୀଙ୍କୁ ଆକ୍ଟିଭ୍ କରିବା ପରେ ଅଭିଯୁକ୍ତଙ୍କ ଗାଡ଼ି ନମ୍ବର ମିଳିଥିଲା। ପୋଲିସ ଗାଡ଼ି ନମ୍ବର ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଠିକଣା ଭୁବନେଶ୍ୱର ବାହାରେ ହୋଇଥିବାରୁ ଗିରଫ କରିବା କଷ୍ଟକର ଥିଲା। ପୋଲିସ ଦୁଇଟି ବାଇକ୍ ନମ୍ବର ସହ ପଞ୍ଜୀକରଣ ହୋଇଥିବା ଫୋନ୍ ନମ୍ବର ଆଧାରରେ ଚଢ଼ାଉ କରି ଜିଜିପି କଲୋନୀରୁ ୩ଜଣଙ୍କୁ ଗିରଫ କରିଥିଲା। ପୋଲିସ ପଚରାଉଚରା ପରେ ସେମାନେ ହଠାତ୍ ଗଣ୍ଡଗୋଳ କରିବାରୁ ଏଭଳି ଛୁରି ଭୁସିଥିବା କହିଥିଲେ। ଯବାନ ସଂଗ୍ରାମ ଜମ୍ମୁ କଶ୍ମୀରରେ ଡ୍ୟୁଟି କରୁଥିବା ବେଳେ ଛୁଟିରେ ଆସି ଜିଜିପି କଲୋନୀରେ ରହୁଥିବା ବେଳେ ବଡ଼ ପୁତୁରା ତାଙ୍କ ନିକଟରେ ରହୁଥିଲେ। ହେଲେ ଶନିବାର ସାନ ପୁତୁରା ମୁନା ଆସିଥିବାରୁ ସେମାନେ ମଦ ପିଇବାର ଯୋଜନା କରି ଉକ୍ତ ପଡ଼ିଆରେ ବସିଥିଲେ।

# ପଥରରେ ଛେଚି ବଡ଼ଭାଇଙ୍କୁ ହତ୍ୟା

**ଅଭିଯୁକ୍ତ ସାନଭାଇ ଫେରାର**

**ଝାରସୁଗୁଡ଼ା, ୧।୩ (ଆଶିଷ ରଞ୍ଜନ ଦାଶ)**


ଘଟଣାସ୍ଥଳରେ ଝାରସୁଗୁଡ଼ା ଏସ୍‌ପି ଏବଂ ଜିଆର୍‌ପି ତଦନ୍ତ କରୁଛନ୍ତି।

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବୃନ୍ଦାମାଲ ରେଳଷ୍ଟେଶନ ନିକଟ ଏକ ବସ୍ତିରେ ଶନିବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବଚସାକୁ କେନ୍ଦ୍ରକରି ବଡ଼ଭାଇଙ୍କୁ ପଥରରେ ଛେଚି ସାନଭାଇ ହତ୍ୟା କରିଛନ୍ତି। ମୃତକ ହେଲେ ବିବେକ ନାଥ ନାଗ (୨୮)। ଖବରପାଇ ଉଭୟ ବଡ଼ମାଲ ପୋଲିସ ଓ ଝାରସୁଗୁଡ଼ା ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚିଥିଲା। ହତ୍ୟାକାଣ୍ଡ ସ୍ଥଳ ଜିଆର୍‌ପି ଅଧୀନରେ ଆସୁଥିବାରୁ ଜିଆର୍‌ପି ତଦନ୍ତ କରିଥିଲା। ଏଥିସହ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ବସ୍ତିରେ ପ୍ରେମନାଥ ନାଗଙ୍କ ସହିତ ତାଙ୍କ ବଡ଼ପୁଅ ବିବେକ ନାଥ ନାଗ ଓ ସାନପୁଅ କ୍ଷୀରୋଦ ନାଥ ନାଗ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଉକ୍ତ ବସ୍ତିର ଏକ ଚାଷଜମି ନିକଟରେ ବିବେକ ଓ କ୍ଷୀରୋଦଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ କ୍ଷୀରୋଦ ଉତ୍‌କ୍ଷିପ୍ତ ହୋଇ ବଡ଼ଭାଇ ବିବେକଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ପ୍ରେମନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୧୫/୨୬) ରୁଜୁ କରିଛି। ରବିବାର ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଜିଆର୍‌ପି ଆଇଆଇସି ସନ୍ତୋଷ ମିର୍ଦ୍ଧା କହିଛନ୍ତି।

# ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ୨ ଗିରଫ

- ୩୯ ଅନ୍‌ଲାଇନ ଠକେଇ ମାମଲାରେ ସମ୍ପୃକ୍ତ
- ୪.୯୭ କୋଟି ଟଙ୍କାର କାରବାର

**କେନ୍ଦୁଝର,୧।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**


ଗିରଫ ୨ ଅଭିଯୁକ୍ତ।

କେନ୍ଦୁଝର ସଦର ପୋଲିସ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ୨ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅଧୀନ ବାରିଗାଁ ଗ୍ରାମର କଳ୍ପତରୁ ପଲେଇ(୩୬) ଓ ଘସିପୁରା ଥାନା ଅଧୀନ ପଦନପୁର ଗ୍ରାମର ଅଭିନନ୍ଦନ ପୁହାଣ(୩୦)। କେନ୍ଦୁଝର ସଦର ଥାନା ଇନ୍ସପେକ୍ଟର ଅମିତ କୁମାର ଭୂୟାଁ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ଟଙ୍କାକୁ ଚାଲାଣ କରିବା ପାଇଁ ବ୍ୟବହୃତ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିଲେ। ସେମାନେ ଏପର୍ଯ୍ୟନ୍ତ ୩୯ଟି ଅନ୍‌ଲାଇନ ଠକେଇ ମାମଲାରେ ସମ୍ପୃକ୍ତ ଥିବାବେଳେ ୨ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୪ କୋଟି ୯୭ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ହୋଇଛି। ସମ୍ପୃକ୍ତ ଅନ୍ୟ ସହଯୋଗୀ ଏବଂ ଅତିରିକ୍ତ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଇନ୍ସପେକ୍ଟର ଭୂୟାଁ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୨୦/୨୬) ସହ ଆଇଟି ଆଇନର ଧାରା ୩୧୯(୨)/୩୧୮(୪)/୩(୫) ବିଏନ୍‌ଏସ୍, ୨୦୨୩ ସହ ଧାରା ୬୬(ସି)/୬୬(ଡି) ଅନୁଯାୟୀ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସାଇବର ଠକେଇ ନେଇ ସତର୍କ ରହିବା ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ କିମ୍ବା ନିକଟତମ ପୋଲିସ ଷ୍ଟେଶନ ମାଧ୍ୟମରେ ଘଟଣାଗୁଡ଼ିକ ତୁରନ୍ତ ରିପୋର୍ଟ କରିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ସରଣ୍ଡା ଟିମରା ଜଙ୍ଗଲରେ ଲ୍ୟାଣ୍ଡମାଇନ ବିସ୍ଫୋରଣ

- କୋବ୍ରା ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁରୁତର,ଦିଲ୍ଲୀ ଏୟାରଲିଫ୍ଟ
- ମାଓବାଦୀଙ୍କ ସହ ଗୁଳିବିନିମୟରେ ୨ ଯବାନ ଗୁରୁତର
- ସର୍ଚ୍ଚ ଅପରେଶନ ଜାରି

**ବଣାଇଁ,୧।୩(ପ୍ରଦୀପ ତ୍ରିପାଠୀ)**


ଆହତ ଅଜୟ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୋବ୍ରା ୨୦୯ ନମ୍ବର ବାଟାଲିୟନ।

ଓଡ଼ିଶା - ଝାଡଖଣ୍ଡ ସୀମା ସଂଲଗ୍ନ ସରଣ୍ଡା ଟିମରା ଘଞ୍ଚ ଜଙ୍ଗଲରେ ରବିବାର ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିବା ବେଳେ ରବିବାର ସକାଳ ପ୍ରାୟ ୬ଟାରେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ସିଆର୍‌ପିଏଫ୍ କୋବ୍ରା ୨୦୯ ନମ୍ବର ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ ମଲ୍ଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅପରାହ୍ନରେ ତାଙ୍କୁ ପ୍ରଥମେ ରାଞ୍ଚି ଓ ପରେ ସଙ୍କଟାପନ୍ନ ହେବାରୁ ଦିଲ୍ଲୀ ଏୟାରଲିଫ୍ଟ କରାଯାଇଛି ବୋଲି ଝାଡଖଣ୍ଡ ପୋଲିସ ସ୍ପଷ୍ଟ କରିଛି।

ସେହିଭଳି ଛୋଟନାଗରା ଥାନା ଅନ୍ତର୍ଗତ ମାରଙ୍ଗପଙ୍ଗା ଓ କିନବିର ମଝିରେ ଥିବା ଜଙ୍ଗଲ ନିକଟରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ସକାଳ ୯ଟାରେ ସଂଘଟିତ ଏହି ଗୁଳି ବିନିମୟରେ ଜଣେ ଯବାନ ବିକ୍ରମ ଯାଦବଙ୍କ ପେଟରେ ଗୁଳି ବାଜିଥିଲା। ତାଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହେବାରୁ ଅପରାହ୍ନରେ ତାଙ୍କୁ ଏୟାରଲିଫ୍ଟରେ ରାଞ୍ଚି ପଠାଯାଇଛି। ଉଭୟ ପକ୍ଷରୁ ଗୁଳି ବିନିମୟ ଯୋଗୁ ଆହତ ଯବାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇବାରେ ବିଳମ୍ବ ଘଟିଥିଲା। ଗୁଳି ବିନିମୟ ସମୟରେ ଆଉ ଜଣେ ଯବାନ ସଞ୍ଜୀବ କୁମାର ଆହତ ହୋଇଥିବା ଜଣାପଡ଼ିଛି। ଏହି ୨ଟି ଘଟଣା ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ପଶ୍ଚିମ ସିଂଭୂମ ମନୋହରପୁର ଥାନା ଅଧୀନସ୍ଥ ଚିଡ଼ିଆ ଫାଣ୍ଡି ଅଧୀନ ଟିମରା ଜଙ୍ଗଲରେ ଘଟିଥିବା

ଲ୍ୟାଣ୍ଡମାଇନ ବିସ୍ଫୋରଣ ଓ ଗୁଳି ବିନିମୟ ସ୍ଥଳ ଛୋଟ ନାଗରା ଥାନା ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେଶନ ଜାରି ରହିଛି। ବର୍ତ୍ତମାନ ମାରାଙ୍ଗପଙ୍ଗାଠାରୁ କିନବିର ଯେଉଁଠି ମାଓବାଦୀ ଲୁଚି ରହିଛନ୍ତି ସେଠାରେ ଚାରି ହଜାରରୁ ଉର୍ଦ୍ଧ୍ୱ ଯବାନ ସମ୍ପୃକ୍ତ ଅଞ୍ଚଳକୁ ଘେରା ବନ୍ଦୀ କରି ରଖିଛନ୍ତି। ଡ୍ରୋନ ବ୍ୟବହାର କରି ଠାବ କରିବା ପାଇଁ ଚେଷ୍ଟା ଜାରି ରଖି ବାହାରୁ ସେ ଅଞ୍ଚଳକୁ କାହାକୁ ପୂରାଇ ନ ଦେବା ସହ ଅଞ୍ଚଳରୁ କାହାକୁ ବାହାରକୁ ଛଡ଼ା ଯାଉନାହିଁ ବୋଲି ସୂଚନା ମିଳିଛି। ଉଭୟ ଓଡ଼ିଶା ଓ ଝାଡଖଣ୍ଡ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି।

## ଡକାୟତି ଯୋଜନା ବେଳେ ୭ ଧରାପଡ଼ିଲେ

**ଟାଙ୍ଗୀ,୧।୩ (ରଘୁନାଥ ସାହୁ)**

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଜଙ୍କିଆ ଥାନା ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଏସ୍.କେ. କରିମ, ଏସ୍.କେ. ଅଜିମ, ଏସ୍.କେ. ସମିମ, ରାଜୁ ଖାନ, ଗୋବିନ୍ଦ ଜେନା, ଖୋର୍ଦ୍ଧା ମକୁନ୍ଦପ୍ରସାଦର ଫାରୁକ ଖାନ ଏବଂ ନିରାକାରପୁର ଥାନା ପଦ୍ମପୁର ଗ୍ରାମର ରଞ୍ଜନ ସ୍ୱାଇଁ। ଏମାନଙ୍କ ନିକଟରୁ ଖଣ୍ଡା, କତୁରି, ଛୁରି, ଲୁହାରଡ୍, ମଦ ବୋତଲ, ସିଗାରେଟ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ନୂଆ ଜଗନ୍ନାଥ ସଡ଼କ ଛଣଗିରି ଗ୍ରାମ ନିକଟ ଜଙ୍ଗଲରେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରିଥିଲେ। ଖବରପାଇ ଜଙ୍କିଆ ପୋଲିସ ଅତର୍କିତଭାବେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ମାରଣାସ୍ତ୍ର ଏବଂ ବାଇକ୍ ଜବତ କରିଥିଲା।

# ମାନସିକ ବିକାରଗ୍ରସ୍ତ ଭାଣିଜୀଙ୍କୁ ବଳାତ୍କାର, ସମ୍ପର୍କୀୟ ମାମୁ ଗିରଫ

**ନୀଳଗିରି, ୧।୩(ପ୍ରଶାନ୍ତ କୁମାର ବିଶ୍ୱାଳ)**



ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ଯୁବକ ସମ୍ପର୍କୀୟ ମାମୁ ବୋଲି ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

ଚନ୍ଦ୍ରପୁର ଗ୍ରାମର ମହେନ୍ଦ୍ର ସିଂ ଶନିବାର ଅପରାହ୍ନରେ ଉକ୍ତ ଯୁବତୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଯୁବତୀଜଣକ ନିଜଘର ଉପର ତାଲାକୁ ସିଡିରେ ଯାଉଥିବା ବେଳେ ଏହାର ସୁଯୋଗ ନେଇ ମହେନ୍ଦ୍ର ବଳାତ୍କାର କରିଥିଲେ। ପରେ ସମ୍ପୃକ୍ତ ଯୁବତୀ ଉକ୍ତ ଘଟଣା ବିଷୟରେ ନିଜ ବାପାଙ୍କୁ ଜଣାଇଥିଲେ। ଏନେଇ ରବିବାର ପୀଡ଼ିତାଙ୍କ ବାପା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ପୋଲିସ ତଦନ୍ତ କରିବା ସହ ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ମାମଲା(ନଂ.୨୬/୨୬) ରୁଜୁ କରି ମହେନ୍ଦ୍ର ସିଂ ଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତ ମହେନ୍ଦ୍ର ସିଂ ଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦାରିଙ୍ଗବାଡ଼ି ଜଙ୍ଗଲରେ ଶୁକ୍ରୁ ଘେରାବନ୍ଦୀ

**ଭୁବନେଶ୍ୱ,୧।୩(ତ୍ରିନାଥ ମହାନ୍ତି)**

- ଆକାଶ ମାର୍ଗରୁ ଖୋଜୁଛି ଥର୍ମାଲ ସେନ୍‌ସର ଡ୍ରୋନ୍
- ଜଙ୍ଗଲକୁ ଘେରି ରହି ସର୍ଚ୍ଚ ଅପରେଶନ ଚଳାଇଛନ୍ତି ଯବାନ, ପୋଲିସ
- ଏବେ ବି ସମୟ ଅଛି, ଆତ୍ମସମର୍ପଣ କର: ଏସ୍‌ପି


ମାଓବାଦୀ ଶୁକ୍ରୁ

ଓଡ଼ିଶା ପୋଲିସର ଶେଷ ଟାର୍ଗେଟରେ ମାଓନେତା ଶୁକ୍ରୁ। ସେ ଏବେ କନ୍ଧମାଳ ଜିଲା ଦାରିଙ୍ଗବାଡି ଜଙ୍ଗଲରେ ସାଥୀମାନଙ୍କ ସହ ଲୁଚି ରହିଛନ୍ତି। ପୋଲିସ ବାରମ୍ବାର ଆହ୍ୱାନ ଓ ଚେତାବନୀ ଦେଉଥିଲେ ମଧ୍ୟ ସେ ଆତ୍ମସମର୍ପଣ କରୁନାହାନ୍ତି କି ସାଥୀମାନଙ୍କୁ ଛାଡୁନାହାନ୍ତି। ତେଣୁ ଶୁକ୍ରୁଙ୍କୁ ଧରିବାକୁ ବା ଏନ୍‌କାଉଣ୍ଟର କରିବାକୁ ଯବାନ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଛି ବଡ଼ ଅପରେଶନ୍। ଶୁକ୍ରୁ ଏନ୍‌କାଉଣ୍ଟର ନ ହେଲେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନ୍ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ମାଓବାଦୀମୁକ୍ତ ହେବା କଷ୍ଟକର ହୋଇ ପଡ଼ିବ। ତେଣୁ ସନ୍ଧାନୀ କୁକୁରଠାରୁ ଆରମ୍ଭ କରି ଡ୍ରୋନ୍ ଏବଂ ଖବରୀକୁ ଅଧିକ ସକ୍ରିୟ କରି ଦେଇଛି ପୋଲିସ। ଦାରିଙ୍ଗବାଡ଼ି ଜଙ୍ଗଲକୁ ଚାରିପଟୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେଶ କରାଯାଉଛି। ଥର୍ମାଲ ସେନ୍ସର ଡ୍ରୋନ୍ ରାତିଦିନ ଘଞ୍ଚ ଜଙ୍ଗଲ ଉପରେ ଉଡ଼ି ଶୁକ୍ରୁଙ୍କୁ ଖୋଜୁଛି। ଘଞ୍ଚ ଜଙ୍ଗଲ ଭିତରେ କୌଣସି ମଣିଷ ହେଉ ଅବା ପ୍ରାଣୀ ରହିଥିଲେ ଏହି ଥର୍ମାଲ ସେନ୍‌ସର ଡ୍ରୋନ୍ ମାଧ୍ୟମରେ ଠାବ କରିହେବ। ତେଣୁ ଦାରିଙ୍ଗବାଡ଼ି ଜଙ୍ଗଲ ସାରା ଏହି ଡ୍ରୋନ୍ ପାଇଁତରା ମାରି ଶୁକ୍ରୁ ଏବଂ ତା'ର ସହଯୋଗୀଙ୍କୁ ଖୋଜୁଛି। ଡ୍ରୋନ୍‌ର ଇସାରାରେ ସୁରକ୍ଷା କର୍ମୀ ପାହାଡିଆ ଓ ଦୁର୍ଗମ ଇଲାକା ମଧ୍ୟରେ ପଶି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଛନ୍ତି।

ଅନ୍ୟପକ୍ଷରେ କନ୍ଧମାଳ ଏସ୍‌ପି ହରିଶ୍ ବସି କହିଛନ୍ତି, ଏବେବି ସମୟ ରହିଛି ଶୁକ୍ରୁ ଓ ତା'ର ଟିମ୍ ଆତ୍ମସମର୍ପଣ କରନ୍ତୁ। ନ ହେଲେ ଆଉ ୫ ଦିନରେ ଯେଉଁଠି ଥିଲେ ବି ଠାବ କରାଯାଇ ଏନ୍‌କାଉଣ୍ଟର କରାଯିବ। ତେଣୁ ପୋଲିସ ଦେଇଥିବା ନମ୍ବରରେ ଯୋଗାଯୋଗ କରି ଆତ୍ମସମର୍ପଣ କଲେ ସମସ୍ତ ସୁବିଧା ମିଳିପାରିବ। ପୋଲିସ ସେମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇଦେବ। ଗାଁଲୋକେ ମାଓବାଦୀଙ୍କ ହାତ ଛାଡ଼ି ଦେଇଛନ୍ତି। ତେଣୁ ଜଙ୍ଗଲରେ ଜୀବନ ସାରିବା ପୂର୍ବରୁ ପରିବାର ଲୋକଙ୍କ ସହ ଖୁସିରେ ରହିବାକୁ ଏସ୍‌ପି ଆହ୍ୱାନ ଦେଇଛନ୍ତି।

ମାଲିକାନଗିରିର ବାସିନ୍ଦା ଶୁକ୍ରୁ ହେଉଛନ୍ତି କେକେବିଏନ୍‌ର ଷ୍ଟେଟ୍ କମିଟି ମେମ୍ବର। ୮କମ୍ପାନୀର ନେତୃତ୍ୱ ନେଇ କନ୍ଧମାଳ ଜଙ୍ଗଲ ଭିତରେ ଲୁଚିରହି ସରକାରଙ୍କ ମାଓମୁକ୍ତ ଅଭିଯାନ ବିରୋଧରେ ରଣନୀତି ଚଳାଇଛନ୍ତି। ପୋଲିସ ନିକଟରେ ଆତ୍ମ ସମର୍ପଣ କରିବାକୁ ଚାହୁଁଥିବାରୁ ଶୁକ୍ରୁ ତାଙ୍କ ଟିମ୍ ସଦସ୍ୟ ତଥା ଛତିଶଗଡ଼ ସାଥୀ ମାଓବାଦୀ ଅନ୍ୱେଷଙ୍କୁ ଗୁଳି କରି ହତ୍ୟା କରିବା ପରେ ଜଙ୍ଗଲରେ ପୋତି ଦେଇଥିଲେ। କନ୍ଧମାଳ ପୋଲିସ ଅନ୍ୱେଷର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁକ୍ରୁଙ୍କ ସହ ୩୦ରୁ ଅଧିକ ମାଓବାଦୀ ବର୍ତ୍ତମାନ କନ୍ଧମାଳରେ ଲୁଚି ବୁଲୁଛନ୍ତି। ସଂଗଠନରେ ବିଦ୍ରୋହ ବଢୁଥିବାବେଳେ ୪୯ ବର୍ଷୀୟ ଶୁକ୍ରୁର ସାହା ଭରସା ସାଜିଛନ୍ତି ନକୁଳ ସହ ଜଣେ ଲେଡି ମାଓବାଦୀ ଶୀଳା। ଶୁକ୍ରୁଙ୍କ ସହ ଏମାନଙ୍କୁ ଧରିବାକୁ ଚାହୁଁଛି ଓଡ଼ିଶା ପୋଲିସ।

# ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର

**ବ୍ରହ୍ମପୁର/ଦାରିଙ୍ଗବାଡ଼ି,୧।୩ (ସୁବାସ ଚନ୍ଦ୍ର ପାଢ଼ୀ/ଅରୁଣ ସାହୁ)**

**ମାଓବାଦୀ ଅନ୍ୱେଷଙ୍କୁ ହତ୍ୟା ଘଟଣା**


ମାଓବାଦୀ ଅନ୍ୱେଷଙ୍କ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଉଛି।

ସଙ୍ଗଠନରେ ମନୋମାଳିନ୍ୟ କାରଣରୁ ମାସକ ତଳେ ହତ୍ୟାର ଶିକାର ହୋଇଥିବା ଛତିଶଗଡ଼ର ମାଓବାଦୀ ନେତା ଅନ୍ୱେଷ(୩୧)ଙ୍କ ମୃତଦେହ ଗତ ୨୪ ତାରିଖରେ କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ ପକାରି ଜଙ୍ଗଲରୁ ମାଟିତଳୁ ଜବତ ହୋଇଥିଲା।

ଦାରିଙ୍ଗବାଡି ପୋଲିସ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଅନ୍ୱେଷଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ରବିବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏମ୍‌କେସିଜି ମେଡିକାଲ ଏଫଏମ୍‌ଟି ବିଭାଗରେ ଅନ୍ୱେଷଙ୍କ ବାପା, ଭଉଣୀ, ଭଣଜା ଓ ପୁତୁରା ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପରେ ପୋଲିସ ପକ୍ଷରୁ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଅନ୍ୱେଷଙ୍କ କଳଦାନ୍ତ, ଶରୀରର ଅବଶିଷ୍ଟାଂଶକୁ ଚିହ୍ନଟ ପାଇଁ ବାପାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ଏହାର ଡିଏନ୍‌ଏ ମ୍ୟାଚିଂ କରାଯିବ ବୋଲି ଆଇଆଇଆସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ଦାରିଙ୍ଗବାଡି ପୋଲିସ ଅନ୍ୱେଷଙ୍କ ମୃତଦେହ ତାଙ୍କ ଘରକୁ ପଠାଇବା ନିମନ୍ତେ ଆମ୍ବୁଲାନ୍ସ ଯୋଗାଇ ଦେଇଛି।

ଦାରିଙ୍ଗିବାଡି ଥାନା ଅଧିନ ପାକାରି ସ୍ଥିତ ସଂରକ୍ଷିତ ଜଙ୍ଗଲରୁ ଜଣେ ମାଓବାଦୀଙ୍କ ଶବ ପୋତାଯାଇଥିବା ପୋଲିସକୁ ଖବର ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ଗତ ୨୫ ତାରିଖରେ ଏମକେସିଜି ମେଡିକାଲ ପଠାଯାଇଥିଲା। ଏହାପରେ ମୃତଦେହ ବିଷୟରେ ପଚରାଉଚୁରା ପରେ ମୃତକ ଜଣେ ମାଓବାଦୀ ନେତା ଓ ଛତିଶଗଡ ବିଜାପୁର ଜିଲା ମାର୍କାନାଗୁଡା ବାସିନ୍ଦା ଅନ୍ୱେଷ ବୋଲି ଜଣାପଡିଥିଲା। ଅନ୍ୱେଷ ନିଜର ୧୨ ସହଯୋଗୀଙ୍କୁ ନେଇ ପୋଲିସ ନିକଟରେ ଆତ୍ମସର୍ମପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ କନ୍ଧମାଳ ଜିଲା ସଂଗଠନ ଦାୟିତ୍ୱରେ ଥିବା ମୋଷ୍ଟ ୱାଣ୍ଟେଡ ଶୁକ୍ରୁ ବିରୋଧ କରୁଥିଲେ। ଏହାକୁ ନେଇ ଶୁକ୍ରୁ ଏବଂ ଅନ୍ୱେଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶୁକ୍ରୁ ଓ ଅନ୍ୟ ସାଥୀମାନେ ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଘଟଣାଟି ଜାନୁଆରୀ ୨୯ରେ ଘଟିଥିଲେ ମଧ୍ୟ ପୋଲିସ ଫେବୃଆରୀ ୨୪ରେ ଅନ୍ୱେଷଙ୍କ ମୃତଦେହ ମାଟିତଳୁ ଜବତ କରିଥିଲା। ପୋଲିସ ଜାଣିବାକୁ ପାଇଲା ଯେ, ମାଓବାଦୀମାନେ ସରକାରଙ୍କ ଘୋଷଣା ଅନୁସାରେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ମାଓବାଦୀଙ୍କୁ ଶୁକ୍ରୁ ଓ ତାର ସହଯୋଗୀ ସାଥୀ ଶୀଳା ଓ ନକୁଳଙ୍କ ସମେତ ଅନ୍ୟମାନେ ବାଟ ଓଗାଳୁଛନ୍ତି। ତେଣୁ ଏବେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶୁକ୍ରୁଙ୍କୁ ଚରମବାଣୀ ଶୁଣାଇଛି। ଦାରିଙ୍ଗବାଡ଼ି ଜଙ୍ଗଲରେ ଶୁକ୍ରୁ ଓ ତାଙ୍କର ଅନ୍ୟ ସାଥୀମାନେ ଲୁଚିଥିବା ଅନୁମାନ କରାଯାଇ ଅପରେଶନ ଶୁକ୍ରୁକୁ ଶକ୍ତିଶାଳୀ କରାଯାଇଛି। ଅଧିକ ସୁରକ୍ଷାକର୍ମୀ, ସନ୍ଧାନୀ କୁକୁରର ସହାୟତା ସହ ଥର୍ମାଲ ସେନ୍ସର ଡ୍ରୋନ୍‌କୁ ବ୍ୟବହାର କରାଯାଇ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଲାରେ ୧୬,୮୨୭ ଟିକାକରଣ ଲକ୍ଷ୍ୟ

## ଜିଲା ସ୍ତରୀୟ ହ୍ୟୁମାନ ପାପିଲୋମା ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ଼,୧।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗଠାରେ ଜିଲା ସ୍ତରୀୟ ହ୍ୟୁମାନ ପାପିଲୋମା ଟିକାକରଣ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଉପସ୍ଥିତ ଥିଲେ। ସେ ତାଙ୍କ ଅଭିଭାଷଣରେ ସର୍ଭାଇକାଲ କ୍ୟାନ୍ସର ପ୍ରତିରୋଧରେ ଏଚପିଭି ଟିକାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ ଏବଂ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରଦୀପ ପ୍ରସାଦ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା, ଜିଲା ଚିକିତ୍ସା ଅଧିକାରୀ (ଏମଏସ)ତଥା ସୁପରିଣ୍ଟେଣ୍ଡେଣ୍ଟ ଡା. ଅମର ଦାସ, ବିଶ୍ୱମ୍ବର ବେହେରା, ଡିପିଏମ, (ଏନଏଚଏମ)ବିଶ୍ୱମ୍ବର ବେହେରା, ଡିଏମଆର୍ସିଏଚ ଅଶୋକ ସାହୁ ଏବଂ ଏଏମ-ସିପି ରଜନୀକାନ୍ତ ମହାନ୍ତ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏସସି) ଗୁଡ଼ିକରେ ଟିକାକରଣ ସେସନ ଆୟୋଜିତ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ କୋଲ୍ଡ ଚେନ ପଏଣ୍ଟ ଗୁଡ଼ିକରେ ଏହା ବିସ୍ତାରିତ କରାଯିବ। ସୁନ୍ଦରଗଡ଼ ଜିଲା ପାଇଁ ମୋଟ ୧୬,୮୨୭ ଜଣ ଟିକାକରଣ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ଏହି ଅଭିଯାନ ୩ ମାସ ଧରି ଚାଲିବ ଏବଂ ପ୍ରତି କାର୍ଯ୍ୟଦିନ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ। ଏହି ଅବସରରେ ଏଠାରେ କୁମାରୀ ସୃଷ୍ଟି ଅଗ୍ରୱାଲ ପ୍ରଥମ ଲାଭାନ୍ୱିତା ଭାବେ ଏଚପିଭି ଟିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡିପିଏଚଓ ମହେନ୍ଦ୍ର ବାଗ, ଏମପିଏମ ସତ୍ୟବ୍ରତ ପାଣିଗ୍ରାହୀ, ଡିଭିଏଲଏମ ଦିଲିପ ସେଠୀ ଏବଂ ଏଡିପିଏଚସିଓ ତିରମଣୀ ପ୍ରଧାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା।



ଜିଲାସ୍ତରୀୟ ଏଚପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ।

# ବରସୁଆଁ, ବଣାଇଁ ଓ ଦର୍ଜିଂରେ ପଥପ୍ରାନ୍ତ ସଭା




## ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ଲୋକ ଅଧିକାର ଯାତ୍ରା

ବଣାଇଁ,୧।୩(ପ୍ରଦୀପ ତ୍ରିପାଠୀ)

ଜଳ, ଜଙ୍ଗଲ, ଜମି ଓ ଜୀବିକାର ସୁରକ୍ଷା ପାଇଁ ଓଡ଼ିଶାର ପ୍ରମୁଖ ସାମାଜିକକର୍ମୀ ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ଲୋକ ଅଧିକାର ଯାତ୍ରା ଚାଲିଛି। ଏହି ପରିପ୍ରେକ୍ଷୀରେ ରବିବାର ବରସୁଆଁ, ବଣାଇଁ ଓ ଦର୍ଜିଂରେ ପ୍ରଫୁଲ୍ଲଙ୍କ ନେତୃତ୍ୱରେ ଏକ ପଥପ୍ରାନ୍ତ ସଭା ଅୟୋଜିତ ହୋଇଯାଇଛି। ସମ୍ପ୍ରତି ଖଣ୍ଡାଧାର ଅଞ୍ଚଳକୁ ଆଦାନୀ ନେବା ପରେ ଉପୁଜିଥିବା ସମସ୍ୟା ସାଙ୍ଗକୁ ବ୍ୟାପକ ପରିବେଶ ନଷ୍ଟ ଉପରେ ସେ ଟିପ୍ପଣୀ ଦେଇଛନ୍ତି। କେବଳ ସେତିକି ନୁହେଁ, ଜନ ସହଯୋଗ ଅଭିପ୍ରାୟ ନେଇ ଚଳାଇଥିବା ଏହି ଅଭିଯାନକୁ ସମର୍ଥନ ମିଳିଲେ ଜଳ ଜଙ୍ଗଲ ଓ ଜମି ସୁରକ୍ଷିତ ରହିବ ତଥା ପରିବେଶ ବଞ୍ଚି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଅଭିଯାନର ଆଭିମୁଖ୍ୟ ପୁଞ୍ଜିପତି ଶିଳ୍ପପତିଙ୍କ ଜରିଆରେ ବିଦେଶକୁ ଆମ ପ୍ରାକୃତିକ ସମ୍ପଦକୁ ବିକ୍ରିରେ ରୋକ ପାଇଁ ଜନସମର୍ଥନ ଲୋଡ଼ା ଯାଉଛି ବୋଲି ସେ କହିଥିଲେ। ତାଙ୍କ ସହ ପରିବେଶବିତ, ଗାନ୍ଧୀବାଦୀ ନେତା ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡାକ୍ତର ବିଶ୍ୱଜିତ ରାୟ, ସାଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ସୁଶାନ୍ତ ମହାନ୍ତି, ରାଜୀବ କୁମାର, ସର୍ବେଶର ସାହୁ, ସୁକାନ୍ତ ପ୍ରଧାନ, ବିଜୟ ସିଙ୍କ ପ୍ରମୁଖ ସାମିଲ ଥିଲେ।

# ଶିବାଜୀ ଆଖଡ଼ାରେ ପତାକା, ଅସ୍ତ୍ର ପୂଜା

ରାଉରକେଲା,୧।୩(ସଙ୍ଗୀତା ଜେନା)

ଶ୍ରୀରାମ ନବମୀ ଏବଂ ଆଖଡ଼ା ଶୋଭାଯାତ୍ରା ପାଇଁ ରାଉରକେଲା ସହରରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ପରିପ୍ରେକ୍ଷୀରେ ରାଉରକେଲାର ପ୍ରମୁଖ ଆଖଡ଼ା ଶିବାଜୀ ମାର୍ଗର ଲାଲ୍ ବିଲ୍ଡିଂ ଗଲିରେ ଥିବା ଶିବାଜୀ ଆଖଡ଼ା ପାରମ୍ପରିକ ରୀତିନୀତି ସହିତ ପତାକା ଓ ଅସ୍ତ୍ରପୂଜା କରିଛି। ଶନିବାର ରାତିରେ ସଂଯୋଜକ ଦୀପକ ସୋନକରଙ୍କ ନେତୃତ୍ୱରେ କଲ୍ୟାଣୀ ଦେବୀ ସ୍କୁଲ ପରିସରରେ ମହାବୀର ପତାକା ପୂଜା କରାଯାଇଥିଲା। ଏହାପରେ ସ୍କୁଲ ପରିସର, ମୁଖ୍ୟ ରାସ୍ତାରେ ଢୋଲ ଏବଂ ଝାଞ୍ଜ ସହିତ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଆଖଡ଼ା ମହାରଥୀ ପ୍ରକାଶ ରାୟ ଏବଂ ଏମ୍‌ଡି ଶାହିଦଙ୍କ ତତ୍ତ୍ୱାବଧାନରେ ଅସ୍ତ୍ର ପୂଜା ସହ ଅଭ୍ୟାସ କରାଯାଇଥିଲା। ସୁବାଷ ବର୍ମା, ବ୍ରିଜେଶ ମହାତ୍ମା, ପ୍ରବୀଣ ଅଗ୍ରୱାଲ, ଟି. ଗଣେଶ, ତାରିଣୀ ନାୟକ, ବିରେନ ପତି ପ୍ରମୁଖ ଉପସ୍ଥିତ ଥିଲେ।



ଝଣ୍ଡା ପୂଜା ଅବସରରେ ଆଖଡା ପ୍ରଦର୍ଶନ କରାଯାଉଛି।

# ଦୁଷ୍ମନ୍ତ ସୁନା, ନୂପୁର ମଲ୍ଲିକଙ୍କ ଗୀତରେ ଦର୍ଶକ ବିଭୋର

## ଫଗୁନପୁନି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ବୀରମହାରାଜପୁର,୧।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପରେ ଫଗୁନପୁନି ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସାଂସ୍କୃତିକ କମିଟି ଅଧ୍ୟକ୍ଷ ତଥା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥିଭାବେ ବିନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ବୀରମହାରାଜପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଯୁବ ସମାଜସେବୀ ପ୍ରେମାନନ୍ଦ ଜଟି, କିଶୋର କୁମାର ହୋତା, ସତ୍ୟଞ୍ଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବିବଶ୍ୱତି ପଣ୍ଡା, ବିଷ୍ଣୁ ଚରଣ ପଣ୍ଡା,ମନ ରଞ୍ଜନ ତରିଆ ସଞ୍ଜିବ ଦେହୁରୀ , ସୁବ୍ରତ ମହାକୁଡ଼, ଦାମୋଦର ହୋତା, ସୁରୁ ନାରାୟଣ ମହାକୁଡ଼ ଯୋଗଦେଇଥିଲେ। ବୀରମହାରାଜପୁର ଦୋଳଯାତ୍ରା ବା ଫଗୁନ ପୁରି ରାଜ୍ୟ ତଥା ରାଜ୍ୟ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ କହିଥିଲେ। ଅବିନାଶ ହୋତା ସାଂସ୍କୃତିକ ସଭା ସଂଯୋଜନା କରିଥିଲେ। ନାମଯଜ୍ଞ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଷ୍ମନ୍ତ ସୁନା ଓ ନୁପୁର ମଲ୍ଲିକଙ୍କ ଗୀତରେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭୋର ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧାପକ ସତ୍ୟ ନାରାୟଣ ଦାସ ପରିଚାଳନା କରିଥିଲେ।


# Classified Everyday
0674-2580101, 9692975378



REAL ESTATE

## SALE

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି **immediate** ଘର କରନ୍ତୁ। **9439363944.** D-3495

***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

## AFFIDAVIT

I, Dwarikanath Padhi, S/o.-Late Balakrushna Padhi, resident of Ward No. 2, Banibihar 3rd Lane, P.O./P.S.- Aska, Dist.- Ganjam, Odisha, PIN- 761110 declare by this affidavit No. 1233 Dtd.- 28.02.2026 that now onwards I shall be known as DWARIKA NATH PADHY for all future purposes. D-3517

By virtue of an affidavit sworn before the Notary Public, Bhubaneswar, I, Shankuni Kanhar, father of Birupakhya Kanhar who is a minor has changed the name of my son from "A. BIRUPASHYA KANHAR" to "BIRUPAKHYA KANHAR" as per the birth certificate. Henceforth, the name of my son shall be known as "BIRUPAKHYA KANHAR" for all purposes and for correction in the Aadhaar issued by Unique Identification Authority of India. D-3518


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କେଦାରନାଥ ସ୍ୱାଇଁ
ଗଜପତିନଗର, ବାଣୀବିହାର, ଭୁବନେଶ୍ୱର
ଆବିର୍ଭାବ: ୨୩।୧୦।୧୯୪୩
ତିରୋଧାନ: ୨୦।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୧

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ ହରେକୃଷ୍ଣ ମହାନ୍ତି
Qtr. No. IVR- PF- 19, Unit- 6, Bhubaneswar
ଆବିର୍ଭାବ- ୧୪।୦୪।୧୯୪୩
ତିରୋଧାନ- ୦୭।୦୩।୨୦୧୨
ଆଜିର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୫୧୯

### ଶ୍ରଦ୍ଧାଞ୍ଜଳି



୰ ବିନୋଦିନୀ ପଟ୍ଟନାୟକ
ନବକଳେବର ରୋଡ ନୂଆସାହି, ପୁରୀ
ଆବିର୍ଭାବ- ୨୨।୦୫।୧୯୫୦
ତିରୋଧାନ- ୨୦।୦୨।୨୦୨୬
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୪

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁ ପାଢୀ
ଆବିର୍ଭାବ: ୧୨।୦୭।୧୯୪୭
ତିରୋଧାନ: ୧୯।୦୨।୨୦୨୬
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ ।
ଆଜି ୦୨।୦୩।୨୦୨୬ ସୋମବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଈଶ୍ୱର ପ୍ରାପ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ ବିମଳା, ନୂଆବୋହୂ ଇନ୍ଦୁମତୀ, ଭଉଣୀ- ରେବ, ନଖୀ, ପ୍ରଭାତୀ, ପୁଅ- ମିହିର, ସମୀର, ପପୁ, ସିପୁ, ସିଲୁ, ବୋହୂ- ମିନୁଆ, କୁନି, ବେବୀ, ଶୁଭ, ଗୁଡି, ଝିଅ- ଫୁକୁ, ମମତା, ହିପି, ଚୁମୁକି, ଲିଲି, ଜ୍ୱାଇଁ- ଶଙ୍କର, କୁନା, ତାରିଣୀ, ବାବୁ, ଲିପୁ, ନାତି- ମିକୁନ, ଶିଷ୍ଟୁ, ଗୁଡ୍ଡୁ, ଜୁଡ୍ଡୁ, ଚନ୍ଦନ, ରୁଦ୍ର, କ୍ରିଷ୍ଣା, ରାମ, ନିଶାନ୍ତ, ନାତୁଣୀ- ଲିମା, ଲିକା, କାଜଲ, ଥୁକୁଲୁ, ସାଇପ୍ରିୟା, ଭଣଜା- ରବି, ବାବୁନି, ଟିକିନା, ବାପି, ଭାଣିଜୀ- ସବିତା, ଲିପି, ବୁଢୀ, ଝିଲନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୨

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶୁଶିଳା ପଣ୍ଡିତ୍
ଆବିର୍ଭାବ : ୦୧।୧୧।୧୯୪୦
ତିରୋଧାନ : ୧୯।୦୨।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୩୫୨୦

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମି , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।


# ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ମହିଳା ପୁରୁଷମାନେ ଜଳପୂର୍ଣ୍ଣ କଳସ ଧରି ଆସୁଛନ୍ତି।

ହରଭଙ୍ଗା,୧।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ଼ ଗ୍ରାମପଞ୍ଚାୟତର ପଲସାପାଟ ଗ୍ରାମରେ ରବିବାର ଚବିଶ ପ୍ରହର ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ରାମଗଡ଼ ଶିବ ମନ୍ଦିର ନିକଟ ମହାନଦୀ ଘାଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ ଓ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ପୂଜକ ଉମେଶ ଯୋଶୀ ପୂଜାର୍ଚ୍ଚନା କରିବା ପରେ ମହିଳା ପୁରୁଷ ଜଳପୂର୍ଣ୍ଣ କଳସ ଧରି ନାମଯଜ୍ଞ ସ୍ଥଳକୁ ଶୋଭାଯାତ୍ରାରେ ଆସି ସ୍ଥାପନ କରିଥିଲେ। ଏହାପରେ ଅଧିବାସ ହୋଇଥିଲା। ଏଥିରେ ରବିନ୍ଦ୍ର ପାତ୍ର ଓ ତାଙ୍କ ସ୍ତ୍ରୀ ଅମ୍ବିକା ପାତ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ୨ ତାରିଖରେ ନାମଯଜ୍ଞର ପୂର୍ଣ୍ଣାହୁତି ଓ ଦଧିହାଣ୍ଡି ଭଞ୍ଜନ ସହ ସଂକୀର୍ତ୍ତନ ବୈଠକୀ ଆୟୋଜିତ ହେବ।

# ବ୍ରାଇଟ ମାଇଣ୍ଡ ଡାଇମେନଶନ ସ୍କୁଲର ବାର୍ଷିକୋତ୍ସବ

ବଘିଆପଡା,୧।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡାର ବ୍ରାଇଟ ମାଇଣ୍ଡ ଡାଇମେନସନ ସ୍କୁଲର ୧୨ତମ ବାର୍ଷିକୋତ୍ସବ ବୌଦ୍ଧ ଟାଉନହଲସ୍ଥିତ ଭିକାରୀ କଳା ମଣ୍ଡପରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳକ ବିନୟ କୁମାର କରଡ଼ିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମାନବାଧିକାର କମିଶନ୍‌ର ସମ୍ପାଦକ ମଧୁମିତା ଖଟାଇ ମୁଖ୍ୟ ଅତିଥି, ମାନବାଧିକାର କମିଶନ ଉପଦେଷ୍ଟା ଡଃ ସୁଶୀଲ କୁମାର ମହାନ୍ତି, ଡାଇମେନଶନ ଏଜୁକେଶନ ଟ୍ରଷ୍ଟ ନିର୍ଦ୍ଦେଶକ କମଳାକାନ୍ତ ସାହୁ, ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜମିଲା କବିତା ଆସର

## ଦେଶଫାଲ୍ ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୀରମହାରାଜପୁର,୧।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଦେଶଫାଲ ପଡିଆଠରେ ଚାଲିଥିବା ଦେଶଫାଲ୍ ଲୋକକଳା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅପରାହ୍ନରେ କବିତା ପାଠୋତ୍ସବ ହୋଇଥିଲା। ଅତିଥିଭାବେ ସୋନପୁର ମହାନଦୀ ସାହିତ୍ୟ ସଂସଦ ସଭାପତି ଡ଼ ସୌରଭ ରଞ୍ଜନ ଖମାରୀ, ବୀରମହାରାଜପୁର ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଡ଼ ଦ୍ୱିତିକୃଷ୍ଣ ପଣ୍ଡା, ବିନିକା ବିଇଓ ଲକ୍ଷ୍ମଣ ମିଶ୍ର ଯୋଗଦେଇଥିଲେ। ଗବେଷକ ଡ଼ ଅନିରୁଦ୍ଧ କୁରକୁରିଆ ଏବଂ ଅଧାପିକା ଦେବଯାନୀ ମେସ୍ୱାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠତ୍ସବରେ ୨୦ଜଣ କବୟିତ୍ରୀକବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ହୋଟେଲ ମାଲିକ ସଂଘ ସଭାପତି ଅରବିନ୍ଦ ବାରିକ, ସାମାଜିକ କର୍ମୀ ଶରତ ଚନ୍ଦ୍ର ମହାପାତ୍ର, ନିଶାନ୍ତ ମହାନ୍ତି, ଓଲିଉଡ଼ ଅଭିନେତ୍ରୀ ପ୍ରିୟଙ୍କା ସାହୁ ଅତିଥିଭାବେ ଯୋଗଦେଇଥିଲେ। ପରେ ଆୟୋଜକ କମିଟି ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଯୋଗଦେଇଥିଲେ। ବକ୍ତାଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ସମ୍ମାନୀତ ଅତିଥିଭବେ ସୋନପୁର ପୌରପରିଷଦ ଅଧ୍ୟକ୍ଷା ତାମସି ତାମସ୍ୱିତା ନାଏକ, ସ୍ଥାନୀୟ ସରପଞ୍ଚ କେଶନ ଜଗଦଲା ଯୋଗଦେଇଥିଲେ । ମୁନା ମହାରଣାଙ୍କୁ ଦେଶଫାଲ୍ କଳା ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅମିୟ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ ଦ୍ୱିତିକୃଷ୍ଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ହୃଷୀକେଶ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କୋଲାବିରା,(ସଞ୍ଜୟ ପୂଜାରୀ): ଝାରସୁଗୁଡ଼ା ଜିଲା କୋଲାବିରା ଗ୍ରାମ ତେଲଙ୍ଗାନା ପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କଳସ ଯାତ୍ରା ସହ ଅଧିବାସ, ଶନିବାର ନାମଯଜ୍ଞ ଅନୁଷ୍ଠିତ ହୋଇ ରବିବାର ଶେଷ ହୋଇଥିଲା। ନଗର କୀର୍ତ୍ତନ ଓ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। କମଳ ଧୁରୁଆ ଓ ପଙ୍କଜିନୀ ଧୁରୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରେଙ୍ଗାଲବେଡ଼ା, ତରେଇକେଲା, ଦଳକି, ସମାସିଂହା, କୁଲିହାମାଲ, କୋଲାବିରା, ଭୋଗରାପାଲି ଆଦି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ନିଜ ସମର୍ଥକଙ୍କ ସହିତ ଯୋଗଦେଇଥିଲେ। ନାମଯଜ୍ଞ କମିଟିର ପଙ୍କଜିନୀ ସମର୍ଥା, ରାନା ସାହୁ, ସୁକାନ୍ତି ସାହୁ, ସସ୍ମିତା କୁମୁରା ସହଯୋଗ କରିଥିଲେ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିଲ୍ଲୀରୁ ଗିରଫ ହେଲେ ୨ ଅଭିଯୁକ୍ତ

**ସମ୍ବଲପୁର,୧।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସାଇବର ପୋଲିସ ଏକ ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଛି। ସେମାନେ ହେଲେ ଦିଲ୍ଲୀ ନରେଲା ଅଞ୍ଚଳର ଜଗଦୀଶ କୁମାର(୪୪) ଓ ମାଲକାଗଞ୍ଜ ରାଜପୁରା ଅଞ୍ଚଳର ରାମ ଆଶେ(୩୯)। ସେମାନଙ୍କ ନିକଟରୁ ପୋଲିସ ଲାପଟପ୍, ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ, କ୍ରେଡିଟ୍, ଡେବିଟ୍, ଏଟିଏମ୍ କାର୍ଡ ଓ ନଗଦ ରାଶି ଜବତ କରିଛି।

ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଡ. ଶଶାଙ୍କଶେଖର ବେଉରାଙ୍କ ସୂଚନା ଅନୁଯାୟୀ, ଜିଲାର ବିଭିନ୍ନ ବ୍ୟାଙ୍କରେ ଥିବା ସନ୍ଦେହଜନକ ମ୍ୟୁଲ୍ ଆକାଉଣ୍ଟଗୁଡ଼ିକର ଯାଞ୍ଚ ସମୟରେ ବାମରା ଗୋବିନ୍ଦପୁରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାର ଏକ ଆକାଉଣ୍ଟ ପୋଲିସ ନଜରକୁ ଆସିଥିଲା। ଅଚ୍ୟୁତାନନ୍ଦ ପଟେଲ୍ ନାମକ ଜଣେ ବ୍ୟକ୍ତିଙ୍କ ମାଲିକାନାରେ ସୁନୁଶୀ ଏଗ୍ରୋ ପ୍ରାଇଭେଟ ଲିମିଟେଡ ନାମରେ ଥିବା ଆକାଉଣ୍ଟରେ କମ୍ ସମୟ ମଧ୍ୟରେ ପ୍ରାୟ ୨୦ ଲକ୍ଷରୁ ଅଧିକ ଟଙ୍କାର କାରବାର ହୋଇଥିଲା। ପୋଲିସ ଏହି ଆକାଉଣ୍ଟର ମାଲିକ ପଟେଲଙ୍କୁ ପଚରାଉଚରା କରିବା ପରେ ସେ ଏକ ବଡ଼ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲା। ଠକମାନେ ପ୍ରଥମେ ହ୍ୱାଟସ୍‌ଆପ୍ କଲ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। କୃଷି ଯନ୍ତ୍ରପାତି ବାବଦକୁ ଠକମାନେ ଦୁଇଟି ଦଫାରେ ୫୦ଟି ସେଟ୍‌ରେ କୃଷି ଯନ୍ତ୍ରପାତି(ଫସଲ କଟା ମେଶିନ୍) କ୍ରୟ ପାଇଁ ପାଇଁ ତାଙ୍କୁ ଅର୍ଡର ଦେଇଥିଲେ। ଏହାସହ ଅଗ୍ରୀମ ଭାବେ ୨୦୨୫ ଅଗଷ୍ଟ ୫ରୁ ୧୪ମଧ୍ୟରେ ତାଙ୍କ ଆକାଉଣ୍ଟକୁ ପ୍ରାୟ ୨୦ଲକ୍ଷ ୭୦ହଜାର ଟଙ୍କା ପଠାଯାଇଥିଲେ। ଏହାପରେ ଠକମାନେ କୋଲକାତାରେ ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟଜନିତ ସମସ୍ୟା ଦର୍ଶାଇ ଟଙ୍କା ମାଗିବା ସହ ପଟେଲଙ୍କୁ କୋଲକାତା ଡାକିଥିଲେ। ଏଥିରେ ବିଶ୍ୱାସ ରଖି ପଟେଲ କୋଲକାତା ଯାଇ ସେମାନଙ୍କୁ ନଗଦ ୧୩ ଲକ୍ଷ ଟଙ୍କା ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ କାଳରେ ଅଭିଯୁକ୍ତମାନେ ଚଞ୍ଚକତା ପୂର୍ବକ ପଟେଲଙ୍କଠାରୁ ଟଙ୍କା ହଡ଼ପ କରିବାକୁ ଲାଗିଲେ। ତେବେ ଅଗ୍ରୀମ ବାବାଦ ଟଙ୍କାରୁ ଅଭିଯୁକ୍ତମାନେ ଢେର ଅଧିକ ଟଙ୍କା ନେଇ ଯାଇଥିଲେ। ପରେ ସେ ଠକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏଭଳି ସନ୍ଦେହାତ୍ମକ କାରବାର ଯୋଗୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ଲକ ହୋଇ ଯାଇଥିଲା। ଏହା ଦେଖି ଅଭିଯୁକ୍ତମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରି ଦେଇଥିଲେ। ନିଜକୁ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଫିସରଭାବେ ପରିଚୟ ଦେଇ ପଟେଲଙ୍କ ଆକାଉଣ୍ଟ ଫ୍ରିଜ୍ କରିବାର ଧମକ ଦେଇ ତାଙ୍କଠାରୁ ଅଧିକ ଟଙ୍କା ଆଦାୟ କରିବାକୁ ଲାଗିଥିଲେ। ଏଥିରେ ଅତିଷ୍ଠ ହୋଇ ସେ ଗତ ଫେବୃଆରୀ ୨୮ତାରିଖରେ ସମ୍ବଲପୁର ସାଇବର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ସାଇବର ଥାନାରେ ଏକ ମାମଲା(ନଂ.୬/୨୬)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।


ସାଇବର ଥାନା ପୋଲିସ ଦ୍ୱାରା ଗିରଫ ୨ ସାଇବର ଠକ।

**ସାଇବର ଠକେଇ ଘଟଣା**

# ଅଷ୍ଟମ ବାର୍ଷିକ ଶିକ୍ଷୟିତ୍ରୀଶିକ୍ଷକ ସମାବେଶ



ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକ।

**ଜମନକିରା,୧।୩(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକସ୍ତରୀୟ ୮ମ ବାର୍ଷିକ ଶିକ୍ଷୟିତ୍ରୀଶିକ୍ଷକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଶ୍ରୀକାନ୍ତ ପଟେଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ଯୋଗଦେଇ ଶିକ୍ଷା ଓ ଶିକ୍ଷା ନୀତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦାୟିତ୍ୱ ବିଷୟରେ ବୁଝାଇଥିଲେ। ସମ୍ମାନୀତ ଅତିଥିଭାବେ ସମ୍ପାଦକ କାର୍ତ୍ତିକ କିସାନ, ପୁରୁଣା ପେନସନ ଶିକ୍ଷକ ସଂଘ ସଭାପତି ପ୍ରଣବ କୁମାର ପଟେଲ, ନୂତନ ପେନସନ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ପଣ୍ଡା, ଗଣ ଶିକ୍ଷକ ସଂଘ ସଭାପତି ନରହରି ବେହେରା ମଞ୍ଚାସୀନ ଥିଲେ। ଅତିଥିଗଣ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଶିକ୍ଷକ ସଂଘର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସିଆରସି ପ୍ରତାପ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ବାନିଶ୍ରୀ ମିଶ୍ର ଓ ମଧୁମିତା ସାହୁ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅମୃତ ବାଘ, ବାର୍ତାଲ ମୁଣ୍ଡା, ଲୋହିତ ନନ୍ଦ ବେହେରା, ସତ୍ୟ ସୁନ୍ଦର ପାଗଳ, ଦେବାର୍ଚ୍ଚନ ଠାକୁର, କେଦାର ଚରଣ ବାରିକ, ଶ୍ରୀବତ୍ସ ପ୍ରଧାନ, ସଦାଶିବ ସାହୁ, ପ୍ରଶାନ୍ତ ନାୟକ ଏବଂ ଭରତ ନାଥଙ୍କୁ ସମ୍ମାନୀତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବୀଣା ପଟେଲ ଓ ମଞ୍ଜୁରାଣି ପାଣିଗ୍ରାହୀଙ୍କୁ ସମ୍ମାନୀତ କରାଯାଇଥିଲା। କଣ୍ଠଶିଳ୍ପୀ ତଥା ଶିକ୍ଷୟିତ୍ରୀ ସୁସ୍ମିତା ନାୟକ, ସାଗରିକା ଜର୍ଡିଆ, ଶିକ୍ଷକ ପଞ୍ଚାନନ ମହାନନ୍ଦିଆ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ ବହିଦାର ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସୁକାନ୍ତ ପଟେଲଙ୍କ ରଚିତ ନାଟକ ଏବଂ ନେତ୍ରାନନ୍ଦ ପୃଷ୍ଠେଠଙ୍କ ନିର୍ଦ୍ଦେଶନାରେ ରଚିତ ନାଟକ ସବୁକଥା ଇନେ ପରିବେଷଣ ହୋଇଥିଲା।

# କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ଦଳ।

**ସମ୍ବଲପୁର,୧।୩(ବି.ଶଙ୍କର)**

**ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ**

ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ୧୪ ତମ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ରାତି ୯ଟା ୩୦ରେ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫାଇନାଲ ମ୍ୟାଚ କେରଳ ପୋଲିସ ବନାମ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ମଧ୍ୟରେ ହୋଇଥିଲା। ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ରହିବାରୁ ରେଫରୀ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଏଥିରେ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ପାଦକ ଅତନୁ ଘୋଷଙ୍କ ସଂଯୋଜନା ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ନାଉରୀ ନାୟକ, ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଏସପି ମୁକେଶ କୁମାର ଭାମୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୫ଲକ୍ଷ ସହ ଟ୍ରଫିସ ଏବଂ ରନର ଅପ ଦଳକୁ ୩ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।


# Classified Everyday
0674-2580101, 9692975378


REAL ESTATE

**SALE**

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

**AFFIDAVIT**

I, Dwarikanath Padhi, S/o.- Late Balakrushna Padhi, resident of Ward No. 2, Banibihar 3rd Lane, P.O./ P.S.- Aska, Dist.- Ganjam, Odisha, PIN- 761110 declare by this affidavit No. 1233 Dtd.- 28.02.2026 that now onwards I shall be known as DWARIKA NATH PADHY for all future purposes. D-3517

By virtue of an affidavit sworn before the Notary Public, Bhubaneswar, I, Shankuni Kanhar, father of Birupakhya Kanhar who is a minor has changed the name of my son from "A. BIRUPASHYA KANHAR" to "BIRUPAKHYA KANHAR" as per the birth certificate. Henceforth, the name of my son shall be known as "BIRUPAKHYA KANHAR" for all purposes and for correction in the Aadhaar issued by Unique Identification Authority of India. D-3518

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କେଦାରନାଥ ସ୍ୱାଇଁ**
ଗଜପତିନଗର, ବାଣୀବିହାର, ଭୁବନେଶ୍ୱର
ଆବିର୍ଭାବ: ୨୩।୧୦।୧୯୪୩
ତିରୋଧାନ: ୨୦।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୧

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ହରେକୃଷ୍ଣ ମହାନ୍ତି**
Qtr. No. IVR- PF- 19, Unit- 6, Bhubaneswar
ଆବିର୍ଭାବ- ୧୪।୦୪।୧୯୪୩
ତିରୋଧାନ- ୦୭।୦୩।୨୦୧୨
ଆଜିର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୫୧୯

**ଶ୍ରଦ୍ଧାଞ୍ଜଳି**



**୰ ବିନୋଦିନୀ ପଟ୍ଟନାୟକ**
ନବକଳେବର ରୋଡ ନୂଆସାହି, ପୁରୀ
ଆବିର୍ଭାବ- ୨୨।୦୫।୧୯୫୦
ତିରୋଧାନ- ୨୦।୦୨।୨୦୨୬
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁ ପାଢ଼ୀ**
ଆବିର୍ଭାବ: ୧୨।୦୭।୧୯୪୭
ତିରୋଧାନ: ୧୯।୦୨।୨୦୨୬
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ। ଆଜି ୦୨।୦୩।୨୦୨୬ ସୋମବାର ଦ୍ୱାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଈଶ୍ୱର ପ୍ରାପ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ ବିମଳା, ନୂଆବୋହୂ ଇନ୍ଦୁମତୀ, ଭଉଣୀ- ରେବ, ନଖୀ, ପ୍ରଭାତୀ, ପୁଅ- ମିହିର, ସମୀର, ପପୁ, ସିପୁ, ସିଲୁ, ବୋହୂ- ମିନୁଆ, କୁନି, ବେବୀ, ଶୁଭ, ଗୁଡି, ଝିଅ- ଫୁକୁ, ମମତା, ହିପି, ଚୁମୁକି, ଲିଲି, ଜ୍ୱାଇଁ- ଶଙ୍କର, କୁନା, ତାରିଣୀ, ବାବୁ, ଲିପୁ, ନାତି- ମିକୁନ, ଶିଣ୍ଟୁ, ଗୁଡୁ, ଜୁଡୁ, ଚନ୍ଦନ, ରୁଦ୍ର, କ୍ରିଷ୍ଣା, ରାମ, ନିଶାନ୍ତ, ନାତୁଣୀ- ଲିମା, ଲିକା, କାଜଲ, ଥୁକୁଲୁ, ସାଇପ୍ରିୟା, ଭଣଜା- ରବି, ବାବୁନି, ଟିକିନା, ବାପି, ଭାଣିଜୀ- ସବିତା, ଲିପି, ବୁଢ଼ୀ, ଝିଲନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶୁଶିଳା ପଣ୍ଡିତ୍**
ଆବିର୍ଭାବ : ୦୧।୧୧।୧୯୪୦
ତିରୋଧାନ : ୧୯।୦୨।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୩୫୨୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡ଼. ମାୟା ନନ୍ଦ**
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।


# ତ୍ରିବିକ୍ରମ୍ ସଭାପତି, ଭବାନୀ ସାଧାରଣ ସମ୍ପାଦକ

**ସମ୍ବଲପୁର,୧।୩(ପ୍ରମୋଦ ବହିଦାର)**

**ସମ୍ବଲପୁର ପ୍ରେସ୍ କ୍ଲବ୍ ନିର୍ବାଚନ**

ଆନେକ ବାଦ ବିବାଦ ପରେ ଦୀର୍ଘ ୮ ବର୍ଷର ବ୍ୟବଧାନରେ ସମ୍ବଲପୁର ପ୍ରେସ୍ କ୍ଲବର ନିର୍ବାଚନ ଶେଷ ହୋଇଛି। ଏଥିରେ ସଭାପତି ଭାବେ ତ୍ରିବିକ୍ରମ୍ ପ୍ରଧାନ ଓ ସାଧାରଣ ସମ୍ପାଦକ ଭାବେ ଭବାନୀ ଶଙ୍କର ଭୋଇ ନିର୍ବାଚିତ ହୋଇଛନ୍ତି। ଦୁଇ ଉପସଭାପତି ଭାବେ ନରେଶ ସେଠ୍ ଓ ବିରାଜ କୁମାର ମିଶ୍ର, ଦୁଇ ଯୁଗ୍ମ ସମ୍ପାଦକ ଅମଳେନ୍ଦୁ ନାୟକ ଓ ଅନୀଲ ଶ୍ରୀରାମକା ନିର୍ବାଚିତ ହୋଇଛନ୍ତି। ଦେବେନ୍ଦ୍ର ମିଶ୍ର ଓ ଜଶବିର ସିଂ ନିର୍ଦ୍ୱନ୍ଦ୍ୱରେ କାର୍ଯ୍ୟକାରିଣୀ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ କୋଷାଧ୍ୟକ୍ଷ ପଦବୀ ପାଇଁ ଦୁଇ ପ୍ରାର୍ଥୀ ବ୍ୟୋମକେଶ ପଣ୍ଡା ଓ ସୁବ୍ରତ ମିଶ୍ରଙ୍କ ମଧ୍ୟରେ ଟାଇ ହୋଇଥିଲା। ଉଭୟେ ୩୬ଟି ଲେଖାଏ ଭୋଟ୍ ପାଇଥିଲେ। ପରେ ବ୍ୟୋମକେଶ ଓହରି ଯିବାରୁ ସୁବ୍ରତ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରେସ୍ କ୍ଲବ୍ ନୂଆ ପୁରୁଣା ମିଶି ମୋଟ ୯୩ ଜଣ ସଦସ୍ୟଙ୍କ ମଧ୍ୟରୁ ୭୩ ଜଣ ସଦସ୍ଯ ଭୋଟ ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ନାକଚ ହୋଇଥିଲା। ଏଥିରେ ଯୁଗ୍ମସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଅମଳେନ୍ଦୁ ନାୟକ ୬୧ଟି ଭୋଟ୍ ପାଇ ନିର୍ବାଚନ ଚାମ୍ପିୟନ ହୋଇଛନ୍ତି। ନିର୍ବାଚନକୁ ସମ୍ବଲପୁର ଓକିଲ ସଂଘ ସଦସ୍ୟ ଅଶୋକ କୁମାର ସେନାପତି, ସୁନୀଲ କୁମାର ମିଶ୍ର, ବୈସମ୍ପାୟନ ଆଚାର୍ଯ୍ୟ ଓ ଦିପ୍ତିକାନ୍ତ ଠାକୁର ନିର୍ବାଚନ ଅଧିକାରୀ ନିର୍ବାଚନକୁ ପରିଚାଳନା କରିଥିଲେ। ପ୍ରେସ୍‌କ୍ଲବର ସମ୍ବିଧାନ ଅନୁଯାୟୀ ନୂତନ ସଦସ୍ୟଙ୍କ ଭୋଟ୍‌ଦାନକୁ ନେଇ ବିବାଦ ଦେଖାଦେଇଥିଲା। ପରେ ବରିଷ୍ଠ ସଦସ୍ୟଙ୍କ ହସ୍ତକ୍ଷେପ ପରେ ନିର୍ବାଚନ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ମାତ୍ର କେତେକ ସଦସ୍ୟ ନିର୍ବାଚନକୁ ବର୍ଜନ କରି ଭୋଟ୍ ଦେଇ ନ ଥିଲେ।

# ଆଇନ ମହାବିଦ୍ୟାଳୟ ହୀରକ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା



ଆୟୋଜିତ ବିବିଧ ପ୍ରତିଯୋଗିତାର ବିଚାରକ ଓ ଅତିଥିଙ୍କ ସହ କୃତୀମାନେ।

**ସମ୍ବଲପୁର,୧।୩(ବି.ଶଙ୍କର)**

ଲଜପତ ରାୟ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ଚଳିତବର୍ଷ ହୀରକ ଜୟନ୍ତୀ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରବିବାର ମହାବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, ଗୀତ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବିଜୟାନନ୍ଦ ବେହେରା, ଆଲୁମ୍‌ନି ସଭାପତି ତଥା ସରକାରୀ ଓକିଲ ସତ୍ୟନାରାୟଣ ପଣ୍ଡା, ସିପ୍ରା ମହାନ୍ତି, ପ୍ରକାଶ ଶତପଥୀ, ଚନ୍ଦ୍ର ମହାନ୍ତି, ଚନ୍ଦ୍ର ପୁରୋହିତ, ଡ. ଲକ୍ଷ୍ମୀକାନ୍ତ ଦାଶ, ଅଶ୍ୱିନୀ ପାଢ଼ୀ, ପ୍ରଶାନ୍ତ ପ୍ରଧାନ, ସୁତପା ମିତ୍ର ପ୍ରମୁକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୃତ୍ୟଗୁରୁ ଅସୀମ ପ୍ରଧାନ, ସିମାନ୍ତିକା ଦାସ, ପ୍ରେମାନନ୍ଦ ମହାକୁଡ଼, ଶ୍ରାଣୀ ରଖିତ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସନ୍ତୋଷ କୁମାର ମିଶ୍ର, ଶ୍ରୀନୁ ଦାସ, ଦେବସ୍ମିତା ମିଶ୍ର, ସରିତା ରାୟ ବିଚାରକ ଥିଲେ। ସବ ଜୁନିୟର ନୃତ୍ୟରେ ସମରିଧି ଶର୍ମା ପ୍ରଥମ, ଧାୱନୀ ଶର୍ମା ଦ୍ୱିତୀୟ, ସମରିଧି ପାଢ଼ୀ ତୃତୀୟ, ଅସିମା ତ୍ରିପାଠୀ ଚତୁର୍ଥ ଓ ରୁଦ୍ରାଂଶ ବିଶ୍ୱାଳ ପଞ୍ଚମ ହୋଇଛନ୍ତି। ସେହିପରି ଜୁନିୟର ବିଭାଗରେ ଶ୍ରେୟଆଶ୍ରୀ ମିର୍ଦ୍ଧା ପ୍ରଥମ, ସୁଜଳ ସାଇକ୍ରିଷ୍ଣା ବେହେରା ଦ୍ୱିତୀୟ, ସାଇ ସୌମୀକ୍ଷା ରାଉତ ତୃତୀୟ, ଦିବ୍ୟାଂଶୀ ରାଉତ ଚତୁର୍ଥ ଓ ଅନ୍ୱେଷା ଉପାସନା ବାଗ ପଞ୍ଚମ ସ୍ଥାନ ପ୍ରାପ୍ତ କରିଥିଲେ। ସିନୟର ବିଭାଗରେ ସୁନନ୍ଦା ମରେଇ ପ୍ରଥମ, କ୍ଷମାମୟୀ ମହାକୁଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସବଜୁନିୟର ଗୀତ ପ୍ରତିଯୋଗିତାରେ ଭୁବଂଶୀ ମହାନ୍ତି ପ୍ରଥମ, ଦିକ୍ଷିତା ଗୋହିଲ ଦ୍ୱିତୀୟ, ଜୁନିୟର ବର୍ଗ ଗୀତରେ ଏ.ମିଶ୍ର ପ୍ରଥମ, ସାହିଲ ବେହେରା ଦ୍ୱିତୀୟ, ଲିପନସି ମହାନ୍ତି ତୃତୀୟ, ଆୟେଷା ରାଣୀ କିଣ୍ଡୋ ଚତୁର୍ଥ, ପ୍ରୀୟାନସି ଅସ୍ମିତ କୌର ପଞ୍ଚମ ସ୍ଥାନ ଅଧିକୃତ କରିଥିଲେ। ସିନୟର ବର୍ଗ ଗୀତ ପ୍ରତିଯୋଗିତାରେ ଅର୍ଚ୍ଚିକା ପ୍ରୀୟଦର୍ଶନୀ ପଣ୍ଡା ପ୍ରଥମ, ଶ୍ୟାମ ପୂଜାରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ପାଦକ ତଥା ମୁଖ୍ୟ ସଂଯୋଜକ ଦୁର୍ଗା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# କାଇରାଲିଟିଃ ପ୍ରକୃତିର ରହସ୍ୟମୟ ସ୍ୱାକ୍ଷର


ପ୍ର. ହିମାଂଶୁ ଶେଖର ବିଶ୍ୱାଳ

''ପୃଥକୀକରଣ ଓ ଆସିମେଟ୍ରିକ ସିନ୍ଥେସିସ ଏହି ଯମଜ ଅଣୁଗୁଡ଼ିକୁ ପୃଥକ୍ କରିବା ବଡ଼ କଷ୍ଟକର, କାରଣ ସେମାନଙ୍କ ଓଜନ ଓ ଗଣନାଙ୍କ ସମାନ। ବୈଜ୍ଞାନିକମାନେ ଏଥିପାଇଁ 'ତାଲା-ଚାବି' ପଦ୍ଧତି (କାଇରାଲ କ୍ରୋମାଟୋଗ୍ରାଫି) କିମ୍ବା ଏନଜାଇମର ସାହାଯ୍ୟ ନିଅନ୍ତି। ତେବେ ସର୍ବୋତ୍ତମ ପଦ୍ଧତି ହେଉଛି 'ଆସିମେଟ୍ରିକ ସିନ୍ଥେସିସ', ଯେଉଁଠାରେ ବିଶେଷ ପ୍ରକ୍ରିୟା ମାଧମରେ ପ୍ରଥମରୁ ହିଁ କେବଳ ଗୋଟିଏ ଦରକାରୀ 'ହାତ'ର ଅଣୁ ପ୍ରସ୍ତୁତ କରାଯାଏ।''






କାଇରାଲିଟି ହେଉଛି ପ୍ରକୃତିର ଏକ ଅଦ୍ଭୁତ ତଥା ରହସ୍ୟମୟ ଗୁଣ। ଗ୍ରୀକ୍ ଶବ୍ଦ 'cheir' (ହାତ)ରୁ ଆସିଥିବା ଏହି ଶବ୍ଦର ସରଳ ଅର୍ଥ ହେଉଛି 'ହସ୍ତତା'। ଯେପରି ଆମର ବାମ ଏବଂ ଡାହାଣ ହାତ ପରସ୍ପରର ପ୍ରତିବିମ୍ବ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଗୋଟିକ ଉପରେ ଆଉ ଗୋଟିଏ ରଖିଲେ ତାହା ସମ୍ପୂର୍ଣ୍ଣ ଭାବେ ମିଶି ନ ଥାଏ, ପ୍ରକୃତିର ଅଣୁଗୁଡ଼ିକ କ୍ଷେତ୍ରରେ ମଧ ସମାନ ନିୟମ ପ୍ରଯୁଜ୍ୟ। ଏହି ପରସ୍ପରର ଦର୍ପଣ-ପ୍ରତିବିମ୍ବ ଭଳି ଦେଖାଯାଉଥିବା ଅଣୁଗୁଡ଼ିକୁ ବିଜ୍ଞାନ ଭାଷାରେ 'ଏନାନ୍ସିଓମର୍ସ' କୁହାଯାଏ। ଏହି ପରିପ୍ରେକ୍ଷୀରେ କାଇରାଲିଟିର ବିଭିନ୍ନ ଦିଗ ବିଷୟରେ ସମ୍ୟକ ଆଲୋଚନା ଉଚିତ ମନେ ହେଉଛି।

### ଜୀବନ ସରଞ୍ଜନାରେ ପ୍ରକୃତିର ଚୟନମୂଳକ ଭୂମିକା

ଯଦି ଆପଣ ଜୀବନର ମୌଳିକ ଗଠନ ପ୍ରଣାଳୀକୁ ଦେଖନ୍ତି, ତେବେ ଜଣାପଡ଼ିବ ଯେ ପ୍ରକୃତି ଆଶ୍ଚର୍ଯ୍ୟଜନକ ଭାବେ ପକ୍ଷପାତପୂର୍ଣ୍ଣ। ପୃଥିବୀର ପ୍ରତ୍ୟେକ ଜୀବ, କ୍ଷୁଦ୍ରତମ ବ୍ୟାକ୍ଟେରିଆଠାରୁ ଆରମ୍ଭକରି ବିଶାଳକାୟ ନୀଳ ତିମି ପର୍ଯ୍ୟନ୍ତ, ସମସ୍ତେ 'ବାମ-ହାତୀ' ଆମିନୋ ଏସିଡ ଏବଂ 'ଡାହାଣ-ହାତୀ' ଶର୍କରା ଦ୍ୱାରା ଗଠିତ। ଊନବିଂଶ ଶତାବ୍ଦୀରେ ଲୁଇ ପାଶ୍ଚର ପ୍ରଥମେ ଆବିଷ୍କାର କରିଥିଲେ ଯେ ଜୀବନର ଏକ 'ହସ୍ତତା' ବା ଦିଗ ରହିଛି। ଯେତେବେଳେ ସେ ଲକ୍ଷ୍ୟ କଲେ ଯେ ମଦ ପ୍ରସ୍ତୁତିରେ ବ୍ୟବହୃତ ଟାର୍ଟ୍ରେଟଗୁଡ଼ିକ ଆଲୋକକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ଘୂରାଉଛନ୍ତି, ସେବେଠାରୁ ଜୀବବିଜ୍ଞାନୀମାନେ ହୋମୋକାଇରାଲିଟିର ରହସ୍ୟ ସହିତ ସଂଘର୍ଷ କରୁଛନ୍ତି: ଜୀବନ କାହିଁକି କେବଳ ଗୋଟିଏ ପାର୍ଶ୍ୱକୁ ବାଛିଲା ? ଏହାର ଉତ୍ତର ଆଜି ବି ବିଜ୍ଞାନ ଜଗତର ସବୁଠାରୁ ବଡ଼ ରହସ୍ୟମୟ କାହାଣୀ ହୋଇ ରହିଛି।

ଏହା ପ୍ରାଥମିକ ସୌରମଣ୍ଡଳର ଧ୍ରୁବୀକୃତ ନକ୍ଷତ୍ର ଆଲୋକ ଯୋଗୁ ହୋଇଥାଉ କିମ୍ବା କୋଟି କୋଟି ବର୍ଷ ପୂର୍ବେ କୌଣସି ଏକ ଆକସ୍ମିକ ରାସାୟନିକ ଘଟଣା ହେତୁ ହୋଇଥାଉ, ଏହାର ପରିଣାମ ହେଉଛି ଆମ ଶରୀର ଏକ 'କାଇରାଲ ପରିବେଶ'। ଆମ ଶରୀରର ଏନଜାଇମ ଏବଂ ରିସେପ୍ଟରଗୁଡ଼ିକ ବାମ ହାତ ପାଇଁ ତିଆରି ହୋଇଥିବା ବିଶେଷ ଗ୍ଲୋଭସ ପରି ; ସେଥିରେ ଏକ ଡାହାଣ-ହାତୀ ଅଣୁ ସହଜରେ ଖାପ ଖାଇପାରିବ ନାହିଁ।

ଔଷଧ ଓ ଚିକିତ୍ସା ବିଜ୍ଞାନରେ 'ଯମଜ' ଅଣୁର ପ୍ରଭାବ ଅନେକ ସମୟରେ ଲାବୋରେଟୋରିରେ ତିଆରି ହେଉଥିବା ଔଷଧରେ ବାମ ଓ ଡାହାଣ-ହାତୀ ଅଣୁର ସମାନ ମିଶ୍ରଣ (ରେସିମେଟ) ଥାଏ। ଏହାର ପରିଣାମ ଭିନ୍ନ ଭିନ୍ନ ହୋଇପାରେ:

**ସକାରାତ୍ମକ:** ଇବୁପ୍ରୋଫେନ ଭଳି ଔଷଧର ଗୋଟିଏ ରୂପ କାମ କରୁଥିବା ବେଳେ ଅନ୍ୟଟି ନିଷ୍କ୍ରିୟ ରହେ।

**ସ୍ୱାଦ ଓ ଗନ୍ଧ:** କାଇରାଲିଟି ଯୋଗୁ ଗୋଟିଏ ଅଣୁ (ଲେମୋନିନ) ଲେମ୍ବୁ ପରି ବାସନା ହେଉଥିବା ବେଳେ ତା'ର ଦର୍ପଣ-ପ୍ରତିବିମ୍ବ କମଳା ପରି ବାସନା ହୁଏ।

**ବିପଜ୍ଜନକ:** ୧୯୫୦ ଦଶକର 'ଥାଲିଡୋମାଇଡ' ଦୁଃଖଦ ଘଟଣା ଏହାର ବଡ଼ ଉଦାହରଣ। ଏହି ଔଷଧର ଗୋଟିଏ ରୂପ ଶାନ୍ତିଦାୟକ ଥିଲା, କିନ୍ତୁ ଅନ୍ୟ ରୂପଟି ଭ୍ରୂଣର ବିକୃତି ପାଇଁ ଦାୟୀ ଥିଲା। ଏହା ପରଠାରୁ ଔଷଧର ପ୍ରତିଟି 'ହାତ'କୁ ପୃଥକ ଭାବେ ପରୀକ୍ଷା କରିବା ବାଧ୍ୟତାମୂଳକ ହୋଇଛି।

ପୃଥକୀକରଣ ଓ ଆସିମେଟ୍ରିକ ସିନ୍ଥେସିସ ଏହି ଯମଜ ଅଣୁଗୁଡ଼ିକୁ ପୃଥକ କରିବା ବଡ଼ କଷ୍ଟକର, କାରଣ ସେମାନଙ୍କ ଓଜନ ଓ ଗଣନାଙ୍କ ସମାନ। ବୈଜ୍ଞାନିକମାନେ ଏଥିପାଇଁ 'ତାଲା-ଚାବି' ପଦ୍ଧତି (କାଇରାଲ କ୍ରୋମାଟୋଗ୍ରାଫି) କିମ୍ବା ଏନଜାଇମର ସାହାଯ୍ୟ ନିଅନ୍ତି। ତେବେ ସର୍ବୋତ୍ତମ ପଦ୍ଧତି ହେଉଛି 'ଆସିମେଟ୍ରିକ ସିନ୍ଥେସିସ', ଯେଉଁଠାରେ ବିଶେଷ ପ୍ରକ୍ରିୟା ମାଧମରେ ପ୍ରଥମରୁ ହିଁ କେବଳ ଗୋଟିଏ ଦରକାରୀ 'ହାତ'ର ଅଣୁ ପ୍ରସ୍ତୁତ କରାଯାଏ। ଏହା ଏକ ଏପରି ପ୍ରଭାବଶାଳୀ କ୍ଷେତ୍ର ଯେ ଏଥିପାଇଁ ୨୦୦୧ ଏବଂ ୨୦୨୧ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏକ 'କାଇରାଲ କାଟାଲିଷ୍ଟ' (ଏକ କ୍ଷୁଦ୍ର ଆଣବିକ ଉପକରଣ ଯାହା ଏକ ଛାଞ୍ଚ ପରି କାମ କରେ) ବ୍ୟବହାର କରି ରସାୟନବିଜ୍ଞାନୀମାନେ ଏକ ରାସାୟନିକ ପ୍ରତିକ୍ରିୟାକୁ କେବଳ ଗୋଟିଏ ଦିଗରେ ଅଣୁ ଗଠନ କରିବା ପାଇଁ ବାଧ କରିପାରନ୍ତି। ଏହା ଏକ ଏପରି ଛାଞ୍ଚ ବ୍ୟବହାର କରିବା ସହ ସମାନ, ଯାହା କେବଳ ବାମ-ହାତୀ ଗ୍ଲୋଭସ ତିଆରି କରିବାକୁ ଅନୁମତି ଦିଏ। ଔଷଧ ଶିଳ୍ପ ପାଇଁ ଏହି ପଦ୍ଧତି ହେଉଛି 'ଗୋଲ୍ଡ ଷ୍ଟାଣ୍ଡାର୍ଡ' ବା ସର୍ବୋତ୍ତମ ମାନଦଣ୍ଡ, କାରଣ ଏହା ଅତ୍ୟନ୍ତ ଦକ୍ଷ ଏବଂ ଏଥିରେ କୌଣସି ଜିନିଷ ନଷ୍ଟ ହୁଏନାହିଁ।

### ଭବିଷ୍ୟତର ପ୍ରଯୁକ୍ତି

କ୍ୱାଣ୍ଟମ ଏନକ୍ରିପ୍ସନ ଓ ସ୍ପିନ୍ଟ୍ରୋନିକ୍ସ ଆଜି କାଇରାଲିଟି କେବଳ ରସାୟନ ବିଜ୍ଞାନରେ ସୀମିତ ନାହିଁ। ଆଲୋକର କାଇରାଲିଟି (ବୃତ୍ତାକାର ଧ୍ରୁବୀକୃତ ଆଲୋକ)କୁ ବ୍ୟବହାର କରି କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗରେ ଅତି ସୁରକ୍ଷିତ ତଥ୍ୟ ପଠାଯାଇପାରୁଛି। ନିକଟରେ ଆବିଷ୍କୃତ CISS (Chiral-Induced Spin Selectivity) ପ୍ରଭାବ ବ୍ୟବହାର କରି ଏପରି 'ସ୍ପିନ ଫିଲ୍ଟର୍' ତିଆରି କରାଯାଉଛି, ଯାହା କମ୍ପ୍ୟୁଟରକୁ ହଜାରେ ଗୁଣ ଅଧିକ ଦ୍ରୁତ ଓ ଶକ୍ତି-ଦକ୍ଷ କରିପାରିବ। ଏପରିକି ଜାଲିଆତି ରୋକିବା ପାଇଁ ଦାମୀ ସାମଗ୍ରୀରେ 'କାଇରାଲ କାଳି'ର ବ୍ୟବହାର କରାଯାଉଛି।

ମହାକାଶରେ ଜୀବନର ସନ୍ଧାନ ସବୁଠାରୁ ରୋମାଞ୍ଚକର କଥା ହେଉଛି, ପୃଥିବୀ ବାହାରେ ଜୀବନ ଖୋଜିବା ପାଇଁ କାଇରାଲିଟି ଏକ 'ବାୟୋସିଗ୍ନେଚର୍' ବା ଜୈବିକ ସଙ୍କେତ। ମହାକାଶର ପଦାର୍ଥ ବିଜ୍ଞାନ ସାଧାରଣତଃ ୫୦/୫୦ ର ମିଶ୍ରଣ ପସନ୍ଦ କରେ, କିନ୍ତୁ ଜୀବବିଜ୍ଞାନ କେବଳ ଗୋଟିଏ ପାର୍ଶ୍ୱକୁ ବାଛିଥାଏ। ଯଦି କୌଣସି ଗ୍ରହରୁ ଆମେ କେବଳ ଏକ-ପାଖିଆ ଅଣୁ ପାଉ, ତେବେ ସେଠାରେ ଜୀବନ ଥିବାର ସମ୍ଭାବନା ନିଶ୍ଚିତ ହେବ। ମର୍ଚିସନ ଉଲ୍କାପିଣ୍ଡରୁ ମିଳିଥିବା ସୂଚନା ଅନୁଯାୟୀ, ଆମ ଜୀବନର ଏହି 'ବାମ-ହାତୀ' ପ୍ରେମ ବୋଧହୁଏ ମହାକାଶରୁ ହିଁ ଆରମ୍ଭ ହୋଇଥିଲା।

ଶେଷରେ କାଇରାଲିଟି ପ୍ରମାଣ କରେ ଯେ ବ୍ରହ୍ମାଣ୍ଡ ଏକ ଅତ୍ୟନ୍ତ ସୂକ୍ଷ୍ମ ଓ ନିର୍ଦ୍ଦିଷ୍ଟ ନକ୍ସାରେ ଗଢ଼ା। ଆମ ଡିଏନ୍ଏର ସର୍ପିଳ ମୋଡ଼ଠାରୁ ଆରମ୍ଭ କରି ମହାକାଶର ଗଭୀରତା ପର୍ଯ୍ୟନ୍ତ, ଏହି ଆଣବିକ ସମତା ଓ ଅସମତାର ନୃତ୍ୟ ହିଁ ଜୀବନର ପ୍ରକୃତ ସତ୍ତା। ଏହି ରହସ୍ୟକୁ ବୁଝିବା ପାଇଁ ଭାଇବ୍ରେସନାଲ ସର୍କୁଲାର୍ ଡିକ୍ରୋଇଜିମ (ଭିସିଡି) ସ୍ପେକ୍ଟ୍ରୋସ୍କୋପି ଭଳି ଆଧୁନିକ ଉପକରଣ ଆଜି ବୈଜ୍ଞାନିକମାନଙ୍କ ପାଇଁ ଏକ ଶକ୍ତିଶାଳୀ ମାଧମ ସାଜିଛି।

-ରସାୟନ ବିଜ୍ଞାନ ବିଭାଗ, ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (NISER), ଭୁବନେଶ୍ୱର
ମୋ : ୯୧୭୮୩୧୧୧୮

# କିଡ୍‌ନୀର ଅକ୍ଷମତା



କିଡ୍‌ନୀ ଏପରି ଏକ ଅଙ୍ଗ, ଯାହା ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇପଡ଼ିଥିଲେ ମଧ ଅନ୍ୟ କିଡ୍‌ନୀଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ମିଳି ନ ଥାଏ। ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର୍' ବା ଏ.ଆର୍.ଏଫ୍.। କିଡ୍‌ନୀ ମଧ ଦେଇ ଯଥେଷ୍ଟ ରକ୍ତ ପ୍ରଭାବିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ତରଳ ଝାଡ଼ାବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶ ପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ପରିସ୍ରାର ପରିମାଣ କମିଯିବା, ଅଇ ଉଠାଇବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦୁଆ ଲାଗିବା, ଶ୍ୱାସକ୍ରିୟାରେ କଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ। ଏଭଳି ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଆପଣାନ୍ତୁ ସହଜ ଉପାୟ



ନିଜକୁ ସୁସ୍ଥ ରଖିବା ବର୍ତ୍ତମାନ ଏକ ପ୍ରଧାନ କଥା ପାଲଟି ଗଲାଣି। ପ୍ରଥମ କଥା ହେଲା, କୌଣସି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସବୁବେଳେ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖନ୍ତୁ। ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ସିଧାସଳଖ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଯୋଗ, ପ୍ରାଣାୟାମ ପାଇଁ ଯଦି କିଛି ସମୟ ଦେଲେ ତେବେ ତାହା ଆପଣଙ୍କୁ କେତେକାଂଶରେ ସୁସ୍ଥ ରଖିଥାଏ। ବିଶେଷଭାବରେ ଯଦି ଆପଣ ବ୍ଲଡପ୍ରେସର ବା ରକ୍ତଚାପ, ଡାଇବେଟିସ୍ କିମ୍ବା ଆଜ୍‌ମା ସମସ୍ୟା ସହ ଜଡିତ ତେବେ ଏନେଇ ନିଜକୁ ଯେତେ ସତର୍କ ରଖିବେ ସେତେ ଭଲ। ବୟସ ବଢ଼ିବା ସହ ଧୀରେ ଧୀରେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାକୁ କଦାପି ଅଣଦେଖା କରନ୍ତୁ ନାହିଁ। ଠିକ୍ ସମୟରେ ମେଡିସିନ୍ ଖାଆନ୍ତୁ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ବିଳମ୍ବରେ ଶୋଇବା କିମ୍ବା ରାତ୍ରଭୋଜନ କରିବା ଅଭ୍ୟାସକୁ ବଦଳାନ୍ତୁ। ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ।

## ଦାନ୍ତବିନ୍ଧା ସହ ସେଲ୍‌ର ସମ୍ପର୍କ

ଥଣ୍ଡା ଆଦି କେତେକ କାରଣରୁ ଦାନ୍ତମୂଳ ବିନ୍ଧିଥାଏ। ତେବେ ଏହା ସହ ସେଲ୍ ବା କୋଷର ସମ୍ପର୍କ ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ଦାନ୍ତବିନ୍ଧା ଏବଂ ସେଲ୍‌ର ସମ୍ପର୍କ' ବିଷୟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏକଥା ଜାଣିବାକୁ ମିଳିଛି। ଦାନ୍ତ ବିନ୍ଧିବା ପଛରେ ସେଲ୍‌ର କି ସମ୍ପର୍କ ରହିଛି ତାହା ଜାଣିବାକୁ ସେମାନେ ଏନେଇ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏହି ସେଲ୍‌ଟି ହେଉଛି 'ଆମେଲୋବ୍ଲାଷ୍ଟ'। ଏହି ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ। ତେବେ ଦାନ୍ତ ବିନ୍ଧାରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।



## ଅଧିକ ସମୟ ଭିଡିଓ ଗେମ୍ ଖେଳୁଥିଲେ...

ଭିଡିଓ ଗେମ୍ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା କେତେକ ସମସ୍ୟାକୁ ଡାକି ଆଣିଥାଏ। ଯେତେବେଳେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ, ସେତେବେଳେ ତାହା ନିଜର ଦୈନନ୍ଦିନ ଜୀବନଶୈଳୀକୁ କେତେକାଂଶରେ ପ୍ରଭାବିତ କରିବା ଆଶଙ୍କା ରହିଛି। ଭିଡିଓ ଗେମ୍ ଖେଳିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିବା କେତେକ ବ୍ୟକ୍ତିଙ୍କ ଉପରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀ ଏହାଦ୍ୱାରାପ୍ରଭାବିତ ହେଉଥିବାର ଜଣାପଡିଥିଲା।



## ଜାଣିରଖନ୍ତୁ



- ଆପଣଙ୍କର ନିଦ୍ରାଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ପ୍ରତିଦିନ କିଛି ଅଙ୍ଗୁର ଖାଇଲେ ତାହା ସୁନିଦ୍ରାରେ କେତେକାଂଶରେ ସହାୟକ ହୋଇଥାଏ।
- ରାତିରେ ଶୋଇବା ପୂର୍ବରୁ ପାଦକୁ ଭଲ ଭାବରେ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ଶୋଇବାକୁ ଯିବାର ଦୁଇ ଘଣ୍ଟା ପୂର୍ବରୁ ହେଭି ଏକ୍ସରସାଇଜ କରନ୍ତୁ ନାହିଁ।
- ସବୁବେଳେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ।
- ବେଡ୍ ରୁମ୍‌ର ପରିବେଶ ସୁନିଦ୍ରାରେ ଅନେକାଂଶରେ ସହାୟକ ହୋଇଥାଏ। ଏହାର ପରିବେଶ ସବୁବେଳେ ଶାନ୍ତ ରହିବା ଦରକାର।
- ଶୋଇବାକୁ ଯିବା ପୂର୍ବରୁ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ, ଆଉ ଏହି ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ପ୍ରଥମେ ବିଶ୍ରାମ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଯଦି ଶୋଇବାରେ ଏପଟ ସେପଟ ହୁଏ, ତେବେ ସେଥିଯୋଗୁ ମୁଣ୍ଡ ବିନ୍ଧିବା, ମୁଣ୍ଡ ବୁଲାଇବା, ହାଲିଆ ଲାଗିବା ଆଦି ସମସ୍ୟା ଦେଖାଦେଇଥାଏ। ପରବର୍ତ୍ତୀ ସମୟରେ ଏଗୁଡିକ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ବର୍ତ୍ତମାନ ଖରାଦିନ। ତେଣୁ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।
- ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବା ଯଦି ଅଭ୍ୟାସରେ ପରିଣତ ହୋଇଯାଇଛି ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଥିଯୋଗୁ ପେଟଜନିତ ରୋଗ ହେବାର ଆଶଙ୍କା ରହିଛି।
- କମ୍ପ୍ୟୁଟର ସାମ୍ନାରେ ବସି ଯଦି ସବୁବେଳେ କାମ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ମଝିରେ ମଝିରେ କାମରୁ କିଛି ସମୟ ବିରତି ନେଇ ଆଖି ଏବଂ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ମିଳିଥାଏ।
- ସ୍ନାୟୁଜନିତ ସମସ୍ୟା ଥିଲେ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଏବଂ ସ୍ନାୟୁ ଉପରେ ପଡ଼ିଥାଏ।
- ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। ହେଲେ ଖାଦ୍ୟ ଖାଇବାର ଠିକ୍ ପରେ ପରେ ଫଳମୂଳ ଖାଆନ୍ତୁ ନାହିଁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଶରୀର ପାଇଁ ବେଶ୍ ଉପକାରୀ।



# ବୃଦ୍ଧିପାଉଛି ପ୍ଲାଷ୍ଟିକ ପ୍ରଦୂଷଣ

ପ୍ଲାଷ୍ଟିକ ପ୍ରଦୂଷଣ ମଧ ସ୍ଥଳଭାଗରେ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି। ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ ବର୍ଷକୁ ପ୍ରାୟ ଏକ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଜଣାଯାଏ। ପ୍ଲାଷ୍ଟିକଜାତ ପଦାର୍ଥ ମଧ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସହ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ ଆବର୍ଜନା ସୋରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ, ଯାହାକୁ ସଫା କରିବା ପାଇଁ ବାର୍ଷିକ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ।







# ଓଡ଼ିଶା-ଚେନ୍ନାଇନ୍ ଏଫ୍‌ସି ମ୍ୟାଚ୍ ଡ୍ର’

**ଆଇଏସ୍ଏଲ୍**

ଭୁବନେଶ୍ୱର,୧।୩ (ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ୍ ୧-୧ ଗୋଲରେ ଡ୍ର’ ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳକୁ ୧ ଲେଖାଏ ପଏଣ୍ଟ ଦିଆଯାଇଛି। ଏଥିଯୋଗୁ ଓଡ଼ିଶା ଲଗାତର ଦୁଇ ମ୍ୟାଚ୍‌ରେ ଦୁଇ ଡ୍ର’ ସହ ପୂର୍ବ ଭଳି ନବମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ଚେନ୍ନାଇନ ଏହି ମ୍ୟାଚ୍ ଜରିଆରେ ପଏଣ୍ଟ ଖାତା ଖୋଲିଛି। ଦଳ ବର୍ତ୍ତମାନ ୧ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛି।

ଉଭୟ ଦଳ ସମାନ ୪-୪-୨ ଫର୍ମେଶନ ସହ ମ୍ୟାଚ୍‌କୁ ଓହ୍ଲାଇଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପ୍ରାୟତଃ ଗୋଲ ଶୂନ୍ୟ ରହିଥିଲା। ମାତ୍ର ଇଞ୍ଜୁରି ଟାଇମରେ ଚେନ୍ନାଇନ ଦଳକୁ ଏକ କର୍ନର ମିଳିଥିଲା। ଫାରୁକ ଚୌଧାରୀଙ୍କଠାରୁ ମିଳିଥିବା ଓଭର ହେଡ୍ ପାସକୁ ଏଲସିନୋ (୪୫+୨) ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଚେନ୍ନାଇନ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିକୁ ଏକ ଫ୍ରି-କିକ୍ ମିଳିଥିଲା। ଲାଲଥାଥଙ୍ଗା ଖଲରିଂଙ୍କଠାରୁ ମିଳିଥିବା ପାସକୁ କାର୍ଲସ ଡେଲଗାଡୋ ଗୋଲରେ କନଭର୍ଟ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହି ସ୍କୋର ଲାଇନ୍ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଶ୍ରେୟାଂଶ, ଆର୍ଯ୍ୟନ ଚାମ୍ପିୟନ

**ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ଫୁଲନଖରାସ୍ଥିତ ସିନର୍ଜି କ୍ୟାମ୍ପସରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ରବିବାର ଉଦ୍‌ଯାପିତ ହୋଇଛି। ଟ୍ରିପଲ ‘ସି’ ଚେସ୍ କ୍ଲବ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟର ର୍‌ୟାପିଡ୍ ବର୍ଗରେ କଟକର ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ ଓ ବ୍ଲିଜ୍‌ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିୟନ ହୋଇଛନ୍ତି। ରାପିଡ୍‌ରେ ଆର୍ଯ୍ୟନ ବେହେରା ରନରଅପ୍ ହୋଇଥିବାବେଳେ ଓମ୍ ଆଦିତ୍ୟ ଖାଡ଼ଙ୍ଗା, ନିଲସୁ ପଟ୍ଟନାୟକ ଓ ଲଭ୍ୟଜ୍ୟୋତି ରାଉତରାୟ ଟପ୍-୫ ଫିନିଶ୍ କରିଥିଲେ। ସେହିପରି ବ୍ଲିଜ୍‌ରେ କେନ୍ଦ୍ରାପଡ଼ାର ଲଭ୍ୟଜ୍ୟୋତି ରାଉତରାୟ ରନରଅପ୍ ହୋଇଥିବାବେଳେ ତପନ ବଡ଼ମୁଣ୍ଡି, ଫକୀର ମାଝି ଓ ଅମ୍ଳାନ ପ୍ରଧାନ ଶୀର୍ଷ ୫ ସ୍ଥାନରେ ରହିଥିଲେ। ଉଭୟ ର୍‌ୟାପିଡ୍ ଓ ବ୍ଲିଜ୍ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଆଗାମୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଝାଡ଼ଖଣ୍ଡର ରାଞ୍ଚିଠାରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, କ୍ରୀଡ଼ା ଅଧିକାରୀ ସମରେନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ବିଶ୍ୱଜିତ ରାୟ ଓ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୂରଜ କୁମାର ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଅନୁପମ ପୁରୁଷ, ଦୀପ୍ତିରାଣୀ ମହିଳା ପ୍ରଥମ

ଭୁବନେଶ୍ୱର, ୧।୩ (ବିଜୟ ରଣା)

କଳିଙ୍ଗ ରନର୍ସ ଟ୍ରଷ୍ଟ ଆନୁକୂଲ୍ୟରେ ନିସମ କନସଲ୍ଟି ସହଯୋଗରେ ନିସମ ଭୁବନେଶ୍ୱର ମାରାଥନ୍‌ର ୭ମ ସଂସ୍କରଣ ରବିବାର ଚନ୍ଦ୍ରଶେଖରପୁରର ଆରଟିଓ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ୨୧କିଲୋମିଟର ପୁରୁଷ ବର୍ଗରେ ଅନୁପମ ମହତା,ରଶ୍ମିରଞ୍ଜନ ନାୟକ ଏବଂ ପଙ୍କଜ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ମହିଳା ବର୍ଗରେ ଦିପ୍ତିରାଣୀ ସାହୁ, ପୂଜା ସିଂ ଓ ନୀତା ପ୍ୟାରେଲାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିଭଳି ୧୦ କିଲୋମିଟର ପୁରୁଷ ବର୍ଗରେ ପବନ କୁମାର ଯାଦବ, ଦୋଳମଣି ଚିରଗୁଣ, ଦୟାନିଧି ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳାବର୍ଗରେ ସାକ୍ରା ମୁର୍ମୁ, ପ୍ରଥମ, ଭାବନା ସାହୁ, ଦ୍ୱିତୀୟ ଓ କ୍ଲାଉଡିୟା, ତୃତୀୟ ସ୍ଥାନ ଅଧିକାର କରିଥିଲେ। ୫ କିଲୋମିଟର ବର୍ଗରେ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସମସ୍ତ ଧାବକ ଓ ଧାବିକାମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା। ପାରାଲିମ୍ପିକ ଚାମ୍ପିୟନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ଖୋର୍ଦ୍ଧାର ଏସ୍‌ପି ବିବେକାନନ୍ଦ ଶର୍ମା, ଏବଂ ପୂର୍ବତଟ ରେଳପଥର ଡେପୁଟି ଚିଫ୍ କମର୍ସିଆଲ୍ ମ୍ୟାନେଜର ପ୍ରୀତି ରାଣା, ଆଇଆରଟିଏସ, ଡେପୁଟି ଚିଫ୍ କମର୍ସିଆଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ରହି ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ, କଳିଙ୍ଗ ରନର୍ସ ଟ୍ରଷ୍ଟର ସ୍ୱାତୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ଆଥଲେଟ୍।

# ଦ. ଆଫ୍ରିକାର ବିଜୟଧାରା ଜାରି

**ନୂଆଦିଲ୍ଲୀ,୧।୩:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ଜିମ୍ବାୱେକୁ ପରାସ୍ତ କରିଛି। ଜିମ୍ବାୱେ ଦ୍ୱାରା ପ୍ରଦତ୍ତ ୧୫୪ ରନର ଟାର୍ଗେଟକୁ ଦ. ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଦକ୍ଷିଣ ଆଫ୍ରିକା ଅପରାଜେୟ ଭାବେ ସୁପର-୮ ପର୍ଯ୍ୟାୟ ଶେଷ କରିଛି। ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ରଜାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଆସନ୍ତା ୪ ତାରିଖରେ ଦକ୍ଷିଣ ଆଫ୍ରିକା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପାଇଁ ଅଧିନାୟକ ସିକନ୍ଦର ରଜା ୪୩ ବଲରେ ୭୩ (୮ ଚୌକା ଓ ୪ ଛକା) ଓ କ୍ଲାଇଭ ମାଡାଣ୍ଡେ ୨୦ ବଲରେ ଅପରାଜିତ ୨୬ (୩ ଚୌକା) ରନ କରିଥିଲେ। ଦ. ଆଫ୍ରିକା ପାଇଁ କ୍ୱେନା ମାଫାକା ଓ କର୍ବିନ ବୋଶ୍ଚ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଖୁବ ଶସ୍ତାରେ ଦୁଇ ଓପନର ଅଧିନାୟକ ଏଡେନ ମାରକ୍ରମ (୪) ଓ କ୍ୱିଣ୍ଟନ ଡି କକ୍ (୦)ଙ୍କ ଉଇକେଟ ହରାଇଥିଲା। ଉଭୟଙ୍କୁ ରଜା ପାଭିଲିଅନ ବାଟ ଦେଇଥିଲା। ହେଲେ ରିୟାନ ରିକଲଟନ ୨୨ ବଲରେ ୩୧ (୪ ଛକା), ଡେୱାଲ୍ଡ ବ୍ରେଭିସ ୧୮ ବଲରେ ୪୨ (୨ ଚୌକା ଓ ୪ ଛକା) ଓ ଡେଭିଡ୍ ମିଲର ୨୨(୨ ଲେଖାଏ ଚୌକା ଓ ଛକା) ରନ କରି ଦଳକୁ ଆଗେଇ ନେଇଥିଲେ। ଟ୍ରିଷ୍ଟାନ ଷ୍ଟବ୍ସ (୨୧) ଓ ଜର୍ଜ ଲିଣ୍ଡେ (୩୦ ରନ, ୨ ଚୌକା ଓ ୧ ଛକା) ଅବିଭାଜିତ ଷଷ୍ଠ ଉଇକେଟରେ ୫୩ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଫଳରେ ଦ. ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟ ହରାଇ ୧୫୪ ରନ କରି ନେଇଥିଲା। ଜିମ୍ବାୱେ ପାଇଁ ରଜା ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ: ୨୦ ଓଭରରେ ୧୫୩/୭ (ସିକନ୍ଦର ରଜା-୭୩, କ୍ଲାଇଭ ମାଡାଣ୍ଡେ-୨୬*; କ୍ୱେନା ମାଫାକା-୨/୨୧, କର୍ବିନ ବୋଶ୍ଚ-୨/୪୦)। ଦ. ଆଫ୍ରିକା: ୧୭.୫ ଓଭରରେ ୧୫୪/୫(ଡେୱାଲ୍ଡ ବ୍ରେଭିସ-୪୨, ରିୟାନ ରିକଲଟନ-୩୧, ଜର୍ଜ ଲିଣ୍ଡେ-୩୦*; ସିକନ୍ଦର ରଜା-୩/୨୯, ବ୍ରାଡ ଇଭାନ୍ସ-୧/୨୨)।

# ଭାରତୀୟ ଦଳରେ ଓଡ଼ିଶାର ସୁନେଲିତା

**ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର**

ହାଇଦ୍ରାବାଦ, ୧।୩ (ପି.ଟି.)

ମହିଳା ବିଶ୍ୱକପ୍ କ୍ୱାଲିଫାୟର ପାଇଁ ରବିବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଭେଟେରାନ ଗୋଲ୍‌କିପର ତଥା ପୂର୍ବତନ ଅଧିନାୟିକା ସବିତା ପୁନିଆ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ମିଡ୍‌ଫିଲ୍ଡର ସାଲିମା ଟେଟେ ଦଳର ନେତୃତ୍ୱ ନେବେ। ଏହି ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ସୁନେଲିତା ଟୋପ୍ପୋଙ୍କୁ ସ୍ଥାନ ମିଳିଛି।

ହାଇଦ୍ରାବାଦରେ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ କ୍ୱାଲିଫାୟର୍ସ ମାର୍ଚ୍ଚ ୮ରୁ ୧୪ ପର୍ଯ୍ୟନ୍ତ ହେବ। ୨୦୨୬ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡ୍ସରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ୩ଟି କ୍ୱାଲିଫିକେଶନ ସ୍ଥାନ ପାଇଁ ଆୟୋଜକ ଭାରତ, ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ପ୍ରତିଯୋଗିତାରେ ଭାଗ ନେବେ। ଦଳଗୁଡ଼ିକୁ ଦୁଇ ବିଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ୍ ‘ଏ’ରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ‘ବି’ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ରହିଛନ୍ତି। ଖବର ଅନୁସାରେ ସବିତା ପାରିବାରିକ କାରଣରୁ ଛୁଟିରେ ଅଛନ୍ତି। ଖବର ଅନୁସାରେ ସବିତା ପାରିବାରିକ କାରଣ ଦର୍ଶାଇ ଟୁର୍ନାମେଣ୍ଟ ପୂର୍ବରୁ ଜାତୀୟ କ୍ୟାମ୍ପରେ ଯୋଗଦାନ କରି ନ ଥିଲେ। ତେଣୁ ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ସାଲିମା ଅଧିନାୟିକା ପଦ ବଜାୟ ରଖିଥିବା ବେଳେ ବଂଶାରି ସୋଲାଙ୍କି ଓ ବିଚୁ ଦେବୀ ଖରିବାମ୍ ଗୋଲ୍ କିପିଙ୍ଗ ଦାୟିତ୍ୱ ନିର୍ବାହ କରିବେ। ଟୁର୍ନାମେଣ୍ଟରେ ଭାରତ ପ୍ରଥମେ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳିବାକୁ ଥିବା ବେଳେ ପରେ ମାର୍ଚ୍ଚ ୯ ଓ ୧୧ରେ ଯଥାକ୍ରମେ ସ୍କଟଲାଣ୍ଡ ଓ ୱେଲ୍ସକୁ ଭେଟିବ।

# ସିନ୍ଧୁ ବର୍ତ୍ତମାନ ସୁରକ୍ଷିତ

**ନୂଆଦିଲ୍ଲୀ, ୧।୩ (ପି.ଟି.):** ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ସମୟରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ କିପରି ଭୟ ଓ ଆଶଙ୍କା ମଧ୍ୟରେ ଅଟକି ରହିଥିଲେ ତାହା ବର୍ଣ୍ଣନା କରିଛନ୍ତି। ସିନ୍ଧୁଙ୍କ ସହିତ ତାଙ୍କ ଇଣ୍ଡୋନେସୀୟ କୋଚ୍ ଇରୱାନସ୍ୟା ଆଦି ପ୍ରତିମା ମଧ୍ୟ ଥିଲେ। ସେମାନେ ବିମାନବନ୍ଦରରେ ଅବତରଣ କରିବାର ମାତ୍ର କିଛି ସମୟ ମଧ୍ୟରେ ବିମାନବନ୍ଦରଠାରୁ ପ୍ରାୟ୧୦୦ମିଟର ଦୂରରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ଏହାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳ ଦୋହଲି ଉଠିଥିଲା। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ବର୍ତ୍ତମାନ ସେମାନେ ଏକ ହୋଟେଲରେ ସୁରକ୍ଷିତ ଅଛନ୍ତି। ସିନ୍ଧୁ ଅଲ ଇଂଲଣ୍ଡ ଓପନ ବ୍ୟାଡମିଣ୍ଟନ ଖେଳିବା ଲାଗି ଦୁବାଇରୁ ଲଣ୍ଡନ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା।

# ପ୍ରଥମ ସ୍ଥାନରେ ଉତ୍କଳ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର,୧।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ୬ଦିନ ବ୍ୟାପୀ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗୀ ଓ କ୍ରୀଡ଼ା ଅଧିକାରୀଙ୍କ ଶିଷ୍ଟାଚାରପୂର୍ଣ୍ଣ ଖେଳ ପ୍ରଦର୍ଶନ, ଶୃଙ୍ଖଳିତ ଆଚରଣ, କ୍ରୀଡ଼ା ମନୋଭାବ ଓ ସହଯୋଗିତାକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ନିବେଦିତା ନାଥ ଯୋଗଦେଇ କ୍ରୀଡ଼ା ଭବିଷ୍ୟତ ଜୀବନକୁ ଶୃଙ୍ଖଳିତ କରେ ବୋଲି ବକ୍ତବ୍ୟରେ କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ରମୋହନ ନାୟକ ମଞ୍ଚାସୀନ ଥିଲେ। ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ୧୧ଟି ବର୍ଗର ୨୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରୁଷ ଓ ମହିଳା ଉଭୟ ବର୍ଗରେ କ୍ରିକେଟ୍, ଫୁଟବଲ୍, କବାଡ଼ି, ହକି, ଖୋ-ଖୋ, ବାସ୍କେଟବଲ୍, ଭଲିବଲ୍, ଟେବୁଲ୍ ଟେନିସ୍, ଚେସ୍, କ୍ୟାରମ୍ ଓ ବ୍ୟାଡମିଣ୍ଟନ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନ୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମସ୍ତ ଦଳକୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ପରିଷଦ ଉପନିର୍ଦ୍ଦେଶକ ଅମିତ କୁମାର ଶର୍ମା, ବିଶ୍ୱବିଦ୍ୟାଳୟ ପିଇଓ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସହାୟକ ପ୍ରଫେସର ଶଶାଙ୍କ ଶେଖର ଗଡ଼ନାୟକ ଓ ରାଜଶ୍ରୀ ଦତ୍ତ ମଞ୍ଚ ସଂଯୋଜନା କରିଥିଲେ।



ବିଜେତା ମହିଳା ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ ବ୍ରୋଞ୍ଜ



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶାର ପଦକ ବିଜେତା କରାଟେକା।

**ଜାତୀୟ କରାଟେ ପ୍ରତିଯୋଗିତା**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ୩ ସ୍ୱର୍ଣ୍ଣ ସହ ମୋଟ ୮ ପଦକ ମିଳିଛି। ଏହା ମଧ୍ୟରେ ୨ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ରବିବାର ଅନ୍ତିମ ଦିବସରେ ଅନୁଷ୍ଠିତ ସିନିୟର ମହିଳା ଟିମ୍ କାଟାରେ (ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି) ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ସିନିୟର ମହିଳା ଟିମ୍ ଫାଇଟିଂ (ଅନୁପମା ସ୍ୱାଇଁ, ସୋନାଲୀ ପାଣିଗ୍ରାହୀ, ଲୋମା ସ୍ୱାଇଁ, ବ୍ରତତୀ ବିଶ୍ୱପ୍ରଭା ପତି, ମୋନାଲି ସାହୁ) ଏବଂ ସିନିୟର ପୁରୁଷ ଟିମ୍ କାଟା (ଯୋଗେଶ ବରିହା, କ୍ରୀଷ୍ଣା ଶିକାରୀ, ମହେଶ ଡୋରା, କାମେଶ ମହାପାତ୍ର)ରେ ଓଡ଼ିଶାକୁ ବ୍ରୋଞ୍ଜ ପଦକ ମିଳିଛି। ଦଳ ସହ ରାଜୀବ କୁମାର ସିଂ ରେଫରି, ଅବିନାଶ ପୁନ୍ଦିର ପ୍ରବନ୍ଧକ ଏବଂ କୋଚ ଭାବେ ଖାରବେଳ ମଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା ଓ ସିନ୍ଧୁ ତନୟା ଖୁଣ୍ଟିଆ (ମହିଳା ପ୍ରବନ୍ଧକ) ଦଳ ସହ ଯାତ୍ରା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, ବରିଷ୍ଠ ଆଡ୍‌ଭୋକେଟ କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଶାନ୍ତ ଧଳ, ପ୍ରଦୀପ ସରକାର, ପ୍ରକାଶ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ